

# ବିହାରୀ ଗୋସେଇଁ ଘୋଡା

ଚନ୍ଦ୍ରମଣି ପଣ୍ଡା

ପ୍ରଥମ ପ୍ରକାଶ

୧୯୭୧

ଲେଖକ ଓ ପ୍ରକାଶକ

ଚନ୍ଦ୍ରମଣି ପଣ୍ଡା

ପୋ:-ଯାଜପୁର, କଟକ

—ପ୍ରାପ୍ତି ସ୍ଥାନ—

ନରସିଂହ ପୁସ୍ତକାଳୟ, ଯାଜପୁର

କଟକର ବଡ଼ ବଡ଼ ବହି ଦୋକାନ

—ମୁଦ୍ରଣ—

ମୁଦ୍ରଣ ମନ୍ଦିର, ଯାଜପୁର

—ମୂଲ୍ୟ—

ଅବନ୍ଧା—ଟ ୨·୦୦

ବନ୍ଧେଇ—ଟ ୨.୭୫

ଇତି ଶ୍ରୀ ମଦ୍ଭାଗବତେ ମହାପୁରାଣେ ... .. ... ... ...

ଇତ୍ୟାଦି ଲେଖିବା ପାଇଁ ଆପଣ ମାନଙ୍କର ପରମପୂଜ୍ୟ ଶ୍ରୀ ଜଗନ୍ନାଥ ଦାସଙ୍କୁ କେତେ ସମୟ ଲାଗିଥିଲା ତାହା ହୁଏତ ଆପଣମାନେ ଜାଣନ୍ତି । କିନ୍ତୁ ଆମ୍ଭେ ଏକଥା ହଲପ ପ୍ରମାଣେ କହି ପାରୁଁ ଯେ ଆମ୍ବ-ଚଟିଣି ସହିତ କାଳିଆ ଗୁଡ଼, ଲଙ୍କା-ଜିରା ଗୁଣ୍ଡର ଛୁଙ୍କିଣି ଦେଇ ନପାରିଲେ ତାହା ଖଟା ହେବ ନାହିଁ । ହୁଏତ ଖଟା ମିଠା ଓ ମସଲିଆ ହୋଇପାରେ ।

'ବହାଘ ଗୋସେଇଁ ଘୋଡ଼ା' ମଜାଗପ ବହି ଖଣ୍ଡିଏ । ଗପଗୁଡ଼ିକ 'ଡଗର'ରେ ପ୍ରକାଶ ହୋଇଛି । ସଂପାଦକ ଓ ପ୍ରକାଶକଙ୍କ ଦାନ୍ତ ନେଫେଡ଼ା-ସୂଚକ ଅନୁମତି ପ୍ରାପ୍ତ ହୋଇ ଆମ୍ଭେ ସେଗୁଡ଼ିକୁ ଏକାଠି କରି କଟାପ ଗ୍ରନ୍ଥ ମାର୍କେଟକୁ ଛାଡ଼ିଲୁଁ । ଆଜି କାଲି ବଜାରରେ ଆମ୍ବିଳା ଅଙ୍ଗୁର ସହ ନକଲି କାଜୁ-ବାଦାମ ବିସ୍କୁଟ ଖାଇବାକୁ ଆପଣମାନେ ଖୁସି ହେଉଥିବା ଦେଖି ମଜାଗପ ବହି ବନେଇବାକୁ ଚେଷ୍ଟା ପଚାଇଲୁଁ । ନହେଲେ କି ଲୋଡ଼ା ଥିଲା ନୂଆ ରଜଧାନୀର ପିଚୁ-ରାସ୍ତାରେ ନରାଟ ଖସରେ ଖାଲି ଗୋଡ଼କେ ଚାଲିବା ?

ଆମର ପରମପ୍ରିୟ ହାସ୍ୟରସିକ ଓ ସାଧାଣତ ହର୍ଷିକ ଶ୍ରୀ ଫତୁରାନନ୍ଦ ଜୀଉଙ୍କ ଉତ୍ସାହ ଓ ଉସକାଣିରେ 'ବହାର ଗୋସେଇଁ ଘୋଡ଼ା' ବାହାରକୁ ଆସିଥିବାରୁ ଆମ୍ଭେ ପ୍ରୋକ୍ତ ଶ୍ରୀ ଫତୁରାନନ୍ଦ ଜୀଉଙ୍କୁ ସାଷ୍ଟାଙ୍ଗ ସଶରୀର ସାଙ୍ଗାପୁ ସାପୁଧାପୁ ଦଣ୍ଡବତ ଜଣାଇ ଦେଉଛୁ ।

। ଇତି । ଶ୍ରୀ 'ବିହାରୀ ଗୋସେଇଁ ଘୋଡ଼ା'

ଚନ୍ଦ୍ରମଣି ପଣ୍ଡା
ଯାଜପୁର

# ପାଇଖାନୋପାଖ୍ୟାନଂ

ହେ କଳିଙ୍ଗ-କୁଳାଙ୍ଗାର ଉତ୍କଳ-ପ୍ରାନ୍ତର ଅଧିବାସୀଗଣ । ଆମ୍ଭେ ଅଦ୍ୟ ମାଘେ ମାସେ, କୃଷ୍ଣ ପକ୍ଷେ ଭୌମ ବାସରେ, ଅମାବାସ୍ୟାୟାଂ ତିଥୌ ତୁମ୍ଭମାନଙ୍କୁ ଅସ୍ୟ ପାଇଖାନୋପାଖ୍ୟାନଂ ନାମା ଗଦ୍ୟ-କାବ୍ୟ ଶ୍ରବଣ କରାଇବୁଁ । ତୁମ୍ଭେମାନେ ଏହା ପଠନ, ଶ୍ରବଣ ଅବା ମନନ କରିବା ସମୟେ ଚଉକି, ଚଟେଇ, ସତରଞ୍ଜି ବା ସପ ଇତ୍ୟାଦି ଆସନରେ ନବସି ନିଜର ନିକଟବର୍ତ୍ତୀ କାନ୍ଥ ସନ୍ନିକଟରେ ଆଉଜି ବସିବାକୁ ପରାମର୍ଶ ଦେଉଅଛୁଁ । ଏ ପ୍ରକାରରେ ବସିଲେ ମଳଦ୍ୱାର-ନିର୍ଗତ ଜଳୀୟ ବସ୍ତୁର ନିଷ୍କାସନ ସହଜେ ଓ ସୁକ୍ଷେ ହୋଇ ଯାଇ ପାରିବାର ଅନୁମାନ କରୁଁ । ଅତଃ ଉପାଖ୍ୟାନଂ

ଦିନେ ଏହି ଅଧମ ଗୋଟିଏ ବେଦରକାରି କାମରେ ବାହାର ପଡ଼ିଲି କଟକ । ମଫସଲିଆ ମଣିଷ କଟକ ଯିବା ଯାହା—କଂଗ୍ରେସ ଦଳରୁ ଟିକଟ ନପାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଭୋଟ ଲଢ଼ିବା ସେୟା । କୁଳ କିନାର ନାହିଁ । ହେଲେ ହେଲା, ନହେଲେ ମୂଳରୁ ଗଲା । ପାଞ୍ଚବର୍ଷ ତଳର ଗାନ୍ଧି-ଜୟନ୍ତୀରେ ଦାମ୍ କମ୍ ଥିବା ବେଳେ ଖର୍ଦ୍ଦି ହୋଇ ସୁଟ୍‌କେଶ୍‌ରେ କାର୍ଯ୍ୟୋପଲକ୍ଷେ ବ୍ୟବହାର ପାଇଁ ସାଇତା ହୋଇ ରହିଥିବା ଏକଖଣ୍ଡ ସାତହାତି

ଖଦଡ଼ ଧୋତି, ଖଣ୍ଡେ ମାଳ ବୁଢ଼ୀଦଣ୍ଡିଆ ଚଦର, ଖଣ୍ଡେ ଠଙ୍କାକଥା ଖଦଡ଼ ମୁଣିର ସମ୍ଭାରରେ ସଜ୍ଜିତ ଏ ବାପୁଡ଼ା ଯେତେବେଳେ କଟକାଭିମୁଖରେ ଯାତ୍ରାରମ୍ଭ କଲା ସେ ସମୟରେ କୁକୁରମାନେ ଭୁକଭୁକ ଯାତ୍ରାର ପ୍ରଥମ ମଙ୍ଗଳାଚରଣ କରିଥିଲେ । ଯା’ ହେଉ ବହୁ ବାଧାବିଘ୍ନ ଅତିକ୍ରମ କରି ଅଧମ ସନ୍ଧ୍ୟା ସରିକି କଟକାନ୍ତ-ର୍ବର୍ତ୍ତୀ ଏକ ବାସଭବନାସୀନ ହେଲା ।

ଏଥିଠାରୁ ହିଁ ଆପଣ ସତର୍କ ହୋଇ, ଧୀରେ ଅଥଚ ପରି-ଷ୍କାର ଭାବରେ ଅଧମର ପେଟ (କେହି କେହି ଆନକଟ ବୋଲି କହି ଥାନ୍ତି) କଥା ଶୁଣନ୍ତୁ । ମୋ ପେଟର ଘଡ଼ ଘଡ଼ ଶବ୍ଦ ଶୁଣିଲେ ଆପଣ ଦୁନିଆର ସବୁ ଦୁଃଖ କଷ୍ଟ ଭୁଲି ଯିବେ । ବରା, ପକୁଡ଼ି, ଆଳୁଚପ, ପିଆଜି, ଆଳୁଦମ୍, ଧୋକା ଚେନାଚୁର, ଝୁଡ଼ିଭଜା ଇତ୍ୟାଦି ବିଶୁଦ୍ଧ ହ୍ୱାଇଟ୍ଅଏଲ୍ ତିଆରି ଜିନିଷ ଖାଇଦେଇ ସାମାନ୍ୟ ପାଣି ପିଇ ଦେଇ; ପେଟର ଉପର ତଳ ତିନିଥର ହାତ ବୁଲେଇ ଆଣିଲେ; ଖାଣ୍ଡବ ବନ ଦହନ ପରି ସବୁ ସଫା ହୋଇଯାଏ । ସାମାନ୍ୟ କେତେ ଘଣ୍ଟା ପରେ ଗୋଟିଏ ବିଷ୍ଟୁପୁଷ୍ପ ତାଳରେ ତାଳେ ପାଣିଧରି ଦୌଡ଼ିବାକୁ ପଡ଼େ ବାହାରକୁ । ରାସ୍ତା କଡ଼ ନଇଁଞ୍ଜୁରିରେ ତଳ ମୁହାଁ ହୋଇ ବସି ପଡ଼ିବା ପରେ, ଏକା ଥରକେ-‘ଭ-ଡ୍ର-ର-ର-ର; ସାଫ୍’—ଗ୍ରମ୍, ଗ୍ରମ୍ ।

ସେ ଦିନ କଟକରେ ସାବଧାନ ସହକାରେ ରାତିଟା କଟିଲା । ନିର୍ବାଚନ ସଭାରେ ଘଁ ଘଁୟାଁ ମାଇକ୍ ପରି ପେଟରୁ ସଙ୍ଗୀତର କଳ-ରୋଳ ଛୁଟିଥାଏ । ଫଂ ଫାଁ ଭଁ ଭାଁଆ, ହାସ୍ ଉ-ଉ, ସାମାନ୍ୟ ବେହୁସିଆର ହେବା ମାନେ ମଳଦ୍ୱାର ନିର୍ଗତ ତରଳ-ଜଳ-ସ୍ରୋତରେ ହୁଏତ ମୁଁ ନିଜେ ଏବଂ ମୋର ଆଶ୍ରୟଦାତା ପରମ

ବନ୍ଧୁ ନମ୍ବୋଦର ବାବୁ ପୂର୍ଣ୍ଣ ରୂପେ ଭାସିଯାଇ ପାରନ୍ତ । ସେ ଅବସ୍ଥାଟା କେବଳ ଅନୁଭବ କଲେ ଜାଣିବେ । ସଙ୍କଟ ଜନକ ଅବସ୍ଥା । ଗତି ଘୁରା ପାନ୍ଥି ନଥାଏ । ମନରେ ମୋର କଳ୍ପନାରେ ରୂପ ନେଇଥାଏ ଏକ ସୁସଜ୍ଜିତ ପାଇଖାନା ଓ ତଦୁପରି ଉପବେଶ-ନାନ୍ତେ ନଗମନ ଏବଂ ତହିଁର ପରବର୍ତ୍ତୀ ଆନନ୍ଦ-ଉଲ୍ଲାସ । ଖୋର୍ଦ୍ଧା ଲୁଙ୍ଗି ମାରି ମୁଗୁର-ମାର୍କା ଚପଲ ଘୋଷାରି ଘୋଷାରି, କାଲୁ-ବଜାରି ଷ୍ଟାଇଲ୍‌ରେ ପାଇଖାନାକୁ ଚାଲିଗଲା ବେଳେ ନୟାବଜାରର ସେଠ୍ ବହାରି ଲାଲ୍ ବି ରାସ୍ତା ଛାଡ଼ିଦେବ । ଇହାପ ଅଭାବ କଣ ? ପାଇକାଳ ନଶ— ସାଆଁ ଭିଆ ପେଟ— ଗଞ୍ଜେଇଆ ଆଖି—ଗାନ୍ଧିମାର୍କା ଗୋଡ୍ଡା ନାଁ-ଆଜ ସବୁ ହେବନି-ବେଳୁବେଳ ପେଟର ସ୍ୱର ପ୍ରବଳ ଭାବେ ଉତ୍ତୋଳିତ ହେଲା । ଠିକ୍ ସେତିକିବେଳେ ଗୋଟାଏ ବାଙ୍କାବଜାରି ମଶା, ରାତିପାହିଗଲା ବୋଲି ଭାବି ମଶାରିବାଡ଼ାରେ ବସି ମଙ୍ଗଳାଚରଣ ଗାନ କରୁଥାଏ । ଲୁଙ୍ଗି ଖଣ୍ଡିକ ଟାଣି ଆଣି ବେଡ଼େଇ ହୋଇ ପଡିଲା ବେଳକୁ ଦେଖିଲି—ଏହେ ଚିରା । ସେ ଚିରାଟା ପୁଣି ଠିକ୍ ଅସଲ ଜାଗାରେ ପଡୁଥାଏ । ଟିକେ ଏପାଖ ସେପାଖ ନୁହେଁ । ସୁନନ୍ଦା-ପାରାଦ୍ୱୀପ ରାସ୍ତା କୋଟି କୋଟି ଟଙ୍କା ଖର୍ଚ୍ଚରେ ତିଆରି ହୋଇ ହୋଇ ସେଥିରେ ମାଇଲ ମାଇଲ୍ ଫେଟ ପଡୁଛି-ମୋରି ଅଢେଇ ବର୍ଷ ବୟସର ଲୁଙ୍ଗିଟାରେ ସାମାନ୍ୟ ଚିରା ବା କଣ କ୍ଷତିକାରକ ? ସେ ଚିରାଟା ପୁଣି ଇମିତିକା ଜାଗାରେ ପଡ଼ିଥିଲା, ଯେଉଁଠିକି ମୁହଁ ଟେକି ଚାହିଁବାକୁ କେହି ସାହସ କରିବେ ନାହିଁ । ତେଣୁ ସେଇ ଲୁଙ୍ଗିଟାକୁ ବଦଳେଇ ନେଲି ଚଟ୍‌ଦସ ।

ଗୋପୀ-ବସ୍ତ୍ରହରଣ ତ ମୁହେଁ ମୁହେଁ ମୁଖସ୍ଥ ଥିଲା । ତେଣୁ କାଳ ବିଳମ୍ବ ନକରି, ଡାଳ ଖଣ୍ଡିକ ଧରି, ଗୋଟେ ହାତକୁ

ସେଠି ଡ୍ରାଙ୍କି ରଖି ଏକା ଦଉଡ଼ିକେ ଯାଇ ପାଇଖାନା ଦୁଆରେ ଲାଇନ୍ ଭିତରେ ଠିଆହେଲି । କଟକ ଟାଉନ୍‌ର ଅଣ୍ଡେସାଗ୍ମି ମିନିସିପାଲ୍‌ଟି ପାଇଖାନା ସାମ୍‌ନାରେ ମୋର ରହିଥାନ୍ତି ଚଉଦର ଜଣ ଲୋକ । ଯେଉଁମାନେ ନିଶ୍ଚୟ ଜଣପିଛା ତିନି ମିନିଟ କରି ସମୟ ନେବେ ଆପଣାର ହଗା-କର୍ମ ସମାପନ କରିବାକୁ, ପଇଁ-ତାଳିଶ ମିନିଟ୍ କାଳ ଲାଇନ୍‌ରେ ଠିଆ ହୋଇ ରହିବା କଳ୍ପନା ମୋ ମୁଣ୍ଡକୁ ପାଗଳ କରିଦେଲା । ମୋର ଅଣ୍ଟାଠାରୁ ଗୋଡ଼ ପର୍ଯ୍ୟନ୍ତ ତଳ ଦେଶଟା ସତେ ଯେପରି ରସାତଳକୁ ଚାଲି ଯାଉଛି ବୋଲି ମୁଁ ଅନୁଭବ କଲି । ଲାଇନ୍‌ରେ ଠିଆ ହୋଇଥିବା ଲୋକ-ମାନଙ୍କୁ ପୁଣି ଥରେ ଅନେଇଲି । ତେଲିଙ୍ଗା ରିକ୍‌ସା ବାଲା ପିକା ଟାଣି ଥୁ ଥୁ ଛେପ ପକାଉଛି, ଲାବର କମ୍‌ଶନ ଅଫିସ ପିଅନ ଫୁଟା ସିଲ୍‌ଭର ଡେକଚି ତଳରେ କାଠପଟା ବଣ୍ଡା ଦେଇ ପାଣି ରଖି ଅଟେଇଛି, ମାରୁଆଡ଼ି ଦୋକାନ ଗୁମାସ୍ତା ହଗିବାକୁ ହାକୁଟି ମାରୁଛି । ଏ-ଉ-ଉ-ଉ । ଖବରକାଗଜ ଅଫିସ ପିଅନ ଖଣ୍ଡେ ଖରସା ବଡ଼ବାଗ ଲୁଙ୍ଗିକୁ ଅଧେ ନେଉଟେଇ ଦେଇ ଗୁଡ଼ାଖୁ ଟେଲେ ପାଟିରେ ଦେଇ ପେଟକୁ ପଟ୍, ପାଟ୍ ଚାପୁଡ଼ା ମାରୁଚି । କେହି କାହାକୁ ଚାହୁଁ ନାହିଁ । ପାଇଖାନା ରୂପକ ମହାତୀର୍ଥରେ ପ୍ରବେଶ କରି କ୍ଷଣିକ ପୁଣ୍ୟାର୍ଜନ ପାଇଁ ସମସ୍ତେ ବ୍ୟସ୍ତ ସମସ୍ତେ ବ୍ୟାକୁଳ । ଥାର୍ଡ଼ କ୍ଲାସ ଡ଼ବାର ପେସେଞ୍ଜର, କଏ କୁଆଡ଼ୁ ଆସିଛି, କୁଆଡ଼େ ଯିବ, ସେକଥା ପଚାରିବାର ବେଳ ନାହିଁ ।

ଏତେ ସମୟ ନୁହଁ ଆଜ୍ଞା-ଆହୁରି କମ୍ । ଆନ୍ଦାଜ ଦଶ ସେକେଣ୍ଡ ଭିତରେ ଅଧମ ନସ୍‌ପତ୍ତି କରି ନେଲି । ଯେ କୋନ ମତେ ପଶିପିବାକୁ ହେବ ଭିତରକୁ । ଯିଏ ଯାହା କରୁ ଅବା କହୁ ପଛକେ । ଆଜ୍ଞା ସରିଗଲା । ସବୁ ସରିଗଲା । ମୋର ମାନ

ଉଲ୍ଟିଗଲା । ହୋଇ ବୋହିଗଲା ଜାଣ । ଗଲା, ଗଲା, ସର୍ବ-
ନାଶ । ସମସ୍ତେ ଗର୍ଜନ କରି ଉଠିଲେ 'ହାଉଲ୍ଲୁ-ମଫସଲ' ।
ନୋଟା, ଘଟି, ଡାଳ, ଫୁଟିକିଆ ବାଲ୍‌ଟି, ଡେକ୍‌ଚି ଧରି ଅପେକ୍ଷା
କରିଥିବା ସାରି ଲାଇନ୍‌ଟା ଗର୍ଜି ଉଠିଲା, ଆଉ ଯାଏଁ କୁଆଡ଼େ ।
ଯେମିତି ଗୋଟେ କକ୍ଷର ଦୁଆର ଖୋଲିଛି ଅଧମ ଏକା ଧମସ୍‌କେ
ଖଣ୍ଡି ଦୋଉଡ଼ି ମାରି ସିଟ୍ ଉପରେ ଯାଇ ହାଜର । ମେଟ୍ରିକ
ପରୀକ୍ଷା ଫଳ ଦେଖିବା ପାଇଁ ସେକେଣ୍ଡାରୀ ବୋର୍ଡ଼ ବାରଣ୍ଡାର
କୋଳାହଳର ଶତ ପ୍ରତିଧ୍ୱନି ସତେ ଅବା ବାହାରେ ଧ୍ୱନିତ
ହେଉଥାଏ । ଏବେ ଅଧମର ମନେ ପଡ଼ୁଛି ଯେ ସିଟ୍ ଉପରେ
ବସିବା ମାତ୍ରକେ-ଗଲା ବୋହି-ବୋହି ଗଲା କେଜାଣି ଅଧଡ଼ମ
ସରିକି ବିଶୁଦ୍ଧ ଦୂର୍ବାସୁଯୁକ୍ତ-ତରଳ-ସରଳ-ଗଳଗଳ-ଫେଣ-
ଫେଣୁଆ ଝାଡ଼ା । ତାହା ଯେ ନିଶ୍ଚିତ ଭାବରେ ଏଇ ଅଧମର
ପେଟ-ନିର୍ଗତ ଏହା ମୁଁ ପରେ ଜାଣିଲି । ପାଞ୍ଚଇଞ୍ଚ ଫୁଲି ଉଠିଥିବା
ପେଟଟାର ଗୋଲେଇ ହଠାତ୍ ଖସି ଖସି ପଡ଼ିବାର ଦେଖି ମୋର
ଧାରଣା ଦୃଢ଼ ହେଲା । ଟିକିଏ ଆଶ୍ୱସ୍ତ ହୋଇ ଦେବଦାରୁ କାଠ
କବାଟ ଫାଙ୍କରେ ବାହାରକୁ ଆଖେଇଲି । ଭୀଷଣ ହୋ, ହା ଶୁଭୁ-
ଥାଏ । "ସଳା—ଆମେ ଝଟ୍‌ଝଟିଆ ବେଳୁ ଆସି ଲମ୍ବର ଦେଇ
ଖଡ଼ା ଅଛୁଁ । କୋଉଠିକାର ମଫସଲି-ଏକାଥରକେ ଦୋଉଡ଼ି ଯାଇ
ଭିତରେ ପଶିଲା । କେତେ ହଗୁଛି । ଟାଣି ଆଣନ୍ତେ । ଭସ୍ତ
ହଗନେ ଭାଲି । ସରକାର ଯୁ ବୋପା ନା ଚଚା । ଆମେ ଟିକିସ
ଦେବୁଁ—ହଗିବାକୁ ପାଇଖାନାରେ କେଗା ନାହିଁ-ଗୁଲ ଆଜ
କଲଟର ସାଇବ ପାଖୁ । ସିଏ ଇନ୍‌କ୍ୱାରି କରୁ-ତାପରେ ଯା ହବ
ଦେଖିବା" ।

ମୋର ଧର୍ଯ୍ୟ ନଥାଏ । ଭାବିଲି ବାଜସିବ ଟିକିଏ ଡେରି
କଲେ । ଧୀରେ-ଅତି ଧୀରେ ତଳକୁ ଆସିଲି । ସେସନସ ମକ-

ଦମାରୁ ସନ୍ଦେହରେ (Benefit of doubt) ଖଲାସ ପାଇଥିବା ଆସାମୀ ଭଳି କାହାର ମୁହଁକୁ ଚାହିଁ ପାରିନ । ଛେଲେଙ୍ଗା ଟୋକା-ଟାଏ ଖାଲି ହୁମ୍ ହୁମ୍ ହୋଉଥାଏ । ଡାଲି ଖଣ୍ଡିକୁ ଖୁବ୍ ଯୋରରେ ଭଡ଼ଧରି ବସାକୁ ଗଲି । ଅନେକ ବେଳ ପରେ ବସା ଖୋଲି ଚାହିଁ ଦେଖେଁ ତ ଗୋଟିଏ ସାଳଗ୍ରାମୀ କୁଣ୍ଡ ବାହାର୍ କାର-ଣ୍ଡାରେ ଚାଟିଚୁଟି ହୋଇଛି । ଦୋଉଡ଼ିଆ ଖଟ ଖଣ୍ଡିକରେ ବଡ଼ ନିରବ ଭାବେ ମୁଁ ପଡ଼ି ଯାଇଥାଏଁ ।

ଏଇଠାରେହିଁ ସମୀକ୍ଷା କରିବାର କଥା । କାହିଁକି ଘଟିଲା କାହିଁକି ଏ ଅଘଟଣ ? କଣ ହେଲା ମୋର ? ମୁଁ ତ ପୂର୍ବଦିନ ରାତିରେ କବିରାଜ ଶ୍ରୀ ଆଚାର୍ଯ୍ୟଙ୍କର ସୁଖ 'ବିରେଚନ' ବଟିକା ସେବନ କରି ନଥିଲି । ଡାକ୍ତରଖାନା ଦୁଆରକୁ ଯାଏନା-ତେଣୁ ଜୁଲାପ ଖାଇବା ମିଛ । ତେବେ ମୁଁ ସଦ୍‌ବୁଦ୍ଧି, ସଦଜ୍ଞାନ, ହୋରବସ୍ତ, ବୁଦ୍ଧି ବିବେକ, ପଞ୍ଚଭୂତ ଆତ୍ମା ପ୍ରମାଣେ ହଲପ୍ କରି ପାରେ ଯେ ମୁଁ ଅନ୍ନପୂର୍ଣ୍ଣା ହୋଟେଲରେ ଚକଣିଆ ଓ ସ୍ପେସ୍ଥ ଖାନା (ମିଲ୍) ଖାଇଥିଲି । ହାଫ୍ ମିଲ ଖାଇବାରେ ମତେ ଏକ ପିଲେଟ୍ ହାଣ୍ଡି ଭୋଗ ଚାଉଳର ବିଶୁଦ୍ଧ ଭାତ ଏପର୍ଯ୍ୟନ୍ତ ସିଲ୍‌ଭର ବାସନ ଭିତର ହୋଇଥିବା ସର୍ବସାନ ଆକାର ଗିନାରେ ପୁରା ଗିନାଏ ଡାଲି, ପତଳା ପତଳା ନଅ ଖଣ୍ଡ ଅଧେ ଆଳୁଭଜା, ଦଶପଇସି ଆକାରରେ କଟାଯାଇଥିବା ଖଣ୍ଡେ ଛଚଳ ମାଛ ଝୋଳ ଯହିଁରେ ସୋରିଷ ତେଲର ବିନ୍ଦୁମାନେ ହଲି ହଲି ଭାସୁ ଥିଲେ । ଖାଇ ସାରିବା ପରେ ଏକ ଗେଲେନ ଜଳପାଣି ନେଇ ପିଆପିଇ ଓ ଧୁଆ-ଧୁଇ କାମ ସାରି ପଇସା ଦେଲାବେଳେ ତରକାରୀ ଗୁଡ଼ାକ ଭଲତେଲରେ ରନ୍ଧା ହୋଇନାହିଁ ବୋଲି କହି ଦେଲି ଆଜ ଯାଏଁ କୁଆଡ଼େ ।

" ସେ ରୂହାଡ଼ ଆଉ କୋଉଠି ଦେଖେଇବ । ବୁଝିଲ ବାବୁ । ଖାଇବ ହାଫ୍ ମିଲ-ନାଁ ମଉଟନ ଚୁଆନ ସିଂ ନରେନ୍ଦ୍ର ମହାପାତ୍ର । ଯାଙ୍କ ନାଗି ଗୁଆ ଘିଅରେ ପକୋଡ଼ି ଦେଇଥାନ୍ତୁ । ସିଏ ଗୁଆଘିଅ ଖାଉଛନ୍ତି ତାଙ୍କ ମୁହଁରେ ମୁହଁ ଘଷି ଦୋଉନା" ହୋଟେଲବାଲା ଗର୍ଜି ଉଠି କହିଲା ।

ତଳକୁ ଓହ୍ଲାଇଲା ବେଳେ ଦେଖିଲି । ହେଲ୍ ଥଇନସପେକ୍ଟର ହବ ବୋଧେ । ହୋଟେଲବାଲା ଯୋଡ଼ି ହସ୍ତରେ ଭିତରକୁ ଡାକି ନେଇଗଲା । ଯୋଉଁକୁ ଯୁଅ କଉଡ଼ି ଖେଳକୁ ନେଲ୍ପଟ, ତାପରେ ଭିତରକୁ ପୁରପ୍ଲେଟ୍ ରସଗୁଲ୍ଲା............. । ମୁଁ ସୁତାଧରବା ପରି ସିଧା ସିଧା ରାସ୍ତା ଧରିଲି । ଖାଲି ମନେ ମନେ ଭାବୁଥାଏଁ ନହାଡି କମ୍ ସେ କମ ଟେକାଠା ଆମର ହେଲଥଇନସପେକ୍ଟରଟାଏ ହୁଅନ୍ତାକି ଏଇ ନଟକରେ, ଢଅନ୍ତ ଏଗୁଡ଼ାଙ୍କୁ ସାବାଡ଼ କରି । ବିଶୁଦ୍ଧ ହ୍ୱାଇଟ ଅଏଲ, ସେବନ କରି ମୁଁ ଏ ଯେଉଁ ଉପାଖ୍ୟାନ ଶୁଣାଇଲି ଏହାର ଅନୁଭବ ଯଦି ଜଣା ଅଧିକେ । କେବେ ଆପଣ-ମାନେ ପାଆନ୍ତ ତେବେ ମତେ ଖଣ୍ଡିଏ ପତ୍ରଲେଖି ବାଧିତ କରା-ଇଲେ ଶ୍ରମ ସାର୍ଥକ ମଣିବ ।

ଇତି ସହର ବଜାରେ ଶୁଦ୍ଧ ହ୍ୱାଇଟ ଅଏଲ ସେବନ ଫଳଂ ସ୍ୱରୂପଂ ଇଦମ ପାଇଖାନୋପାଖ୍ୟାନଂ ।

# ପ୍ରେମ ପଞ୍ଚାମୃତ

ଅପେକ୍ଷା କରନ୍ତୁ ଆଜ୍ଞା । ନାଁ ଟା ଶୁଣି ଆପଣ ଯିମିତି ଟକ ଟକ ହେଲେଣି—ଭଲ ଲୋକମାନେ ଇମିତି ହବାଟା ସୁବିଧା ନୁହେଁ । ସ୍ୟେ କଣ୍ଠି ଭୂଷଣ ପଣ୍ଡିତଙ୍କର ଅସଲି 'ପ୍ରେମ ପଞ୍ଚାମୃତ' ନୁହେଁ ଯେ, ଆପଣ ସ୍ୟାକୁ ଖୋଲାପଣେ ହଜମ କରି ଦେଇ ପରୀକ୍ଷା ଖାତାରେ ଓକାଳି ପକାଇବେ । ସ୍ୟେ ହେଲା-ଏକ ନମ୍ବର-ଅସଲି-ଖାଣ୍ଟି-ଜଳାମାର୍କା-ପ୍ରେମ ପଞ୍ଚାମୃତ ତିଆରି କରିବାର ସୂତ୍ର ବା ଫର୍ମୁଲା (Formula)' ହାଁ-ଆ-ଆ । ଏତେବେଳେ ବାବୁଙ୍କର ମଗଜକୁ ଧରିଲା । ଏଇ ଫର୍ମୁଲା ଟିକକ ହାସଲ କରିବା ପାଇଁ 'ରାଧାକୃଷ୍ଣ' ପ୍ରେମଠାରୁ 'ଲଇଲା-ମଜନୁ' ପ୍ରେମ ଯାଏ କେଜାଣି କେତେ ନାଳ-ଝାଳ ପରିଶ୍ରମ ହେଲାଣି ସେ କଥା ଆପଣମାନଙ୍କ ଜ୍ଞାତକକୁ ଆସିବ ବା କାହୁଁ ?

କି ବସ୍ତୁ ଏ 'ପ୍ରେମ-ପଞ୍ଚାମୃତ' ଟିକକ ? ଶର୍କରା, ରମ୍ଭା, ଘୃତ, କ୍ଷୀର, ଗଞ୍ଜାଇ ପାଞ୍ଚ ପଇସାର' ଆଣି ଦମେ ଚକଟା ଚକଟି କରି ଭରଭରିଆ ପଞ୍ଚାମୃତ ତିଆରି କରି ମା'ଦେବଙ୍କ ପାଖରେ ରଖି ବେଲ ପତରଟାଏ ପକାଇ 'ଓଁ ନମଃ ଶିବାୟ' କହି ଚାଲି ପଢ଼ିକେ ମାରିଦେଲେ ଆଚ୍ଛା ଆଚ୍ଛା ବ୍ରହ୍ମଜ୍ଞାନୀ ପାଟିରୁ ନାଳ ଗଢ଼େଇବେ ।

ଆପଣମାନେ ତ ସ୍ଥିର ମାନବ । ଉଲ୍ଲିଖିତ ପଞ୍ଚାମୃତ ସେବନ କରି ସମ୍ୟକ୍ ଗଞ୍ଜାଇ-ଧୂଆଁ-ପିଇବା-ଉଦ୍ଦେଶ୍ୟରେ ଶ୍ରୀ ଶ୍ରୀ ଷଣ୍ଢବାହନ ମହାଦେବ ହିମାଳୟ ଏଲାକା ଛାଡ଼ି ଭଦ୍ରକ ସବ୍‌ଡିଭିଜନର ଆରଡ଼ି ଗ୍ରାମକୁ ଆପଣାର ଆସ୍ଥାନ ବଦଳାଇଲେ । ୧୮୭୮ ମସିହାରୁ ଏ ଅବଧି ଶ୍ରୀ ଶ୍ରୀ ଆଖଣ୍ଡଳମଣିଙ୍କ ନିକଟରେ ପଞ୍ଚାମୃତ 'ଘର୍ଷଣ'ରେ କେବଳ-ମାଦକ ଗଞ୍ଜାଇ-ସଂଯୋଗ ବ୍ୟତୀତ ଅନ୍ୟ ଅବକାରୀ ମାଲ୍ ମିଶ୍ରଣ, ଅପମିଶ୍ରଣ ଅବା ଚୋରା ଭାବେ ଗ୍ରହଣ କରାଯାଇ ନାହିଁ ବୋଲି ସଠିକ୍ ଖବର ଆମ୍ଭେମାନେ ରଖିଅଛୁଁ । ଶ୍ରୀମତୀ ପାର୍ବତୀ ଦେବୀଙ୍କ ଇଶାଅରେ ବଡ଼ ବଡ଼ ସାଇସ୍ୱାମୀ ଗଞ୍ଜେଇ-କଳ ପ୍ରଭୃତି ହସ୍ତାବାରରେ ହାବୁଡ଼ା ହାଟରୁ ଆରଡ଼ି ମୁକାମକୁ ଆସି-ଥାଏ । ଅବକାରୀ ବାଲାଙ୍କ ଚୁକ୍ତ ଯଦି ଚେଷ୍ଟା କରନ୍ତି ତେବେ ଗନ୍ଧ ପାଇବେ ନାହିଁ । ମାଇକିନଆଙ୍କୁ ଛ' ଖୁଣ୍ ମାଫ୍ ।

କିନ୍ତୁ ଅନାଲୋଚିତ ଓ ଅସ୍ୟ ପ୍ରବନ୍ଧ ବର୍ଣ୍ଣିତ "ପ୍ରେମପଞ୍ଚା-ମୃତ" ଏକ ଷୋଳପଣି ଖାଣ୍ଟି କୁଟୀର ଶିଳ୍ପଜ ପ୍ରେମୋନ୍ମାଦ ଦ୍ରବ୍ୟ ବୋଲି ଏ ଲେଖକର ଜ୍ଞାନ ଓ ବିଶ୍ୱାସ ଜନ୍ମିଅଛି । ପାଞ୍ଚପ୍ରକାର ପ୍ରେମ-ଉପସ୍ତରକୁ ଅନୁପାନ ଭେଦରେ ମିଶାଇ, ଦମେ ଫେଣ୍ଟା-ଫେଣ୍ଟି କରି ତିଆରି କଲେ ତାହା ଖାଣ୍ଟି 'ପ୍ରେମ ପଞ୍ଚାମୃତ'ରେ ପରିଣତ ହେବ । ଆମ୍ଭେ ଏଠାରେ ଯେଉଁ ଅନୁକ୍ରମ (Serial) ଅନୁସାରେ ଅଥବା ଯାହା ପଛକୁ ଯିଏ ପ୍ରୟୋଜନ ଚହିଁରେ ଯେଉଁ ତାଲିକା ସଂଯୋଗ କଲୁଁ ତହିଁରେ ଏତେ ଟିକିଏ ଏ ପାଖ କଲେ ଅନୁପାନ-ଭେଦରେ ଯେଉଁ ବିଭ୍ରାଟ ଦେଖାଦେବ ସେଥିପାଇଁ ଗ୍ରହିତା ମାନେ ଦାୟୀ ରହି ନରହିବେ, ନରହିଲେ ।

ପ୍ରେମ ଆଖିମିଟିକା — ଏହି ଜିନିଷଟି ହେଉଛି ଅସଲ ଉପା-ଦାନ ! ନବାତ ତିଆରି କରିବା ପାଇଁ ଯେପରି ଦୁଧ ଓ କନ୍ଦର

ପ୍ରୟୋଜନ ଅବଶ୍ୟ ହୁଏ, 'ପ୍ରେମ ପଞ୍ଚାମୃତ' ପାଇବା ଓ ଖାଇବା ପୂର୍ବରୁ ବା ତିଆରି କରିବା ସମୟେ ପ୍ରେମ-ଆଖି ମିଟିକା ନହାଣ୍ଡି ମାରିବାକୁ ହେବ। ଟିକଏ ମାତ୍ର ଚେଷ୍ଟା କରି ପାରିଲେ ସାଧନାର ସିଦ୍ଧି-ପଥରେ ଆସ୍ତେ ଆସ୍ତେ ଅଗ୍ରସର ହୋଇ କାମ ହାସଲ କରି ପାରିବେ। ଲୋକ ଲୋକାଙ୍କୁ, ଟୋକା ଟୋକୀଙ୍କୁ, ଦାନ୍ତ-ବିହୀନ ବୁଢ଼ା ବାଳୁତ ବିଧବାଙ୍କୁ ଦେଖି ପକେଇବା ମାତ୍ରକେ ଚିହ୍ନା ପରିଚ ଥାଉ ବା ନଥାଉ ମନ ଭିତରେ ପ୍ରେମରେ ପୁଚ୍ପୁଚୁ ହୁଅନ୍ତି। କହୋ-ତୁମର ଯଦି ଦରକାର କଥା କହୁନ ? ନା-କଥାଟି ନକୁହନ୍ତୁ । ଓଠର ପୂର୍ବ କୋଣରେ ମୁଚୁକୁନ୍ଦ ହସି ଫୁଟେଇ ଦେଇ, ମୁହଁ ଅଳ୍ପ ତଳକୁ କରି ଢଳିପକୁମାରିଆ ଷ୍ଟାଇଲରେ ଗୁହଁ ରହିବା ଏ କ୍ଷେତ୍ରରେ ବେଶୀ ପରିମାଣରେ ଦେଖାଯାଏ। ଅପରିଚିତା ବିଗୁଣି ବି ସେତେବେଳକୁ ଏକଦମ ଜଣ ଜଣା ହୋଇ ସାରିଥାନ୍ତି। ଆଖି ମିଟି ମିଟି କରି ମାଣ୍ଡି-ମେଣ୍ଟି ଭଳି ଗୁହଁ ରହିବା, ଶାଢ଼ୀର କାନକୁ ଅଳ୍ପ ଅଳ୍ପ ଘୋଟେଇବା, ଫିକା ଫିକା ଚମ୍ପାଫୁଲିଆ ହସ ହସିବାଟା ନିଶ୍ଚୟ ଶୁଭ ଲକ୍ଷଣ ବୋଲି ଧରି ନେବେ । ଯଦି ବୁଢ଼ା ଅଙ୍ଗୁଠିର ନଖ ଘୋବାଉଥିବା ଦେଖିବେ ତେବେ ନିଶ୍ଚିନ୍ତରେ ଧରି ନିଅନ୍ତୁ ସେ ଚଢ଼ିଆ ପିଞ୍ଜରା ଭିତରକୁ ଜରୁର୍ ଜରୁର୍ ଆସିବ। କିନ୍ତୁ ପରୱା ନାହିଁ। କେବଳ ସୁବିଧା ଦେଖି ପଦେ ଅଧେ ଆରମ୍ଭ କରିଦେବେ ସେଇଠୁ ଗୁଲିବ—

**ପ୍ରେମ ଆଳାପ**—ଯୋଉଟାକି ସବୁଠାରୁ ଅଖାଡ଼ୁଆ କଥା। ସବୁ ଗୁଲିଛି ତ ଗୁଲିଛି। ବଗିଚା ବାଗିଚା ଗଲେ ବିଚ କଟକ-କେପଟେଲ, ରାସ୍ତା ଉପରେ ଚୁଟି ଘୋଷାରି ମାଡ଼ି ଚଳେଇବାକୁ ଲୋକ ଅଭାବ ପଡ଼ିବେନି। ବର୍ତ୍ତମାନ ଆପଣ ପଞ୍ଚାମୃତ ତିଆରି

କଥା ମନେ ପକାନ୍ତୁ । କଦଳୀ ଚକଟା ସରିଛି । ତହିଁରେ ଦୁଗ୍ଧ ଢଳାହୋଇ ଆଣ୍ଠୁର ଥରେ ଚକଟା ଚକଟି ଚାଲିଛି । ଠିକ୍ ସେହି-ପରି ପ୍ରେମ ଆଖିମିଟିକା ମରା ହେବା ପରେ ଆରମ୍ଭ ହୋଇଛି ପ୍ରେମ-ଆଳାପ । ପାଲ କରୁଥିବା ପାଲିଆ ମାନଙ୍କୁ ଆଖି ଆଗରେ ରଖି କାମ କଲେ ସୁବିଧା ହେବ ବେଶୀ । ଗାୟକ ସଭାକୁ ଆସି ଗାଇବା ପୂର୍ବରୁ ପାଲିଆ ମାନେ ' ଆଏ ଆଏ'' ହୋଇ କଣ୍ଠ ସଫା କରିବା ସଙ୍ଗେ ସ୍ୱର-ସାଧନ କରିବାକୁ ଯେପରି ସମୟ ପାଆନ୍ତି ପ୍ରେମ-ଆଳାପ କରିବା ବେଳେ ଅସଲ ପ୍ରେମର ରାସ୍ତା ସାଫ୍ କରାଯାଏ । ଅଜଣା ଅଶୁଣା ଭାବେ ପ୍ରେମ-ଆଳାପ କରିବା ଯାହା ଶ୍ୱାସ-ରୋଗୀ ପାଇଁ କଲିକତା ଚିଡ଼ିଆଖାନାରୁ ଗଣ୍ଡାମୃତ ସଂଗ୍ରହ କରିବା ସେୟା । କିନ୍ତୁ ପ୍ରେମିକ ମାନଙ୍କ ଦୁଃଖକଷ୍ଟ ଲାଘବ କରିବା ଲାଗି ପ୍ରେମ-ବିଷାରଦ ମାନେ ଢେର ରାତି ଲାଗି ପଢ଼ିଛନ୍ତି । ଏଥିପାଇଁ ଗୋଟିଏ ସହଜ-ଲଭ୍ୟ ସୂତ୍ର ଆବିଷ୍କାର ହୋଇଛି । ପ୍ରଥମରେ ଆରମ୍ଭ କରିବାକୁ ହେବ "କିଛି ଭାବିବେନି ଆଜ୍ଞା—ଆପଣଙ୍କୁ-ଡ ଡ଼ କୋଉଠି...... ଦେଖିଲିପରି ...... ଉଁଃ, ଉଁଃ ...... ମନେ ହେଉଚି, ରାଭେନସ୍ ଅ...ଅ...ଫାଇନାଲ୍ ଏମ୍, ଏ......" । କହିବା ବେଳେ ଖୁବ୍ ଅଟକିଇ ଅଟକିଇ କହିବେ-ଗୋଟାଏ ଶବ୍ଦକୁ ବାର ସେକେଣ୍ଡ ଉଚ୍ଚାରଣ କରିବେ । ଆଃ—ତେଣିକି ଜିତିଲେ ଆପଣ । ନଟିଆକୁ ନଟବର, ଟେମାକୁ ଚନ୍ଦ୍ରଚୂଡ଼ ଅବା ଗୁରୁ-ବାରିଙ୍କୁ ଗୌରବାଣୀ ଡାକିଲେ, ସେମାନେ ଯେପରି ଦେଢଗୋଡ଼ରେ ଡୋହଲି ଦୋହଲି ଚାଲିବା ଆରମ୍ଭ କରନ୍ତି, ଆପଣଙ୍କର ଅପର ପକ୍ଷ ଠିକ୍ ସେଇପରି ହେବେ । ତେଣୁ ଠିକ୍ ସେତିକି ବେଳେ ଆରମ୍ଭ କରିଦେବେ-ପ୍ରେମ ଆଳାପ । ସେ ଆପଣଙ୍କର ଯେତେ ଅପରିଚିତା ହେଲେ ବି କିଛି ଗୋଳମାଳ କରିବେ ନାହିଁ ।

ସରବତ୍, ଡାକ, ପିନୋଲା, ଷଢ଼ଆପାନ, ଲକ୍ଷ୍ମୀ ଟେକଲେଟ୍ ଦେଇ ଚେଷ୍ଟା ଚଲନ୍ତୁ । ଧର ନଅନ୍ତୁ ସ୍ପୁ ସବୁ ଫେଲ୍ ମାରିଲା । ସେ ଭାରି ହେଙ୍କଡ଼ବାଜଆଣୀ ବୋଲି ଆପଣ ଜାଣିଲେ ତଥାପି ଅଧୈର୍ଯ୍ୟ ନୋହି ବସନ୍ତୁ । ବିଭୂତି ପଟ୍ଟନାୟକଙ୍କର ଖଣ୍ଡେ ପାଞ୍ଚ-ଟଙ୍କିଆ ନଭେଲ୍ କୋଉଠୁ ହେଲେ ଯୋଗାଡ଼ କରି ଆଣି ସେ ଦେଖି ପାରିଲା ଭଳି ପଢ଼ନ୍ତୁ । ସିଏ ଏଥର ନିଶ୍ଚୟ ଶାଗୁଣା ଭଳି ବେକ ଟେକି ଅନେଇବେ । ସଙ୍ଗେ ସଙ୍ଗେ 'ନଅନ୍ତୁ' ବୋଲି କହି ବଢ଼େଇ ଦିଅନ୍ତୁ ସେ ଖଣ୍ଡିକୁ । ଯଦି ସେ ଖଣ୍ଡିକ ତାଙ୍କ ପାଖରେ ରହିଯାଏ ତେବେ ମାହେନ୍ଦ୍ର ଯୋଗ ଜାଣିବେ । ମନେ ରଖି ଆପଣଙ୍କ ଠିକଣାଟା ଯେପରି ସେ ବହିରେ ଲେଖିବେ ନିଶ୍ଚୟ—ତାଙ୍କ ଠିକଣାଟା ମନେ ରଖିଥିବେ । ଏସବୁ ସରିଯିବାର ପନ୍ଦରଟା ଦିନ ଭିତରେ ଆସିଯିବ—ନିଶ୍ଚୟ ଆସିଯିବ ।

**ପ୍ରେମ ଆଲେଖ୍ୟ**—ଆପଣ ଓଡ଼ିଆ ଭାଷାର ଲଭ୍ ଲେଟର ବୋଲି ଯାହାକୁ ବୁଝିଛନ୍ତି ଠିକ୍ ସେୟା । ସାଧାରଣ କଥା ବୋଲି ଭାବିଲେ ଚଳିବନି । ଉପେନ୍ଦ୍ର ଭଞ୍ଜଙ୍କ ଭଳି "ନିର୍ମଳ-ଚନ୍ଦ୍ର ମଣ୍ଡଳ ଶରଦେ ବିରାଜେ" ଯଦି ଲେଖନ୍ତି ତେବେ ଅପଦସ୍ତ ହେବେ । ସେ ଯୁଗ ଚାଲିଗଲା । ସେ ଥିଲା ରୀତିଯୁଗ, ଏ ହେଲା ରୀତା-ଯୁଗ । ସେ ଥିଲା ଛନ୍ଦ-ଯୁଗ ଏ ହେଲା ଚପଳ-ଛନ୍ଦା ଯୁଗ । ଚିଠି ଲେଖିବା ପାଇଁ ଟିଆରଙ୍ଗର ଖାମ୍, ଫରଗେଟ୍ ମି ନଟ୍ (Forget me not) କାଗଜ, ଟଙ୍କେ ଗୁରୁଣିଆ ପୁରା ସୁନେଲି ରଙ୍ଗର କଲମ କାଣ୍ଟି ନେବା ବୁଦ୍ଧିମାନର କାମ । ଯୋଉ ଚିଠି (ପ୍ରେମ-ଆଲେଖ୍ୟ) ଖଣ୍ଡିକ ଆପଣଙ୍କ ପାଖକୁ ଆସି ଥିବ ସେ ଖଣ୍ଡିକୁ ଏକଦା ନେଜପଥରେ ଦେଖିଛନ୍ତି ତ ? କଣ ଲେଖା ହୋଇଛି

ସମ୍ବୋଧନରେ ? 'ସପନର ଶତଦଳ' 'ଶୟନର ରାଜକୁମାର' 'ନୟନର ପଞ୍ଚଶାୟକ'—ଆଃ କେଡ଼େ ମଜାରେ । ବିନା ପରାମର୍ଶରେ ଚଳାନ୍ତୁ ଚିଠି କାରବାର । ଟିକେ ହୁସିୟାର ଥିବେ ଆଖି ଠୋକା ଡାକବାଲାଙ୍କ କାନରେ ଯେପରି ଏ ଖବର ନ ପଡ଼େ । ନୋହିଲେ କଣ୍ଟ୍ରୋଲ ସାଇକଲ ଟାୟାର ଦୋକାନୀ ନୟମିତ ଭାବେ ଖାତାପତ୍ର ଠିକ୍ କରି ଦେଇ ଟାୟାର ଗୋଟା ଯେପରି ବାରଟଙ୍କା ଝାଡ଼ି ଦିଅନ୍ତି ଠିକ୍ ସେଇପରି ଖୋଲ ଭିତରୁ ପ୍ରିୟାଅତର-ବୋଳିତ ଚିଠି ଖଣ୍ଡିକ ହରଣଚାଲ ହୋଇଯାଇ ଛିଣ୍ଡାକାଗଜକୁ ରହିଯାଇଥିବ । ଚିଠିପତ୍ର ଦିଆନିଆ ନହେଲେ ପ୍ରେମଫରକୋଟା ବହୁଳିଆ ହୋଇଯାଏ । ବରଫ ଦେଶରେ ଥଣ୍ଡା ପଡ଼ିଲେ ପାଣି ପାଇପ୍ ଗୁଡ଼ାକ ଯେପରି ଫାଟିଯାଏ ଠିକ୍ ସେହିପରି ପ୍ରେମଟା ମଧ୍ୟ ବହଲିଆ ହୋଇ ଲିକ୍ କରିଯାଏ ବେଳେ ବେଳେ, ପ୍ରତିକାର କିନ୍ତୁ ଅଛି । ଚିଠି ପାଇବା, ପଠାଇବା ପଢ଼ିବା ଲେଖିବା, ଚିଠିକୁ ଚୁମ୍ବନ ଦବା, ଚିଠିର ହସ୍ତାକ୍ଷରକୁ ବାରମ୍ବାର ଆଖିରେ ସି ପକେଇବା ଇତ୍ୟାଦିରେ ତରତର ହେବେ ନାହିଁ । କେଶି ଛକଛକିଆ, ଠାଉକା ଭାବ ଦେଖେଇଲେ ଆପଣଙ୍କ ପ୍ରେମିକା ଜାଣିବେ ଯେ-ଆପଣ ଗୋଟାଏ ଭୁକ୍ଷା ଖାଲପାଟିଆ । ତେଣୁ ନାପସନ୍ଦ କରିବେ । ସାବଧାନ ଥିବେ ଯେପରି ଶନିବାର ଦିନ କୌଣସି ପ୍ରେମ-ଆଲେଖ୍ୟ (Love letter) ଭୁଲ୍‌ରେ ଲେଖିବେନି । ସାନ୍ନିପାତିକ ଜ୍ୱରରେ ରୋଗୀର ବଞ୍ଚିବା ଯେପରି କଷ୍ଟକର ସେହି ନ୍ୟାୟରେ ଶନିବାରିଆ ପ୍ରେମ-କାରବାର ବଇଁଚି ଯିବା ଅସମ୍ଭବ । ସୋମବାରଟା ବେଶ୍ ସୁବିଧା । ସେତେ ଯାହା କରନ୍ତୁ ଗଦ୍ୟ କବିତାରେ ଯଦି ଆଳାପ ଚଳାନ୍ତି ତେବେ ସୁବର୍ଣ୍ଣ-ସୁଯୋଗ । ମନୋଭାବ ଗୁଡ଼ାକ ଫର୍-ଫର୍ ହୋଇ ମୁକୁଳି ଯିବ । କିଛି ଦିନ ଏପରି ଚାଲିବା ପରେ ପରେ—

**ପ୍ରେମ ଆସର** – ଜମିଯିବ ବେଶ୍ ଜମିଯିବ । ଜଞ୍ଜା-ଚେଲ-ମେଣ୍ଢାବାଲା ସଂପର୍କ । ଗୁଡ଼ିବା ଅସମ୍ଭବ, ଛଡ଼ାଇବା କଷ୍ଟକର । ପାଞ୍ଚଅଙ୍କ ବିଶିଷ୍ଟ ନାଟକର ଠିକ୍ ତୃତୀୟ ଅଙ୍କ । ସମସ୍ତେ ପରିମାଣଟାକୁ ଦେଖିବା ପାଇଁ ଗୁହିଁ ରହିଥିବେ । ଆପଣ ମୋଟେ ସେକଥାକୁ ନଜର ନଦେଇ ଚଳାନ୍ତୁ ଆଗକୁ-ଆହୁରି ଆଗକୁ । ସାଙ୍ଗ ପାଙ୍ଗ , ବନ୍ଧୁ ଯିଏ ଦେଖା ଦେଉଚନ୍ତି-ସମସ୍ତଙ୍କୁ ତାଙ୍କ ଉପର ଟେବୁଲ୍ ରେ ଖାଇବାକୁ ଦେଇ ଖୁସି କରନ୍ତୁ । ପ୍ରେମିକାଙ୍କୁ ସାଙ୍ଗରେ ଧରି ପିକ୍‌ନିକ୍ ,ସିନେମା ସୋ, ଏକସ୍-କରସନ ଚାଲନ୍ତୁ । କୋଣାର୍କ, ଚିଲିକା ଗୋପାଳପୁର, ଚାନ୍ଦପୁର-ସୁଆଣ୍ଡେ ଇଚ୍ଛା, ହ୍ୱିଟେଲସି ଷ୍ଟାଇଲରେ ଯାତ୍ରା କରିବାର କରିଯାନ୍ତୁ । ଏ ସବୁ କ୍ଷେତ୍ରରେ ପ୍ରେମିକା ମାନେ ଚାଳକ ହୋଇ ବେଶୀ ଲାଭ ମାରି ଦେବାର ସମ୍ଭବନା ଥିବାରୁ ଜଗିରଖି କାମ କରୁଥିବେ । ତାଙ୍କ ମନବେଗରୁ କିଛୁ କିଛୁ ଝିଙ୍କେଇ ଆଣିବାର ଯୋଗାଡ଼ ମଝିରେ ମଝିରେ ଯଦି କରି ପାରିବେ ତେବେ ବେଶ ଲାଭ । ଏ ଆସରଟା କିଛି ଦିନ ଜମିବା ପରେ ଆସିଯିବ—

**ପ୍ରେମ ବରଷ** – ଯୋଉଥିଲ 'ପ୍ରେମ-ପଞ୍ଚାମୃତ' ତପ୍ସ୍ୟାର ଅବା ଆମଦାମି କରଣର ସର୍ବୋତ୍କୃଷ୍ଟ ତଥା ଶେଷ ଉପାଦାନ । ଏକ, ଦ୍ୱୟ, ପଞ୍ଚ, ନବ ଅବା ଷୋଡ଼ଶାଧିକ ପ୍ରେମିକଙ୍କୁ ସୁକୌ-ଶଳରେ ସମାନନ୍ଦୀକାଟି ସାରି ତାଳମପ୍ରାପ୍ତା ପ୍ରେମିକା ଯେତେ-ବେଳେ ଆପଣଙ୍କ ସହ ଶେଷ ଦୃଶ୍ୟର ଅଭିନୟ କରିବେ ସେତେ-ବେଳେ ଚକ ଗୁଡ଼ କହୁଣିର ତଳ ସେଣ୍ଟିମିଟର ତଳକୁ ବୋହି ଯାଇଥିବ । ପ୍ରଥମେ ପ୍ରଥମେ ସେ ଛାଡ଼ ଛାଡ଼ ହେବେ । ପରେ ପରେ କହିବେ 'ତେମେ ଇମିତ ସବୁବେଳେ ଯିବା ଆସିବା

କରିବା ସୁନ୍ଦର ଦେଖାଯାଉନ-ଲୋକେ କଣ କହୁଚନ୍ତି’? “ଆପଣ ସେତେବେଳେ ଆଖିବୁଜି ଧରିନେବେ ଯେ ସେ ଅନ୍ୟ ଜଣେ ବାପୁଡ଼ା ସହ ଚୁକ୍ତିବଦ୍ଧ ହୋଇ ସାରିଲେଣି—ଆପଣ ତାଙ୍କ ପାଖରେ ପୁରା ବେଦରକାରୀ—ଯଥା ମଇଳା ପୋଛା ଯୋଗ୍ୟ ପୁରୁଣା ଖବର କାଗଜ। ଯଦି ଆପଣ ପଠାଇଥିବା ପ୍ରୀତିଉପହାର ଫେରି ଆସିଲା ତେବେ ନିଶ୍ଚୟ ଜାଣିବେ ଯେ ସେ ଗଲେଣି । ମେଲେରିଆ ଜରରେ ଚର୍ଣ୍ଣି ଶୁଖିଯାଇଁ କମ୍ପ ଆସିବା ଯେପରି ଏକ ଗାଣିତିକ ସତ୍ୟ ପ୍ରେମ କାରବାରରେ ବିରହ ଏକ ଉଦ୍‌ଭବ ଉପାଦାନ। ପ୍ରେମ ଥାଇଁ ବିରହ ନଥିଲେ ଯାହା ହାତ ଗୋଡ଼ ଥାଇ ମୁଣ୍ଡ ନଥିବା ସେୟା। ଆଖଣ୍ଡଳମଣିଙ୍କ ଘର୍ଷଣରେ ଗଞ୍ଜେଇ ଜଗନ୍ନାଥଙ୍କର କୁଣ୍ଡାପିଠା, ଗୋପୀନାଥଙ୍କର କ୍ଷୀର—ସୁସ୍ୱାଦୁ, ସୁମିଷ୍ଟ, ଉପାଦେୟ । ବିରହଟାକୁ ଠିକ୍ ବୁଝି ସମଝି ଗ୍ରହଣ କରି ନପାରି ବିଜୁଳି ତାର ଛୁଇଁବାକୁ ଚେଷ୍ଟା କଲେ ପ୍ରେମ-ପଞ୍ଚାମୃତକୁ ଆସ୍ୱାଦନ କରି ହେବ ନାହିଁ ।


ଏ ସବୁ ଉପାଦାନକୁ ଘୋଟି, ବାଟି, ଫେଣ୍ଟି କପଡ଼ାଛାଣ କରି ‘ପ୍ରେମ-ପଞ୍ଚାମୃତ’ ପ୍ରସ୍ତୁତ କରିନେବେ। ଆଜିର ଯୁଗ ହେଉଛି ଯନ୍ତ୍ରଯୁଗ। ଟେରିଲିନ୍ ଶାଢ଼ୀ, ଫେମିନା ଜୁତା, କଠୋଉ-ଢେଙ୍ଗା-ଯୁଡ଼ା, ରୀତା ଫେରିଆ ପେ.ସନ, ପଛ-ଖୋଲା ଜାମା ଉପରେ ପ୍ରେମିକ ଭାସିବୁଲୁଛି। ମନ ଭିତରେ ଅଭିମାନ ନାହିଁ-ଅଭାବର ମଇଳା ଜମାଟ ବାନ୍ଧିଲାଣି । କିନ୍ତୁ ମୁହଁ ବାଇଶ କାଂଣ ଆଠପଣ। ଫେସ୍ ପାଉଡରିଆ ଚାହାଣୀର ଝିଟିଛୁନଜର ଭିତରେ ପ୍ରେମିକା ଖସି ଯାଉଛି ଦୂରକୁ ପ୍ରେମିକ ବିଚରା ‘ହାୟ’ ‘ହାୟ’ ହୋଇ ବୁଲୁଛି, ଏଣେ ରାସ୍ତାଘାଟରେ ରେକର୍ଡ ବାଜୁଛି ।

‘ଜଡ଼୍ଯାରେ ଯନ୍ଟୁ ଢୋ ଅପ୍ନା’ ବା ‘ମେରେ ମନ୍କୀ ଗଙ୍ଗା— ଢେରେ ମନ୍କୀ ଯମୁନା’ । ଶିଡାକଣ୍ଠା ପ୍ରେମର ସରସ ନମୁନା ।

କୃତଜ୍ଞତା ଜ୍ଞାପନ ସଙ୍ଗେ ଉକ୍ତ ତଥ୍ୟ ମୂଳକ ନିବନ୍ଧ ପ୍ରସ୍ତୁତ କରିବାରେ ଅଧମ ଢେଙ୍କାନାଳସ୍ଥ ଭୁବନାନ୍ତର୍ଗତ ପଣ୍ଡିତ ହୟଗ୍ରୀବ ଓ ତଦୀୟ ପତ୍ନୀ ଆଜନ୍ମ ନମ୍ରତା ମୂର୍ତ୍ତି ଶ୍ରୀମଣ୍ଡା ମେଙ୍କି ମହା- ଦେଈଙ୍କୁ ଦଣ୍ଡବତ ଜଣାଉଛି ।

ଇତି ପ୍ରେମ-ପଞ୍ଚାମୃତ ପ୍ରସ୍ତୁତି କରଣେ ସାଧ୍ୟାତୀତ ପରିଶ୍ରମ ଫଳେ ଖାଲି ନାଳ ହୋଇଭାଂ ସମ୍ପୂର୍ଣ୍ଣ ମ ଦଂ—

—o—



# ବଡ ବାଧା

ଇମିତି କାହିଁକି ହେଉଛ ତୁମେ ? ଦମ୍ ନେଇ, ଧୀରେ ସୁସ୍ଥେ ସବୁ ସନ୍ଧ୍ୟାଳ-ପତ୍ର-ତତ୍‌ପରେ ପାକୁଳ କରି ରସାସ୍ୱାଦନ କରିବାକୁ ସୁବିଧା ହେବ । ପାଞ୍ଚ ମାଙ୍କଡ଼ମାନେ ତର ତରରେ କସି କଖାରୁ ଖାଇବା ବେଳେ ଯିମିତି ହାଲୁଏ ଲେଖାଏଁ କାମୁଡ଼ି ଫୋପାଡ଼ି ଦିଅନ୍ତି-ସିମିତି କରନା । ମୋଟେ ତରତର ହୁଅନା । ହାଉଳେ-ହାଉଳେ । ତୁମେ ତ ଆଜି ମେଡ୍ରାସ୍ ମେଲର ଡ୍ରାଇଭର ନୁହଁ ଯେ ଗାଡ଼ିଟାକୁ ହାବୁଡ଼ାରୁ ଆଣି ଖଡ଼ଗପୁରେ ଥୋଇଦମ୍ ନେବ । ମନେ ରଖିବାକୁ ହେବ-ତୁମେ ଜଣେ ସାହିତ୍ୟ-ପାଠକ 'ବଡ଼ବାଢ଼' ବିଷୟଟିକୁ ମନ, ମୁନ, ଚଇତନ ଲଗାଇ ବୁଝି ସମଝି ପଢ଼ିବା ହେଉଛ । ଖାଇଯିବା ଚିଜ ନୁହେଁ ଯେ ଝାଟ୍ କିନା ପାଟିରେ ପକେଇ ଦେଇ ପାଣିଗିଲେ ସେ ଟେକି ଦବ-ଯିମିତି ମକରବା ସାହିର ବୃଷ୍ଟେଯିଁ ବାବୁ ପନ୍ଦର ପଇସିଆ ରସଗୋଲା ପାକୁଳ କରି କଳପାଣି ପିଅନ୍ତି-ଢକଢକ ଶବ୍ଦ କରି । ମଂତ୍ରୀ ମଣ୍ଡଳ ଭାଙ୍ଗି ରାଷ୍ଟ୍ରପତି ଶାସନ ଜାରି ହବା ଦିନ ଯେପରି ଭୁବନେଶ୍ୱର ସେକ୍ରେଟେରିଏଟ୍‌ରେ ଖାଲି ଘୋ, ଘା ଲାଗିଥାଏ । ସାହିତ୍ୟ-ଆଲୋଚନାରେ ସେ ସବୁ ଲାଇନ୍ ଚଳିବ ନାହିଁ ନଚଳିବ । ଇଏ ହେଲା ସାହିତ୍ୟ । ତୁମେ କିନ୍ତୁ କମ୍ ନୁହଁ-ପାଠକ ଓ ସାହିତ୍ୟ ପ୍ରେମୀ । 'ବଡ଼ ବାଢ଼' ବିଷୟ ପଢ଼ି-ମନେ ମନେ

କାବ୍ୟର କୋଣାର୍କ ତିଆରି କର-ପ୍ରୀତିର ପୂଜାରିଣୀ ଯଦି ନମିଳନ୍ତି ତେବେ ବଣ୍ଡ ବନ୍ଧଙ୍କୁ କହ-ଖୋଜିଦେବେ ସେ । କେ. ପି. ବସୁ ଆଲଜେବ୍ରା କମ୍ପାନୀର ଏଜେଣ୍ଟମାନେ ଯେପରି ମୁନ୍ଦେ ମୁନ୍ଦେ ସବ ଗୁଡ଼ାକ ଦେଖି ଅଙ୍କ-ମାଷ୍ଟର ମାନଙ୍କୁ ପିଚକାରୀ ମାରନ୍ତି-ବଣ୍ଡବନ୍ଧ ମାନଙ୍କ ହାତୁଡ଼ିରେ ପଡ଼ି ପ୍ରେମ-ପିଚକାରୀ ମାଡ଼ ଯଦି ନ ଖାଇବ ତେବେ ମୋ ନାଆଁରେ ରୋଟେ ମାଛି-ଷଣ୍ଢ ପାଳିବ ।

ଆଚ୍ଛା ଶୀତବର । ବଣ୍ଡବନ୍ଧ କହିଲେ କ'ଣ ବୁଝାଏ ? ଏ ବିଷୟରେ ଆଚ୍ଛା, ଆଚ୍ଛା ଗବେଷକ ମାନଙ୍କୁ ପଚାରି ଯାଇଛି । ଯିଏ ଯାହା କହୁ ପଛକେ—ପଣ୍ଡିତ ହମୃଗ୍ରୀବ କହନ୍ତି ଯେ ଏହା ଏକ ବିଶେଷ୍ୟ ପଦ । କିନ୍ତୁ କି ପ୍ରକାର ବିଶେଷ୍ୟ ଜାଣିଛନ୍ତି ବାପଧନ ? ନାମ; ଜାତି; ସମୂହ, ବସ୍ତୁ ଅବା ଗୁଣ ବାଚକ ବିଶେଷ୍ୟ । ବାଳିକା ଇସ୍କୁଲର ବଣ୍ଡ ବଦ ନାମରେ କେଜାଣି କେତେ ଆକର୍ଷଣ, ବିକର୍ଷଣ ଘର୍ଷଣ କର୍ଷଣ, ଘର୍ଷଣ, ହର୍ଷଣ ଅଛି ତାର ହିସାବ ଏ ବାପୁଡ଼ା ଏଠି ଦେଇ ପାରିବ ନାହିଁ । ବି, ଏନ୍, ଆର, ଯୋଡ଼ା ଯେପରି ସର୍ବଜନାଦୃତ ବଣ୍ଡବଦ ଠିକ୍ ସେହିପରି ସର୍ବଜନଜେୟ ପଣ୍ଡିତ ଏକ ମାନସୀ-ବିଶେଷ । ଛୁଆ, ବଡ଼, ବୁଢ଼ା, ଟୋକା; ଟୋକି ଖୁଙ୍କୀ, ମାମା, ମାମୀ, ଆୟା, ମାଉଷୀ ( ମାଇଚିଆ ) ଅଣ୍ଡିଆ, ଚଣ୍ଡିଆ ( ବିପରୀତ ଅର୍ଥରେ ) ଗାର୍ଜନ, ଗାର୍ଡିଆନ;—ସମସ୍ତଙ୍କର ଖୋଜା 'ଜଣ୍ଡ ଏଣ୍ଡ' । ସାଧନା ଔଷଧାଳୟଙ୍କର ଛଅ ବର୍ଷ ପୁରୁଣା ମହାଦ୍ରାକ୍ଷାରିଷ୍ଟ ଯାହା 'ବଣ୍ଡବଦ' ଠିକ୍ ସେୟା । ନିତାନ୍ତ ଉପକାରୀ-ପ୍ରାଣୀ । ତୁମେ ବିଶ୍ୱାସ କର ବା ନକର ବଣ୍ଡବଦ ମାନଙ୍କୁ ନେଇ ଯେତେ ବହି କିତାପ ଛାପା ହୋଇ ଗଲଣି ସେଥିରେ ତିନିଟା ବଟଲେଇପାଇ ଆଖି ପିଛୁଡ଼ାରେ ବନ୍ଦ ହୋଇଯିବ । ଗଜକନକା ମୁକାମରୁ ମଧ୍ୟମା ପାଶ୍ କରି ନୂଆ ସଂସ୍କୃତ ପଣ୍ଡିତ ଗୁଙ୍କର

କରିବା ପରେ ଛଅମାସ କାଳ ବେତନ ପ୍ରାପ୍ତ ନହୋଇ 'ଅନା-ହାରୀ' ସର୍ଭିସ କରିଥିବା ଅନାମ୍ ଉର୍କାଳଙ୍କର ଯୁକ୍ତିଛଳରେ ପ୍ରମାଣ କରିଛନ୍ତି ଯେ 'କଣ୍ଡବଦ୍ଧ ଏକ 'ମୂର୍ଖତା-ବାଚକ ବିଶେଷ୍ୟ' । କାରଣ ଗୋଟିଏ ମୂର୍ଖତା ଭିତରେ ନାମ, ଜାତି ସମ୍ବନ୍ଧ ଆଦି ସବୁ ବିଶେଷ୍ୟକୁ ସଜାଇ ଲେଖିଦେଇ ଦେଖିଲେ ଜଣାପଡ଼ିବ ଯେ 'କଣ୍ଡବଦ୍ଧ' ସବୁ ବିଶେଷ୍ୟ ହୋଇ ପାରିବ । ପ୍ରମାଣ ନଦେଲେ କାଲେ ତୁମେ ବା ତୁମ ପୁଅ ମାନେ ଅବିଶ୍ୱାସ କରିବେ ତଦର୍ଥେ ତଳ-ତଫସିଲ ବର୍ଣ୍ଣିତ ପ୍ରମାଣଟି ଉଲ୍ଲେଖ କରୁଛୁଁ । ବିଶେଷ ମଗଜ ଖଟାଇବା ଦରକାର ଥିବା ଦୁଃସ୍ଥ ଅଙ୍କ ସାର ଓ ସଂସ୍କୃତ ପଣ୍ଡିତେ ଏଖାଟି ହୋଇ ପଢ଼ିଲେ ଏ ଅଧମର ଶ୍ରମ ଅସାର୍ଥକ ହୁଅନ୍ତା ନାହିଁ ।

ଅତଃ ପ୍ରମାଣ —

ପ୍ରଥମରୁ ନାମ ବାଚକ ବିଶେଷ୍ୟ ଠାରୁ ଆରମ୍ଭ କରାଯାଉ । ଧରନିଅ-ଟୁନି, ଟନିଆ ବା ନନମଣି ଗୋଟେ ବାଳିକା ଇସ୍କୁଲର 'କଣ୍ଡବଦ୍ଧ, ହୋଇଗଲେ । ଗୁରୁକରୀ ହବା ମାତ୍ରକେ ଲୋକ ଓ ଲୋକୀ ମାନେ ତାଙ୍କର ଅସଲ ନା' ଟା ଭୁଲିଯିବେ । ନାଆଁ ଟା ତାଙ୍କର ଯାହା ହେଉ ପଛକେ-ସମସ୍ତେ ଡାକିବାକୁ ଆରମ୍ଭ କରିବେ 'କଣ୍ଡବଦ୍ଧ' । ବୋଲୁ ପଛକେ କାଣୀ-ନାଁ କଟିକଆଣୀ । ଇମିତି ଗୋଟାଏ ସମୟ ଆସିବ ( ଯାହା ସବୁ 'କଣ୍ଡବଦ୍ଧ' ଙ୍କର ଆସେ ) ଯେତେବେଳେ ଦି' ମାଇଲ ବ୍ୟାସାର୍ଦ୍ଧ ଭିତରେ 'କଣ୍ଡବଦ୍ଧ' କହିଲେ ଲୋକେ ସେଇ ବାଳିକା ଇସ୍କୁଲ 'କଣ୍ଡବଦ୍ଧ'ଙ୍କୁ ବୁଝିବେ ହିଁ ବୁଝିବେ । ଟନମଣି ଯେତେବେଳେ 'କଣ୍ଡବଦ୍ଧା' ଶବ୍ଦଟା ଶୁଣିବେ ସେତେବେଳେ ଅତେଇଟଙ୍କିଆ ସୁଞ୍ଜି ଯୋଡ଼ା ମଡ଼ା ଗୋଡ଼-ଟିପକୁ ଟେଁ ଟେଁ ଇ ଚାଉଳ ଭଳିଆ ଟେକି ଇସ୍କୁଲ ବାରଣ୍ଡାରେ ଦମେ ଫକର ଫକର ବୁଲିଯାଆନ୍ତି ମୋ ବୋପାଲେ । କିଏ ଦେଖିବ ?

ତେମେ ବାବୁ ଯାହା ଭାବ ପଛକେ ଆମର ବ୍ୟାକରଣଶାସ୍ତ୍ର ବେଶ୍ ଗମ୍ଭୀର । ପାଣିନୀ-ମମଲ ଦେଇ ଆମେ ଅପିଲ ବ୍ୟାକରଣଶାସ୍ତ୍ର କରି ବେଶ୍ ନଫା ଉଠେଇଛୁ । 'ବଡ଼ଦାଦା' ପଦକୁ ଅତି ସହଜରେ ଜାତି-ବାଚକ ବିଶେଷ୍ୟ ବୋଲି ଆମେ ପ୍ରମାଣ ଦେବା । ଜଣେ ଅଧେ ବଡ଼ଦାଦାଙ୍କ ବିଷୟରେ ଏ ଅଧମ ଚିନ୍ତିତ ନୁହେଁ । ଚିନ୍ତାଟା ହେଉଛି ସାରା ଜାତି ପାଇଁ । 'ବଡ଼ଦାଦା' ନିଶ୍ଚୟ ଏକ ଜାତି-ବାଚକ ବିଶେଷ୍ୟ । ବାଳିକା ଇସ୍କୁଲର ଗୋଟିଏ ନିର୍ଦ୍ଦିଷ୍ଟ ଜସମ୍‌ର ଜୀବଙ୍କୁ 'ବଡ଼ଦାଦା' ଭିତରେ ଜଣାଯାଏ । ଯଥା ଘାସ ଭିତରେ ଘୁଘୁରିଆ । ଏନ୍ଥ୍ରୋପି ଦ୍ରୁମାପ୍ୟରେ । 'ବଡ଼ଦାଦା' ଜାତିଟା ଗୋଟାଏ ସ୍ୱତନ୍ତ୍ର ଜାତି । ତାଙ୍କର ଚୁଳି, ଚସମା-ଚଳ-ଚୁହାଣି, ଭେନିଟି ବେଗର କସମ୍, ମୁଣ୍ଡର ଓଢ଼ଣାବିହୀନ ଫେସନ୍ -ସେମାନଙ୍କୁ ଏକ ଆଭିଜାତ୍ୟ ଦେଇଥିଲା ।

ଯୁଗ ବେଲ ମେଜରିଟି ( Majority ) ର ଯୁଗ । ଆସିଲା ନଳିଗୋଡ଼ିଆ ପେଣ୍ଟ ପିନ୍ଧି ସମସ୍ତେ, ଚୁଲିଲ୍‌ବେଟଲ ବରଂ ଲୁମେ କେଲେଣ୍ଡରର କଂପାନୀର କାଠଗୋଡ଼ିଆ ନାଚଦ୍ୱାଲା ଭଳି ଦୁଶ ପଛକେ । ଫେସନ୍-ଫେସନ୍ । 'ଦାଦା' ଶବ୍ଦଟା ଗଙ୍ଗାକୂଳିଆ ହାଓଆରୁ ଅମ୍‌ଦାନୀ ହୋଇ ଓଡ଼ିଶା ମୂଲକକୁ ଆସିଥିଲେ ମଧ୍ୟ ତାହାକୁ ଓଡ଼ିଆ ଘରମାନେ ଷୋଳ ପଣେ ଓଡ଼ିଆ ଭାଷା ବୋଲି ଧରି ନେଇଗଲେ । ଏ ସବୁ ଦିଗରୁ ବିଚାର କଲେ 'ବଡ଼ଦାଦା' ଏକ ସମଷ୍ଟି-ବାଚକ ବିଶେଷ୍ୟ । ମୂଲକ ଯାକର ସବୁ ମହିଳା-ଇସ୍କୁଲର ମହିଳୀ-ମାଷ୍ଟରଆଣୀ ( Lady Teacher ) ଙ୍କୁ 'ଦାଦା' ଏବଂ ତଦୁପରିସ୍ଥାମାନଙ୍କୁ 'ବଡ଼ଦାଦା' କୁହାଯାଏ । ଅଣ୍ଡିରାମାନେ ଯେଉଁ-ଠାରେ ମହିଳା-ପଦବୀରେ ଭୂଷିତ ହୋଇଛନ୍ତି । ସେମାନଙ୍କ ଦାଦା ( Madam ) ସମ୍ବୋଧନ କରିବାରେ ବାଧାନାହିଁ । ବାଉନ ବର୍ଷରୁ ଊର୍ଦ୍ଧ୍ୱ ଅଣ୍ଡିର-ଶିକ୍ଷକ ମାନେ ଯଦି ମହିଳା -ବିଦ୍ୟାଳୟରେ

ଇଚ୍ଛାଆନ୍ତି ତେବେ ତାଙ୍କୁ ସ୍ଥାୟୀ ଭାବେ 'ଦାଦା' ତାଲିକା ଭୁକ୍ତ କରିନେବା ନିରାପଦ ।

ବର୍ଣ୍ଣବୋଧ କଂଆସରେ ଘୁଷୁରି-ଗୁହ ପିଣ୍ଡୁଆ ଦେଇ ଯେପରି ପାଁ ସେରିଆ ବୋଧ ଆମଦାନି କରାଯାଏ ତଦ୍ରୂପ ଭରମର୍ଦୁଭ ପରିଶ୍ରମ କଲେ ବ୍ୟାକରଣର ନୂଆ ସୂତ୍ର ହାତକୁ ଆସିପାରେ । ଗୋଟାଏ ଦାଗନ୍ତ କଥାଟାକୁ ଲକ୍ଷ୍ୟ କର । 'ବଡ଼ଦାଦା' ଅବଶ୍ୟ ଗୋଟାଏ ବସ୍ତୁ ବାଚକ ବିଶେଷ୍ୟ । କାଠ, ନୁହା, ମାଙ୍କଡ଼, ପଥର ଇତ୍ୟାଦି । କେତେ ଓଜନ । କେତେ ଭୁଣ୍ଡା, କେତେ ଡେଙ୍ଗୁ ହେଲେ 'ବଡ଼ଦାଦା' ପାଇଁ ଯୋଗ୍ୟ ବିବେଚିତ ହେବେ ଏ ନିୟମ ହୁଏତ ସ୍ଥିରବାକୁ ଡେରି ଅଛି କିନ୍ତୁ ସେମାନଙ୍କର ଗୋଟାଏ ବାସ୍ତବିକ ( Material ) ଷ୍ଟାଣ୍ଡାର୍ଡ ଅଛି । ନିର୍ଜୀବ ବସ୍ତୁମାନଙ୍କୁ ଯେପରି ତୁମେ ମନଇଚ୍ଛା ନିଅ ଆଣ କରି ପାରିବ ଏମାନଙ୍କ ଭିତରୁ କାହାର କାହାରିକୁ ତୁମେ ହସେଇ ରସେଇ, ନଚେଇ; ଖେଳେଇ ପାରିବ । କେବଳ ସୂତ୍ରଟି ଜାଣିଥିବା ଦରକାର । ତାହେଲେ ସବୁଦିନେ ସିଏ ତୁମ ଆଡ଼କୁ ଘିଅ ମହୁ ଭସେଇ ଦେଉଥିବେ ।

ଶେଷରେ ତିନିବାର ହଲପ୍ କରି କୁହାଯାଇ ପାରିବ ଯେ 'ବଡ଼ଦାଦା' ଏକ ଗୁଣ-ବାଚକ ବିଶେଷ୍ୟ । ସବୁ ବାଉଁଶରେ ତଗା ପୋତା ଯାଏନା ସବୁ କୁମାଣ୍ଡ 'ବଡ଼ଦାଦା' ହୋଇ ନପାରନ୍ତି । ରଜା ହୋଇ ପ୍ରଜାପାଳନ କରିବା ଯାହା 'ବଡ଼ଦାଦା' ହୋଇ 'ସାନ ଦାଦା' ଓ 'ମଝିଲି ଦାଦା'ଙ୍କୁ ପାଳନ କରିବା ଠିକ୍ ସେୟା । ଅଲଗା ବସିବା, ଅଲଗା ହସିବା, ଅଲଗା ଘରେ ଦାଦା; ଧରମ ଭାଇ ମାନଙ୍କୁ ଜଳଖିଆରେ ଖୁସି କରାଇବା ଏକୁଟିଆ ବେଳେ ଆଇନା ସାମ୍ନାରେ ଠିଆ ହୋଇ ଦାନ୍ତକୁ ଚିପି ଶାସନ କରି ଶିଖିବା;

ଆପଣା ବୟସକୁ ଦଶବର୍ଷ କମେଇବା ଭଳି ବେଶ ପୋଷାକ ପିନ୍ଧି ଶିଖିବା 'ବଡ଼ଦଦାପଣ ଗୁଣ' ଭାବରେ ସ୍ୱୀକୃତ ହୋଇଛି । ଏମାନଙ୍କର ଆଉ ଗୋଟାଏ ଲକ୍ଷ୍ୟ କଲା ଭଳି ଗୁଣ ଏହିଯେ-ଅନ୍ୟ ଲୋକେ ଯେତେ ଟେମ୍ପର ଦେଖାଇ ଗର୍ଜନ କରୁଥାଆନ୍ତୁ ପଛକେ ଇନ୍ସପେକ୍ଟରେସ ଆସିଗଲେ ମୁହଁରେ ତାଲା ପକେଇ ଦିଅନ୍ତି । ତେଣିକି କେବଳ ମୁଣ୍ଡ ଟଙ୍କାର ମୌନ ସମ୍ମତି ଲକ୍ଷଣ — ।

ତଥାପି ହରିନାହିଁ ବାବୁ । 'ବଡ଼ଦଦା' ହେଉଛି ଏକ ଖାଣ୍ଟି ସର୍ବନାମ ପଦ । ଡକିମାନଙ୍କ ଯେପରି ମିଶ୍ର ସାହାବ, ସେନାପତି ସାହାବ ଗୁପ୍ତ ସାହେବ; ଘୋଷ ସାହାବ ଡାକନ୍ତି ଠିକ ସେହି ସୂତ୍ରରେ ଶ୍ରୀମତୀ ଚଟର୍ଜୀ ବା ଶ୍ରୀମତୀ ମହାପାତ୍ରଙ୍କୁ 'ବଡ଼ଦଦା' ଡକାଯାଏ । ଏହା ଏକ ସର୍ବନାମ ପଦ ନିଶ୍ଚୟ । ନିଅ-ଆଦର ପଦ ନବାର ନିଅ । ଏହାକୁ ବିଶେଷଣ ହିସାବରେ ନିଅ । ମନ୍ଦ-ଦେବଙ୍କ ଶ୍ରେଣୀକୁ ନମସ୍କାର କରି ମନ୍ଦିରକୁ ଯିବା-ଭକ୍ତିଚପଳ-ଚଷମା ପରିହିତା ଚଞ୍ଚଳା-ବାଳା-ଛୁଟିତା ବାଳିକା-ଉଦ୍ୟାନସ୍ଥ ଭକ୍ତଙ୍କୁ ପଛିପିବା ଚେଷ୍ଟା କରି ଯେପରି 'ଗେଟ୍ ଅଉଟ୍' ( Get out ) ନଶୁଣି । ସାବଧାନ ।

ଅତେଏବ ମୂଲ୍ୟବାନ ଖଗଦେଳୋକସାନରେ 'ବଡ଼ଦଦା' ପଦର ଇଦୃଶ ବହୁଳକରଣର ତଥ୍ୟ ଉଦ୍ଭାବନ ସମ୍ଭବ ହୋଇଛି । ଅତ୍ରିଗ ଓ ମାଣ୍ଡ କିସମର ବଡ଼ଦଦା ମାନଙ୍କ ପ୍ରତି ଲାଗୁ ହେବାରେ କୌଣସି ବାଧା ନାହିଁ । ଅସଲ ସତ୍ୟ ଏହି ଯେ ବଡ଼ଦଦା ମନେ ଏ ସବୁ ଗୁଣଠାରୁ ଅଧିକ ଗୁଣବନ୍ତ । ଧକ୍ ଧକ୍ ହୋଇ ମୁଣ୍ଡ ବାଡ଼ୁଥିଲେ ତର୍କର ମହୌଷଧି ସ୍ୱରୂପ 'ସାରିଡନ୍' ବଟିକାଟିକୁ ଧୂମ୍ରପାନ ପାନ ଦୋକାନ ଠାରୁ ଆଣି ଧମାସ୍ କିନା ପାଟିରେ

ପଟେଲ ଏକ ଗଳାସ ଉଂଷ୍ଣ ପାଣି ସେବନ ଯେପରି ପ୍ରୟୋଜନ-ଉପର ବର୍ଣ୍ଣିତ ବିଶେଷ୍ୟ -ଚର୍ଚ୍ଚା ପରେ ଦଶଥର ମଦନ-ସୁନ୍ଦର ମୂଦ୍ରକ ସେବନ ଅବଶ୍ୟ ପରାମର୍ଶବ୍ୟ । ଉପରୁର ରକ୍ଷା କରିବା ବିଧି ବ୍ୟକ୍ତିଗତ ସଂପର୍କ ସ୍ଥାପନେ ଗୋପନୀୟତା ରକ୍ଷା କରି ପ୍ରେରଣ କରାଯାଏ ।

ସମାପ୍ତୋୟଂ ୬ ଷ୍ଠଦଦ୍ୟୁପାଖ୍ୟାନଂ

—c—

# ହାକିମ ହଜିଲେ

ଦୁଲଭଚନ୍ଦ୍ର ବଳୀୟାରସିଂ ମଉଗଜ ନନ୍ଦନ୍ ମାହାପାତ୍ର ସନ ୧୯୬୮ ମସିହା ମାଘ ଶୁକ୍ଳ ସପ୍ତମୀ ତିଥିରେ ଭଣ୍ଡାରୀ ପୋଖରୀ ବ୍ଲକ ଓରଫ ପଞ୍ଚାୟତ ସମିତି ଅଫିସ ଦୁଆରେ କଅଁଳ ଗାଧୁଆ ଦେହକୁ ହାଜର ହୋଇଗଲେ ।

ଟିକେ ଉନ୍ନିଗଲ କାଗା । ଦେଖେଁ......... । ଠିକ୍ ଅଛି । ହଁ-ଆମର ଦୁଲଭ ତ । ନାକ ଠେକୁଚ କଣ ? ଦୁର୍ଲଭଚନ୍ଦ୍ର ଯାହା, ଦୁଲଭ ସେୟା । 'ଏକୋବ୍ରହ୍ମ ଦୁଷ୍ଟାୟ ନାସ୍ତି' । ତୁମେ ତାଙ୍କୁ ସାକ୍ଷାତରେ ଦେଖିନା ବୋଲି ଇମିତି ଥାଥା ମାମା ହୋଉଚ । ପ୍ରଥମ ଖୋଦ ସେ ମହାଶୟଙ୍କୁ ଦେଖି, ଦଣ୍ଡବତ ହୋଇ ତାଙ୍କ ସାଙ୍ଗରେ ଆଳାପ ମେଳାପ କରି ଫେରିଚ । କୃଷି ବିଭାଗର ଫିଲଡମେନ୍ ହିସାବରେ କୃଷି ବେବସ୍ଥାର ସବ୍ କଥା ମୁହଁରେ ତାଙ୍କର ଗଡ଼ୁଚି । ଟାଇଚୁଂ ଧାନ ନୂଆ କରି ବାଲେଶ୍ବର କଲଟର ମଗାଇ ଥାନ୍ତି ଚାଷ କରାଇବେ ବୋଲି । କଲେଟରୀ କଚେରୀରେ ମିଟିଂ ହେଲା-ସମସ୍ତେ ଏପାଖ ସେପାଖ ହେଲେ ଦୁର୍ଲଭଚନ୍ଦ୍ର କିନ୍ତୁ ଅଣ୍ଟା ଭିଡ଼ି ଠିଆ ହେଲେ ଆଗକୁ । ଛତାବର ରାସ୍ତା କଡ଼ରେ ତିନି ଏକର ସାତ ଡିସିମିଲ୍ ଜମିରେ ହେଲା ଟାଇଚୁଂ ଚାଷ । କଲଟର କମ୍ ଶନର, ଏସବୁଆ କାବ୍ବା ହୋଇଗଲେ । କଣ କୁଣ୍ଡା ଦିଆ

ପାଠ କ ? ମାଟି ସାଙ୍ଗରେ ମାଟି ହେଲେ ସୁନା ଅମଡାମା ହବନ ? ଦୁର୍ଲ୍ଲଭଚନ୍ଦ୍ର ସୁପାରିଶ୍ ପଢ଼ିଲେ ଓପର ହାକିମଙ୍କ ଠାରୁ, ଦୂରରୁ ବଦଳି ହୋଇ ଆସିଲେ ଆପଣାର ଜନ୍ମମାଟି ଭଣ୍ଡାରୀ ପୋଖରୀ ଇଲାକାକୁ ।

ତୁମ୍ଭମାନଙ୍କୁ ଆମ୍ଭେ ଏକୋଇଶଟି ବର୍ଷ ପୁନେଇଁ ପଛକୁ ଫେରାଇ ନେଉଛୁଁ । ସେଦିନ କୋଇକରା ଗାଆଁକୁ ଉଜ୍ଜ୍ୱଳ କରି ଦମ୍ପତି ମହାପାତ୍ର ଓରଫ ଦଇତାରି ମହାକୁଣ୍ଡ, ଲୋକେ ଜାଣିଥିବା ଦମ୍ଭାଗଣ୍ଡଙ୍କ ଘରେ ଦୁର୍ଲ୍ଲଭ ଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ଗ୍ରହବିପ୍ର ମୀନକେତନଙ୍କ ପରାମର୍ଶରେ ଖଣ୍ଡିଏ ମଳିଚୁଆ ତାଳପତ୍ର କଟାହୋଇ ଯୋଇପତ୍ର ଘଟିତ ପରିଷ୍କୃତ ହୋଇ ତହିଁରେ କୋଷ୍ଠୀ ତିଆରି ହୋଇଥିଲା । ଅକାଣ୍ଡିଆ ଅରୁଆ ଚୁଡ଼ାଳ ଏଗାର ପାଆ, ଏଗାରଟି ଚେପଟା କଦଳୀ, ଏଗାର ପଲ ତେଲିଆସାରୁ, ଏଗାରଟି ହନୁମାନ ପଇସା ଗାମୁଛା କାନିରେ ବାନ୍ଧି ଗ୍ରହବିପ୍ର ମୀନ କେତନ ଏଗାର ପାହୁଲ ବାଟ ଅଟେଇ ଯାଇ ବିଶ୍ରାମାନ୍ତେ କହିଲେ ଯେ ଏଗାର ବର୍ଷରେ ଯୋଉ କଷ୍ଟ ଥିଲା ସେଟା କଟିଗଲା । ପୁଅକୁ ଏଗାର ବର୍ଷ ହେଲାକୁ ଟିକିଏ ଗ୍ରହଶାନ୍ତି କରେଇ ଦେଲେ ଚଳିଯିବ । କୋଷ୍ଠୀ ଡ଼ାକୁଛି ରାଜଯୋଗ । ଜରୁର, ଜରୁର, ॥ ଯଦି ସେଥିରେ କିଛି ଏପାଖ ସେପାଖ ହୁଏ ତେବେ ଆପଣାର ପାଞ୍ଜି କାଉଁକୁ ନଇଁଚରମ ବିଷ୍ଣୁ-ନିବାସ କେନ୍ଦ୍ର (ଗୁହ ପଡ଼ିଆରେ) ରେ ପୋତି ଦେଇ ନିଜେ ମେଚକର୍ମ କରିବେ ବୋଲି ଗ୍ରହବିପ୍ର ମହାଶୟ କହି-ଦେଲେ ମାତ୍ରେ ଦୁର୍ଲଭ ଚନ୍ଦ୍ରଙ୍କର ଗୋସିମା, ମହମ୍ମ ବେଓ୍ୱା ଗୁରି ଆଙ୍ଗୁଳି ଜିଭ କାଢ଼ି କେହେଙ୍ଗି । ଦାନ୍ତରେ କାମୁଡ଼ି ପକେଇଲେ । ଅବଧାନ ହେବେ ମୋଟ । ଷଠୀଘର ପାଖରେ ହୁଙ୍କାମାଟି, ସାପକାଣ୍ଡି, ନୂହା ଲେଖନ, ତାଳପତ୍ର ପାଖରେ ଛୁଆଟିକୁ ଗଡ଼େଇ

ଦେଇଥିଲେ । ଓପରୁ ଫୁଲଟିଏ ଖସି ପଡ଼ିଲା ଷଠୀଙ୍କ ଠାରୁ । ବେଳ ଜାଣି ଗ୍ରହବିପ୍ର କହି ଦେଇଥିଲେ ଶ୍ଲୋକ "ରାଜଯୋଗେଷୁ କେବଳଂ ପୁଷ୍ପ ପତନଂ ଘଟତି" । ମହମାବେଣ୍ଡା କାଢ଼ି ନେଇଥିଲେ ନୁଗା କନାରୁ ଗୋଟେ ନଡ଼ା ମୁଣ୍ଡିଆ ଟଙ୍କା ଅବଧାନଙ୍କ ହାତକୁ । ଏଗାର ବର୍ଷର କଷ୍ଟ କାଟି ଏକୋଇଶ ବର୍ଷରେ ପହଂଚିଛନ୍ତି ସେ ଆଜି । ସେହି ମନ୍ତ୍ରମାସାଗର ଦୁର୍ଲଭ ହେଉଛନ୍ତି ଏଘଟଣାଉନାସ୍ଥିକ କୃଷିବିଭା-ଗର ଫିଲଡ଼ମେନ ଦୁଲଭ ଓରଫ ଦୁର୍ଲଭଚନ୍ଦ୍ର ଅଫିସ୍‌କୁ ଗଲାବେଳକୁ ଅଫିସ ଖୋଲା ହୋଇ ନଥାଏ । ନୂଆ ଠାଣି ହୋଇଥିବା ଅସିଲା ହିନ୍ଦ୍‌ ଯେମନ୍ତ ବନାବେଳେ ଘଟା ଗାରିଆ ଲୁଙ୍ଗି ମାରି ମାଗୁର ଖଣ୍ଡିଆ ଜଣ ରଖନ୍ତି । ଦୂଲଭରୁ ପ୍ରମୋଶନ ପାଇ ଦୁର୍ଲଭ ଚନ୍ଦ୍ର ହୋଇଥିବା ଫିଲଡ଼ମେନ କାଣ୍ଟି କଟା ଲୁଲିଆ ନମ୍ବାପେଣ୍ଟ, କାର-ଟଙ୍କା ଅଠେଣିଆ ହାଓ୍ୱାଇନ, ଅଢ଼ଇ ଟଙ୍କିଆ ଚଟି ଯୋଷାର ବୁଲୁ ଅଫିସ ଦୁଆରେ ଦେ'ହଲୁଥାନ୍ତି । ପିଅନର ନଜର ପଡ଼ିବା ମାତ୍ରେ ଘାବରା କେହି ବାବୁ ଆସିଗଲେ । ସେ ଭଟରୁ ଖଣ୍ଡେ ଚିଣ ଗ୍ଲେଉଡ଼କ ଆଣି ଦେଖାଇ ଦେଲା । ସାଙ୍ଗେ ସାଙ୍ଗେ ବଡ଼ ପାଟିରେ ଶୁଣେଇ ଦେଲା ଯେ ସାଢ଼େ ଏଗାରଟା ପୂର୍ବରୁ କେହି ବାବୁ ଅଫିସକୁ ଆସନ୍ତି ନାହିଁ । ଏଥର ଆମ ଦୁର୍ଲଭଚନ୍ଦ୍ର କାଢ଼ିଲେ ସିଗାରେଟ । ତାକୁ ତୁମେ ସିଗ୍ରେଟ ଖିଆ ନକହି ଚନ୍ଦ୍ରମା ମିଠାଇଖିଆ କହିଲେ ମଧ୍ୟ ଆପେ ଦୁଃଖ କରିବୁ ନାହିଁ । ଧଳା ଧଳା ଲମ୍ବ ପଦାର୍ଥ (ସିଗ୍ରେଟ) ର ରଙ୍ଗଟେ ପାଟି ଭିତରକୁ ପୂରେଇ ଦେଇ ଡିଆସିଲି କାଠି ଜଳାଇ ନିଆଁ ଲଗାଇ ଏକା ଟାଣକରେ ମେ ଚାଏ ଧୂଳା ଖାଉ ଦେବାର ଦେଖା-ଗଲା । କିଛିକାଳ ପରେ ନାକଛେପ ବଲବଲାଉ ତଥା ଅଧେ ଅଧାଳ ଦୁଲଦୁଲାଉ ସିଗ୍ରେଟ ଟାକୁ ପାଟିର ବନ୍ଧୁଦେଶକୁ କାଢ଼ି ଅଣି ତହିଁରୁ ଅଧାକ ଅଧଖଣ୍ଡେ ନଖଦ୍ୱାଖଣ୍ଡିତ କରି ଫିଙ୍ଗି ଦେଲା

ଉତ୍କଟ ପୁଣି ଅବଶିଷ୍ଟାଂଶ ପାଣି ଭିତରକୁ ଫୁଙ୍କ ପ୍ରଚଳିତ ଶକ୍ତିରେ ଅଗ୍ନି ସଂଯୁକ୍ତ ପ୍ରବେଶ କଲେ । ଯାହାର ଯେପରି ରୁଚି ସେ ସେପରି ଖାଇବ । ତୁମ ପସନ୍ଦ ନହେଲେ ନହେଉ ପଛକେ ।

ଦିନ ଏଗାରଟା ସମୟର ମିନଟ୍‌ରେ ନଳୀଗୋଡ଼ିଆ ଟପା ଓ ମଲ୍ଲ ପରିକର୍ମା ନେଣ୍ଟ, ଧଳା ହାଫ ସାର୍ଟ ପିନ୍ଧି ରେଜେକେଟେଡ଼ ଅଫିସରିଆ ଜଣାଧାଣ୍ଟ ଜଣେ ବ୍ୟକ୍ତି ଡି. ଡି. ଓ ଙ୍କ ଅଫିସ ଭିତରେ ବସି ଟେପ୍ରାମ୍ ରେଗଜଣ କରିବାର ଦେଖାଗଲା । ମାଘ ମାସର କାଦୁଆ ଜାଡ଼ରେ କମ୍ପାଭୁଜାଳ ବହଳିଆ ରେଶମର ଉଣ୍ଡିତ ଉଷୁମ ଯେପରି ହାଟଲପୁଷ୍ଟ ଗ୍ରାଡ଼ଟୋପ କାମୁଡ଼ାରେ ଗୁଙ୍ଗ କଲା ହଗିଡ଼ଯାଏ ଠିକ୍ ସେକଥର ପିଅନ ଗୁଡ଼ାକ ଖାଲି ହଲଚଲ ହୋଇ ଖଣ୍ଡି ଦୋଉଡ଼ ମାରିଲେ । ନାଗିଲା ଦୋଉଡ଼- ଏଥରୁ ସେଥରକୁ, ଏଠୁ ସେଠିକି । ମଝିରେ ମଝିରେ ଖାଲି ଶୁଭୁଥାଏ କାଳ ଉଠୁଥାଏ ସଂ-ଇ-ଇ' । ସାଙ୍ଗେ ସଙ୍ଗେ ଭିତର ଆଡ଼କୁ ଗୋଟାଏ ଗୋଡ଼ ବଢ଼ାଇ ଦେଇ ମଂତ୍ରୀଙ୍କ ସମ୍ନାରେ ପି. ଏ ଙ୍କ ଷ୍ଟାଇଲରେ ପିଅନ ଜଣେ କହୁଥାଏ । ଆଜ୍ଞା-ଆ" । ଖାଲି, ଖାଲି ଶିଖି ହେବନି । ଦେଖି ପରଖି ଶିଖି ନପାରିଲେ ହେବନାହିଁ । କହିବାର କାଇଦା ଅଛି । ନଜର ପସନ୍ଦ କରି 'ଆଜ୍ଞା' ପଦକ ନକହିଲେ ମୁଣ୍ଡ ଦିକଡ଼ା । ହାଁ- ହୁସିଆର ।

କିଛି ସମୟ ପରେ ଭିତରୁ ଡ଼ାକରା ଆସିଲା । ଦୁର୍ଲଭଚନ୍ଦ୍ର ବେଷଥିଲ ପାଇଁ ଟେଙ୍କାକିଆ କାଳିକୋ ରୁମାଲ୍‌ଟାକୁ ପକେଟରୁ କାଢି ମୁହଁ- ଆଖିପତା, କାନମୂଳ, ମୁହଁଟାକୁ ପୁଣି ଥରେ ଘଗଡ଼ କରି ପୋଛି ଦକାଇଲେ । ଛ' ପଇସିଆ ପ୍ଲାଷ୍ଟିକ ପାନିଆରେ ମୁଣ୍ଡର ଆଗବାଳକୁ ସଜାଡ଼ି ନେଲେ । ହସିବାର କଥା ନୁହେଁ । ଆଗେ ଭେକ-ପଛେ ଭିକ । ପନ୍ନିଲେ ଖଦଡ଼-ପଛେ ନେତାଗିରି ।

ବଅସ ଗଡ଼ଯାଇ ଅପରଚ୍ଛନଆ ଦୃଶୁଥିବା ଫୋନ-ଅପରେଟରଆଣୀ ମାନେ ଯେପରି ମଝିରେ ମଝିରେ ଅର୍ଣ୍ଣିର ଅପରେଟର ମାନଙ୍କ ଆଡ଼କୁ ଗୋଟାଏ ହସର ହାବୁକା ମାରି ଦେଇ ଅଫିସାଭିମୁଖେ ଚାଲିଲେ । ହସ ହେଲା ବାବୁ ସବୁଥିର ମୂଳ । ଭିତରେ ପହଞ୍ଚିଲେ ଗରଜ ହଷ ଭରନ୍ତି ହେଉଥାଉ, ଓଠରେ ହସଟା ଥିବା ଦରକାର । ହସ ହସ ମୁହଁରେ ଚିଡ଼ାକଟା ପେଞ୍ଚ ଲଗି ପାରିବନି ଲାଭ ହଟେଇବ । ଦୁଲଭଚନ୍ଦ୍ର ଭିତରକୁ ଯାଇ ବ, ଡ଼, ଓ;ଙ୍କ ସାମ୍ନାରେ ଠିଆହୋଇ ଡ଼୍ରିଲ କରିବା ଭଙ୍ଗୀରେ ଦେହଟାକୁ ଈଷତ୍ ନୁଆଁଇ ଦଣ୍ଡା—ଦଣ୍ଡବତ କଲେ । ବ, ଡ଼, ଓ, ହୋଇଲେ ପଚାରି "କଣ କାମ ।" "ନାହିଁ ଆଜ୍ଞା—ଦୁର୍ଲଭଚନ୍ଦ୍ର କହସୁ......" । ପୁରା କଥା ପଦଟା ପାଟିରୁ ଉଚ୍ଚାରିବା ଆଗରୁ ବ ଡ଼, ଓ, ପାଟି କଲେ ଥାଉ, ଥାଉ, ହେଲଗଲ । ଯଥେଷ୍ଟ ହେଇଗଲା । ମାଳଦାର ପିଲଡ଼ମେନ ବୋଲି ନକହୁ ଏତେ ଲମ୍ବା ସପ୍ତବାହାଦୁରିଆ ଟାଇ-ଟଲ୍ (Title) ଟାଏ କହିଲେ ଆମେ କଣ ବେଶୀ ଚାହୁଁବୁ ? ଚାକରୀ ତ ଚାଷୀଙ୍କ ନଙ୍ଗଳ ମୁନରୁ ମାଟି ଆଡ଼େଇବା—ନାଁଟା ଛୋଟେଇ ଦେଇ କହୁନା" । ହେଉ, କିରାମ ସୁରଥ ବାବୁ ଠିକ୍ ବେଳରେ ଆସିଲେ ପଶି । ତାଙ୍କୁ ଦେଖି ବ; ଡ଼; ଓ; ଆରମ୍ଭ କଲେ "ଦୁଲଭଚନ୍ଦ୍ର ବଳୀୟୁ...... ହୋ, ହୋ, ହୋ" । ହାତ ଟିପରେ ଧରିଥିବା ଫାଇଲଟାକୁ ମୁହଁ ଉପରକୁ ଟେକି ଧରି ସୁରଥ ବାବୁ ଦାଳଖିଆ ଓଠଘୋଡ଼ା ଭଳି ହେଁ ହେ ହସିବାକୁ ଲାଗିଲେ । ହସଟା ପୁରା କରି ଦେଇ ସାରି ବ, ଡ଼, ଓ ଦେଖନ୍ତି ତ ସୁରଥ ବାବୁ ହସ ମଝିରେ ଋନ୍ଧିଯାଇଛନ୍ତି । ପାଟି ଫାକୁ ଫାକୁ କରି ଚଳେ-ଇଛନ୍ତି ହସ । ଫୁଟ୍‌ବଲ୍ ଖେଳରେ ଗୋଲ୍ ପୋଷ୍ଟ ଆଡ଼କୁ ବଲ୍ ଆଗେଇ ଗଲେ ଦଳେ ଯେପରି ମାଗଣାଟାରେ 'ଅଫ୍ ଅଫ୍' ପାଟି

କରି କଂପେଇ ଦିଅନ୍ତି ବି; ଡି, ଓ ସୁରଥ ବାବୁଙ୍କ ହସକୁ ଆଗେଇ ନେବା ପାଇଁ-ପୁଣି ହସାରମ୍ଭ କଲେ 'ହିଁ ହିଁ', ସୁରଥ ବାବୁ ବି; ଡି, ଓ ଙ୍କର ଖୁବ ପାଖରେ ଠିଆ ହୋଇ ଖୋଲା ହସ ହସିଲେ କାଳେ 'ସରକାରୀ କର୍ମଚାରୀ ଆଚରଣ ବିଧି (Government Servant Conduct Rules )-ରେ କିଛି ବିଗିଡ଼ିଯିବ, ତେଣୁ ସୁରଥ ବାବୁ ମୁହଁ ଆଲମାରୀ ପଛକୁ ହଟିଯାଇ ପୁଣି ଚଳେଇଲେ ହସ । ସତେ ଯେପରି ହସ ଗାଡ଼ିରେ ଷ୍ଟାର୍ଟ ଦେଇ, ଗିଅର ଦବାଇ ଥିଲେ ସୁରଥ ବାବୁ । ତେଣେ ଅର୍ଦ୍ଦଳି ପିଅନ ବି ହସି ହସି ଖଣ୍ଡି ଦୋଉଡ଼ ମାରୁଥାଏ ଅଫିସ ଦୁଆରେ । ବି, ଡି, ଓଙ୍କ ରୁମ୍ ଭିତରେ ହସ ହେଉଥିବାର ଦେଖି ଜଣେ ମୁଖଦାନ୍ତୁରୀ ଗ୍ରାମସେବକ ଆରମ୍ଭ କରି ଦେଲା ହସ । ସେଇ ହସ ଚାଲିଥିବା ବେଳେ ଏସ୍, ଇ, ଓଙ୍କୁ 'ନମସ୍ତେ' କହିଦେଲା । ଆଜ୍ଞେ ସନ୍ଧ୍ୟା ହୁଅନ୍ତି ଏସ୍,ଇ ଓ; ମହାଶୟ । ହସ; ହସ; ହସ,—ଗଲା ଅଫିସଟା ଉଠୁଛି ପଡ଼ୁଛି । କୁଷ୍ମାଣ୍ଡା ମୁହଁ । ମଣିଷ ଥରେ ହସିଲେ ଅସମ୍ଭାଳ । ପ୍ରଗେସ୍ ଆସିଷ୍ଟାଣ୍ଟ ସେତେବେଳକୁ ଏପାଖ ସେପାଖ ହେଲେଣି । ଛୁଆ ଜନ୍ମ କରିବା ଆଗରୁ ମାଈ ବିଲେଇ ଯେପରି ଏ ଘର ସେ ଘର ବୁଲି ଯାଗା ଠଉରାଉ ଥାଏ, ପି, ଏ ସେଇରକମ ହେଉଥାନ୍ତି । ବ୍ଲକ ଅଫିସ ଭିତରେ ସମସ୍ତେ ପି, ଏ ଙ୍କ ମୁହଁକୁ ଅନେଇଥାନ୍ତି-ସମସ୍ତେ ହସି ସାରିଲେଣି ଅଥଚ ପି,ଏ ହସିବେନି । ବି, ଡି, ଓ ଭାବିବେ କଣ ? ତେଣୁ ପି,ଏ ବି ଆରମ୍ଭ କଲେ । ଡିଜେଲ୍ ଗାଡ଼ି ଗୁଡ଼ାକ ଷ୍ଟାର୍ଟ ହୋଇ ଠିଆ ହୋଇଥିଲେ ଯେପରି ଘାଡ଼୍ ଘାଡ଼୍ ହୁଅନ୍ତି ବି, ଡି, ଓ ସେଇପରି ମଝିରେ ହସର ପିଚକାରୀ ମାରୁଥାନ୍ତି । ସମସ୍ତଙ୍କର ହସ ସରିଗଲା ପରେ, ବି, ଡି, ଓ ଆପଣାର ହାତ ଦି'ଟାକୁ ଉପରକୁ ଟେକି ଗୋଡ଼ ଦିଟାକୁ ଟେବୁଲ୍ ତଳକୁ ନମେଇ

ତୋଇ ଚମ୍ପାର ଓଇଦେ ଫର୍ମେନ୍ଟେଇ ପଡ ହାଇ ମାର ହମ୍ ସଙ୍ଗରେ ପୁଷ୍ଟିବୃଦ୍ଧି ଦେଲେ ।

ବୁଝିଲ କଥା । ବି, ଡି, ଓ ସା'ବ୍ ହେବାର ପଇଣ୍ଟ୍ ଅଛି । ଜମ୍ପା ଗୋଜଡ ପୁଅ ଦୁଲୁଆ, ଦୁର୍ଲଭଚନ୍ଦ୍ର, ବଳସୁ ... ... ଇତ୍ୟାଦି ନାମ ଧାରଣ କରି କ୍ରିଷ୍ଟି ବଣାରସ ଫିଲ ଉଟେନ ଗୁଜଶ କଚେରୀକୁ ଆସିଥିବାରୁ ବି, ଡି, ଓ ହସ ଛାଡ଼ିଲ ଦେଲେ-ହିଁକା ଆଠଅଣା ରେକେନଲରେ ମକସ୍ ଜଥା-ଭୁକା ଛଡ଼ା ହେଲା ପର । ପସନ୍ଦ ହେଲାନି—ନମ୍ବା ନାଆଁ ଟା । ହାକମାଣ୍ଡିଆ ନାଁ ଆ ହାକମ ମାନଙ୍କୁ ସାକବ-ଜମିଦାର ମାନଙ୍କୁ ଭଲ ଲାଗିଲା । ଜମ୍ପା ଗୋଜଡ ପୁଅ ଦୁଲୁଭାର ଏତେ ନମ୍ବା ନାଁ ଟା କଣ ଦରକାର । ଗୁଡ଼ି ଘର ପୁଅ ଗୁଡ଼ି, କାଠ ଘର ପୁଅ ଖୁଣ୍ଟ । ଏମ, ଇ, ଓ ( ସବସେ ବୃଦ୍ଧ ଭାଲ୍ମ ଏକଷ୍ଟ୍ରେସନ ଅଫିସର ) କେମ ହ୍ୱାନ ବାଧ ହୋଇ ହସି-ଥିଲେ । ଯେତେବେଳେ ଖୋଦ ହାକମ, ଗେଜେଟେଡ୍ ଅଫିସର ହସୁଛନ୍ତି, ଅନ୍ୟ ଅଣଗେଜେଟେଡ ମାନେ ହସିବେନି ଏତେତେ ତମାସ । ହାକମାଙ୍କ ହସର ଜଣ ଦାମ ନାହିଁ । ଏତେ ଟିକେ ଏପାଖ ସେପାଖ ହେଲେ ସି. ସି, ଆର ଏକଦମ ଭଲ୍ ଗୁଳପିଚ-ମେଣ୍ଟେବେଳେ କୋଉ ବୋପା ପିଠିରେ ଲଗିବ ? ଗେଜେଟେଡ୍ ହାକିମଙ୍କର ମାର୍କା ହେଲା ଆଲଗା । ତାଙ୍କର ମେଡ଼ଇନ୍ (Made in ) ହେଲା 'ଅଶୋକ ଚକ୍ର ମାର୍କା ସରକାର' । ସୋଡ଼ଷ ତେଲରେ ଗଣେଶ ମାର୍କା ଡାଲଡାରେ ଖଜୁରୀ ଗଛ ମାର୍କା, ଗୁଣ୍ଡା-ଖଟରେ ସମସ୍ତଙ୍କ ନ ଆକବର ଖାଁ ମାର୍କା ବଡ଼ରେ ହଏଦର ମାର୍କା ଲୁଙ୍ଗିରେ ଖୋର୍ଦ୍ଧା ଶ୍ରୀକୃଷ୍ଣ ମାର୍କା, କଗସିନରେ ରାଣୀ ମାର୍କା ଯାହା, ଅଫିସରଙ୍କ ଗେଜେଟେଡ୍ ମାର୍କାଟା ଠିକ୍ ସେୟା । ଗଡ଼ଜାତ ରଜାଙ୍କ

ହେଡକ୍ୱାର୍ଟର ସଚିବାଳୟ—ସେକ୍ରେଟେରିଏଟ୍ ହାକିମଙ୍କ କଲମ ଖାଉରେ ଗାରିମା-ଜଞ୍ଜାଳ-ଉତ୍ତୀର୍ଣ୍ଣ ଉଦ୍ଧାର ପାଉଛନ୍ତି କି ।

ସଂକ୍ଷେପରେ ବି. ଡି. ଓ ମାନଙ୍କୁ ଯୋଜନା ବିଭାଗର ଗୁରୁ ଗଣେଶ କହିବାରେ କିଛି ଅସୁବିଧା ହେବ ନାହିଁ । ଗଣେଶ ହେଉଛନ୍ତି ଭାରି ବୁଦ୍ଧିଆ ଓ ବିଦ୍ୟାଦାତା ଆଉ ଗୋବର ତ ଜମିକୁ ଉରୁ ଉରୁଆ, ଉର୍ବରଆ କରେ । ବି. ଡି. ଓ ମାନଙ୍କ ଚେଷ୍ଟାରେ ଗାଆଁ ଗହଳର ଅନେକ ଜମି ପଡ଼ିଆ ହୋଇ ଥିବାରୁ ଏବଂ ମଫସଲର ଲୋକେ ଦିନକୁ ଦିନ ପାଠ ପଢ଼ି ମାମଲତି-କାଛ ହୋଇଯାଇଥିବାରୁ ଏମାନଙ୍କୁ ଗୋବର ଗଣେଶ ଟାଇଟେଲ ( Title ) ଦିଆଗଲା । ଉପରୁ ଯାହା ଆସିଲା ତାକୁ ଲଗା ଢାମରେ-ବୁଦ୍ଧି ବିଗୁର ଝଟାଲେ ଟିକଏ ପାଣି ଅଦଳ ବଦଳ କଲେ ସରିଲା କଥା । ସରକାରୀ ମନ୍ତ୍ରୀକୁ କାର୍ଯ୍ୟକାରୀ କରେଇବା ପାଇଁ, ଲୋକଙ୍କ ସଙ୍ଗରେ ହସ ହସ ଜୀବ ରଖିବାକୁ ବି ଡି ଓ ମାନେ ଟ୍ରେନିଂ ପାଆନ୍ତି । ସେଠି ଭିତରଟାରେ ଜଣ ଅଛି କେହି ଜାଣିବେନି । କିନ୍ତୁ ଉପରଟା ହସ ନିହାତି ଦରକାର । ଏବେ କେତେଦିନ ହେଲା ବି ଡି ଓ ମାନେ ମନଖୋଲା ହସ ହସି ପାରୁନଥିବା କଥା ଆମେ ଠିକ ପୁଲିସ ରିପ-ଟରୁ ଜାଣିବାକୁ ହୋଇଛୁଁ, ଚୁପ ଚୁପ । ଯେଉଁଦିନ ବି ଡି ଓ ମାନଙ୍କର ହସ ଷ୍ଟକରେ ନିଲ୍ (Nil) ଦେଖାଯିବ ଏବଂ ଭୁମର ଏ ଯୋଜନା ଫେଲ ମାରିବ ସେତେବେଳେ ନୂଆଦିଲ୍ଲୀ ଯୋଜନାଧାମରେ ଯନ୍ତ୍ର କାନ୍ଦ ବୋବାଳି ନପଡ଼ିବ ?

ବର୍ତ୍ତମାନ ଅବସ୍ଥାରେ ଦେଶଟାକୁ ରକ୍ଷା କରିବା ନିହାତି ଦରକାର । ଅତଏବ ବି, ଡି, ଓ ମାନେ ଦୟା ପରବଶ ହୋଇ ଆଜି ତାରିଖରୁ ଅଭ୍ୟାସ କରି ପ୍ରତିଦିନ ନିମ୍ନଲିଖିତ କ୍ରମରେ ହସି-

ତାକୁ ଆରମ୍ଭ ନକଲେ ଦେଶଟା ବିଭ୍ରାଟ ହୋଇଯିବ । ଏଥିପାଇଁ ଟ୍ରେନି- ଦରକାର ପଡ଼ିଲେ ହୀରାକୁଦ ଆଡ଼ମିନିଷ୍ଟ୍ରେଟିଭ ଅଫିସର୍ସ ଟ୍ରେନିଂ ସ୍କୁଲ ଓ ଶାନ୍ତି ନିକେତନ ବି, ଡି, ଓ ଟ୍ରେନିଂ ସେଣ୍ଟରରେ ହସ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବାର ସରକାରୀ ବ୍ୟବସ୍ଥା ହେଉ ।

ମଳିମୁଣ୍ଡିଆ, ଗାମୁଛା ପୋଛା ଖିଆ ଦରିଦ୍ରିତ, ପାନଖିଆ ନ ଲିପ ଟିଆ, ବନ୍ଟୁଆଧାରୀ ଗ୍ରାମବାସୀ ମାନଙ୍କୁ ଦେଖିଲେ ବି, କ, ଅଫିସର ମାନେ ମୁରୁକୁଡ଼ି ହସ ହସିବେ । ସମିତିର ବେସରକାରୀ ସଭ୍ୟ ଚେୟାରମାନ ବା ଏମ, ଏଲ୍, ଏ ଙ୍କ ସାକ୍ଷାତ ମାତ୍ରେ, ତିନି-ଥର ନମସ୍କାର, ଗୃଣିଥର 'ଆଜ୍ଞା ଆଜ୍ଞା' କହି, ବସିବାକୁ ଲୌ-ହାସନ ଦେଇ, ଦାନ୍ତ ନେଫାଡ଼ି, ଆଗକୁ ଝୁଙ୍କିପଡ଼ି କିମ୍ଭୂତ୍‌କାଳ ହସିବାର ଅଭିନୟ କରିବାକୁ ପଡ଼ିବ । ଏମ୍; ଏଲ୍, ଏ ଙ୍କ ପାଇଁ ପାନ, ପଇଡ଼ ଘିନୋଳି, ପାଣିମିଶା ସାକାରିନ୍ ସର୍ବତ, ଯୋଗାଡ଼ ହୋଇ ପାରିଲେ ସୁବିଧା—ଯଦି କିଂ କାଳେ କିଂ ଭବିଷ୍ୟତ— ନହୋଇ, ପାରିଲା ତେବେ କଥାର ପ୍ରତିପଦ ଆରମ୍ଭ ଓ ଶେଷରେ 'ଆଜ୍ଞା' ଯୋଡ଼ିଦେଲେ ନିତାନ୍ତ ନିର୍ଭୟରେ କାମ ଚଳିଯିବ । ଆଖି ବୁଜି ଦେଇ ସନ୍ଧିରେ ମକରଧ୍ୱଜ ପ୍ରୟୋଗ ପରି ।

ଏସ, ଡି, ଓ, ଏ, ଡ଼ି, ଏମ୍; କଲେକ୍ଟର ଇତ୍ୟାଦି ଆସିଲେ ବି; ଡି; ଓ ମାନଙ୍କୁ ହସିବା କ୍ଷେତ୍ରରେ ଯଥେଷ୍ଟ ସାବ-ଧାନତା ତଥା ସଂଯମ ଅବଲମ୍ବନ କରିବାକୁ ହେବ । ନହେଲେ ବିପଦ । ସେମାନେ ହସାରମ୍ଭ ନକଲା ପର୍ଯ୍ୟନ୍ତ ନହସିବା ଭଲ । ସେମାନେ ଯୋରରେ ହସିଲେ ବି; ଡି; ଓ ମାନେ ମୁହଁରେ ହାତ ଦେଇ ମୁଣ୍ଡଟାକୁ ତଳକୁ ମାଡ଼ି ହସ ଗୁଡ଼ାକୁ ତଳ ଆଡ଼କୁ ପୋଛି ପକାଇବେ । ସେଇଟା ହେଲା ଭଦ୍ରାମି । ନହେଲେ ବାବୁ ଭମ

କଥା ତେବେ ବୁଝିବ ।

ପଂଚାୟତରାଜ, କୃଷିବିଭାଗ, ପଶୁପାଳନ, ମାଛମାରୁ ବିଭାଗର ଡିରେକ୍ଟର ବା ଦିଲ୍ଲୀ ଦରବାରର ଚେକିଂ ପାର୍ଟି ଆସିଲେ ଏକବାରେ ସାବଧାନ-ମୋଟେ ନ ହସିବା ଭଲ । ସେମାନେ ତ ଆଉ ହସ ଦେଖିବାପାଇଁ ବ୍ଲକ୍‌କୁ ଆସୁ ନାହାନ୍ତି ସେମାନେ ଉଠବସ୍ କରେଇବାକୁ ଆସୁଛନ୍ତି । ସେତେବେଳେ ବରଂ ବି, ଡି, ଓ ମାନେ ତଳିଆ କର୍ମଚାରୀ ଓ କରାଣୀଙ୍କ ଉପରେ ରୁଆବ୍ ଦେଖେଇବା ଭଲ । ଯଦି ସେମାନେ କାମରେ ଖୁସି ହୋଇଥିବେ ତେବେ ଡାକ ବଙ୍ଗଳାରେ ଗୁ ସାଙ୍ଗରେ ନୂଣ୍ଡ୍ରା ଷଷ୍ଟ-ଅନୁଗୁଳୀ ଆମ୍ବିଳା କମଳା ସାଙ୍ଗରେ କେରଳୀ କାଜୁବାଦାମ ପରସିଦେଲା ବେଳେ ଏତେ ଟିକେ ଓଠ ଫିସିକା ହସ-ବାସ-ଯଥେଷ୍ଟ ।

ହସ କ୍ଷେତ୍ରରେ ବେଶୀ ନମ୍ବର ପାଇବାକୁ ଚେଷ୍ଟା କରୁଥିବା ବ୍ଲକ୍ ହାକିମମାନେ ଗ୍ରାମ ସେବକ ଓ ଲେଭ ଏସ, ଇ, ଙ୍କ ସାଙ୍ଗରେ କଥାବାର୍ତ୍ତା ହେଲାବେଳେ ଛୁଟି ଛୁଟି ହସି ପାରିଲେ ଉଦ୍ଦେଶ୍ୟ ସମ୍ଭବନା ଏକଦମ ଭଲ । କିନ୍ତୁ ଆପଣାର ଘରଆଡୁ କେତେଟା ଗୋଳମାଳ ଉଠିପାରେ । ଗ୍ରାମ ସେବକମାନେ ମଗନଚନ୍ଦ୍ର ଭଆର କଲାବେଳେ ଖିଲିଖିଲି ହସ ଦୁଆର ମୁହଁରେ ଗଡ଼ାପକାଇଲା ବେଳେ ହଇହଇ ହସ, ସିଲେଇ ଶିଖାଇଲା ବେଳେ ଫୁଟଫୁଟ ହସ, ଗାଡ଼ିରେ ଟୋକା ହାକିମଙ୍କ କଡ଼ରେ ବସି ଟୁର୍‌କୁ ଗଲାବେଳେ ଡୁଲୁ ଡୁଲୁ ହସ ଟୁରରୁ ଫେରିଲା ବେଳେ କାହା ଉପରକୁ ( ଭୁଲରେ ) ଆଉଜି ପଡ଼ିଲେ ପ୍ରୀତି ଗଦଗଦ ହସର ପ୍ରମାଣ ଅଧମ ସଂଗ୍ରହ କରିଛି । ସେମାନେ ମୋଟେ ବହଳିଆ ହସ ହସିବାରେ ଅଭ୍ୟସ୍ତ ନୁହନ୍ତି । ପତଳା, ଫିକାଫିକା ହସ ହସି ଏମାନେ କାମ କରାଇ ନିଅନ୍ତି ।

ବାକୁ ଆରମ୍ଭ ନକଲେ ଦେଶଟା ବିଭ୍ରାଟ ହୋଇଯିବ । ଏଥିପାଇଁ ଟ୍ରେନି- ଦରକାର ପଡ଼ିଲେ ହୀରାକୁଦ ଆଡମିନିଷ୍ଟ୍ରେଟିଭ ଅଫିସର୍ସ ଟ୍ରେନିଂ ସ୍କୁଲ ଓ ଶାନ୍ତି ନିକେତନ ବି, ଡି, ଓ ଟ୍ରେନିଂ ସେଣ୍ଟରରେ ହସ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବାର ସରକାରୀ ବ୍ୟବସ୍ଥା ହେଉ ।

ମଳିମୁଣ୍ଡିଆ, ଗାମୁଛା ପୋଛା ଖଦଡ଼ ଫେରସ୍ତିତ, ପାନଖିଆ ନାଲିପାଟିଆ, ବଟୁଆଧାରୀ ଗ୍ରାମବାସୀ ମାନଙ୍କୁ ଦେଖିଲେ ବ୍ଲକ, ଅଫିସର ମାନେ ମୁଚ୍‌କୁନ୍ଦ ହସ ହସିବେ । ସମିତିର ବେସରକାରୀ ସଭ୍ୟ ଚେୟାରମାନ ବା ଏମ , ଏଲ, ଏ ଙ୍କ ସାକ୍ଷାତ ମାତ୍ରେ, ତିନି-ଥର ନମସ୍କାର ଗୁଡ଼ଥର 'ଆଜ୍ଞା ଆଜ୍ଞା' କହି, ବସିବାକୁ କୌ-ଚାସନ ଦେଇ, ଦାନ୍ତ ନେଫାଡ଼ି, ଆଗରୁ ଝୁଙ୍କି ପଡ଼ି କପୁର୍‌କାଳ ହସିବାର ଅଭିନୟ କରିବାକୁ ପଡ଼ିବ । ଏମ୍; ଏଲ୍, ଏ ଙ୍କ ପାଇଁ ପାନ, ପଇଁଡ଼ ପିନୋଲ୍, ପାଣିମିଶା ସାକାରିନ୍ ସର୍ବତ, ଯୋଗାଡ଼ ହୋଇଁ ପାରିଲେ ସୁବିଧା—ଯଦି କିଂ କାଳେ କିଂ ଅବଶ୍ୟନ୍ତ—ନହୋଇ, ପାରିଲୁ ଟେଟେ କଥାର ପ୍ରତିପଦ ଆରମ୍ଭ ଓ ଶେଷରେ 'ଆଜ୍ଞା' ଯୋଡ଼ିଦେଲେ ନିତାନ୍ତ ନିର୍ଭୟରେ କାମ ଚଳିଯିବ । ଆଖି ବୁଜି ଦେଇ ସର୍ବିରେ ମକରଧ୍ୱଜ ପ୍ରୟୋଗ ପରି ।

ଏସ , ଡି, ଓ, ଏ, ଡ଼ି, ଏମ୍; କଲେକ୍ଟର ଇତ୍ୟାଦି ଆସିଲେ ବି; ଡି; ଓ ମାନଙ୍କୁ ହସିବା କ୍ଷେତ୍ରରେ ଯଥେଷ୍ଟ ସାବ-ଧାନତା ତଥା ସଂଯମ ଅବଲମ୍ବନ କରିବାକୁ ହେବ । ନହେଲେ ବିପଦ । ସେମାନେ ହସାରମ୍ଭ ନକଲା ପର୍ଯ୍ୟନ୍ତ ନହସିବା ଭଲ । ସେମାନେ ଯୋରରେ ହସିଲେ ବି; ଡି; ଓ ମାନେ ମୁହଁରେ ହାତ ଦେଇ ମୁଣ୍ଡଟାକୁ ତଳକୁ ମାଡ଼ି ହସ ଗୁଡ଼ାକୁ ତଳ ଆଡ଼କୁ ପୋଛି ପକାଇବେ । ସେଇଟା ହେଲା ଭଦ୍ରାମି । ନହେଲେ ବାବୁ ଡମ

କଥା ତେବେ ବୁଝିବ ।

ପଂଚାୟତରାଜ, କୃଷିବିଭାଗ, ପଶୁପାଳନ, ମାଛମାରୁ ବିଭାଗର ଡିରେକ୍ଟର ବା ଜିଲ୍ଲା ଦରବାରର ଚେକିଂ ପାର୍ଟି ଆସିଲେ ଏକବାରେ ସାବଧାନ-ମୋଟେ ନ ହସିବା ଭଲ । ସେମାନେ ତ ଆଜ ହସ ଦେଖିବାପାଇଁ ବ୍ଲକ୍‌କୁ ଆସୁ ନାହାନ୍ତି-ସେମାନେ ଇନ୍‌ସପେକସ୍ କରେଇବାକୁ ଆସୁଛନ୍ତି । ସେତେବେଳେ ବରଂ ଝ, ଞ, ଓ ମାନେ ତଳିଆ କର୍ମଚାରୀ ଓ କିରାଣୀଙ୍କ ଉପରେ ରୁଆବ୍ ଦେଖେଇବା ଭଲ । ଯଦି ସେମାନେ କାମରେ ଖୁସି ହୋଇଥିବେ ତେବେ ଡାକ ବଙ୍ଗଳାରେ ଚା ସାଙ୍ଗରେ ନୁଣ୍‌ଚା ବିସ୍କୁଟ-ଅନୁଗୁଳୀ ଆମ୍ବିଳା କମଳା ସାଙ୍ଗରେ କେରଳୀ କାଜୁବାଦାମ ପରସିଦେଲା ବେଳେ ଏତେ ଟିକେ ଓଠ ଫିସିକା ହସ-ବାସ-ଯଥେଷ୍ଟ ।

ହସ କ୍ଷେତ୍ରରେ ବେଶୀ ନମ୍ବର ପାଇବାକୁ ଚେଷ୍ଟା କରୁଥିବା ବ୍ଲକ୍ ହାକିମମାନେ ଗ୍ରାମ ସେବିକା ଓ ଲେଡି ଏସ, ଇ, ଙ୍କ ସାଙ୍ଗରେ କଥାବାର୍ତ୍ତା ହେଲାବେଳେ ଚୁପି ଚୁପି ହସି ପାରିଲେ ଭବିଷ୍ୟତ ସମ୍ଭାବନା ଏକଦମ ଭଲ । କିନ୍ତୁ ଆପଣାର ଘରଆଡ଼ୁ କେତେଟା ଗୋଳମାଳ ଉଠିପାରେ । ଗ୍ରାମ ସେବିକା'ମାନେ ମଗନଚନ୍ଦ୍ର ଛୁଆର କଲାବେଳେ ଖିଲିଖିଲି ହସ ଦୁଆର ମୁହଁରେ ଚିତାପକାଇଲା ବେଳେ ହଇହଇ ହସ, ସିଲେଇ ଶିଖାଇଲା ବେଳେ ପୁଚପୁଚ ହସ, ଗାଡ଼ିରେ ଠେଲା ହାକିମଙ୍କ କଣ୍ଡରେ ବସି ଟ୍ରେନ୍‌କୁ ଗଲାବେଳେ ଭୁକ୍ତୁ ଭୁକ୍ତୁ ହସ ଟ୍ରେନରୁ ଫେରିଲା ବେଳେ କାହା ଉପରକୁ ( ଭୁଲରେ ) ଆଉଜି ପଡ଼ିଲେ ପ୍ରୀତି ପଖଳା ହସର ପ୍ରମାଣ ଅଧମ ସଂଗ୍ରହ କରିଛି । ସେମାନେ ମୋଟେ ବଦଳିଆ ହସ ହସିବାରେ ଅଭ୍ୟସ୍ତ ନୁହନ୍ତି । ପତଳା, ଫିକାଫିକା ହସ ହସି ଏମାନେ କାମ କରାଇ ନିଅନ୍ତି ।

ବି, ଡି, ଓ ମାନେ ଗଲେ ଗୃହାମିଳବ ନାହିଁ-ଲେଭି ଏସ ଇ ଓ ବାହାର ପଡ଼ିଲେ ତ ଲୋକେ ଗୃହ ଅସୁଲ କରିବା ଓ ଦେବା ପାଇଁ ଭିଡ଼ ଜମେଇବେ । ଟାଇର୍‌ଂ ଧାନରେ ହାର ନ ଦେବା ଯାହା—ବ୍ଲକରୁ ଗ୍ରାମସେବକ ଓ ଲେଭି, ଏଧ. ଇ, ଓ ଉଠାଇ ଦେବା ସେୟା । ସରକାରି ଯୋଜନା ଫେଲ ଏକଦମ ଫେଲ, ମାରିବ । ସେମାନେ ହେଇପାରନ୍ତି କୋମଳାଙ୍ଗୀ-କଲ୍ଲ କାମରେ ଲଗିଥିଲେ ମନଦେଇ ।

ଅବଶେଷେ ମନେ ରଖିଥିବା ଯାହା ମନ ଯନ୍ତ୍ରିଁ କ ରସେ । ସମସ୍ତେ ଭସିବେ ଓ ହସିବେ । ଯଦୁମଣି ମହାପାତ୍ର ହସାଉଥିଲେ, ଗୋପାଳ ଭଣ୍ଡ ବି ହସାଉଥିଲେ । ଯଦି ଗାଁ ଗହଳିରେ ବ୍ଲକ୍ ହାକିମମାନେ ଅସମୟ ସମୟରେ ହସାଇବାର ଷୋଳଣି ଅଧିକାର ନରଖାଯାଏ ତେବେ ସବୁ ଏପାଖ ସେପାଖ ଓଲଟ ପାଲଟ ହୋଇଯିବ । କନ୍ତୁ ମହିଳା ମାଷ୍ଟରାଣୀ, ମେଲେରିଆର ନନ୍ ମେଡ଼ିକାଲ ୟୁନିଟ୍ ଅଫିସର ମେଡିକାଲର ମେଲ୍, ନର୍ସ, ଇଲେକ୍‌ସନରେ ମାଙ୍କଡ଼ଚିତ ମାରିଥିବା ମହିଳା ପ୍ରାର୍ଥୀ ଯଦି କସ୍ମିନ କାଳେ ଉପର ପ୍ରଣାଳୀ ବର୍ଣ୍ଣିତ ବିଶୁଦ୍ଧ ହାକମାଡ଼ିଆ ହସ ହସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, କରନ୍ତି; ହେବାର ସମ୍ଭାବନା ସୃଷ୍ଟି କରାନ୍ତି ତେବେ ଲେଖକ ବା ତାହାର ଉତ୍ତରାଧିକାରୀ ବା ସପିଣ୍ଡ ସଗୋତ୍ର ଇହକାଳ ପରକାଳ କେହି ଦାୟୀ ନରହିବେ ନରହିଲ ।

ହସୋପାଖ୍ୟାନଂ ୨ୟ ସର୍ଗ ସମାପ୍ତୋୟଂ ବ୍ଲକ ହାକିମସ୍ୟ ।

—o—

# ବିହାରୀ-ଗୋସେଇଁ-ଘୋଡା

ନସରୌଢ଼ି ଛକ ସେ ପାଖର ଶରୀଫ ଦୋକାନ କୋଠାକୁ ଆଖି ଆଗକୁ ଆଣ । ତଳ ମହଲାର ସାମ୍ନା ପାଖରେ ବଡ଼ ବଡ଼ କାଠ ପଟା ବାଡ଼ିଆ ହୋଇ ରେଲଷ୍ଟେସନର ଟିକଟ ଘର ଭଳି ତିଆରି କରାଯାଇଛି । କଟକୀ ଫେରନ୍ତା ବାବୁ ମାନେ ପଇସା ବଢ଼େଇ ଦେଇ ଶାଳପତ୍ର ଗୁଡ଼ିଆ ହୋଇଥିବା ପୁଡ଼ିଆ ଗୁଡ଼ିକୁ ହାତକୁ ଆଣି ବେଗ ପାକେଟି ଅବା କାନ୍ଧରେ ଝୁଲା ହୋଇଥିବା ଝୁଲା ଭିତରେ ସାଇତି ରଖି ଅଟକୁ ପାଦ ବଢ଼ାନ୍ତି । ସେଇ ମାଲ୍ ଟିକକ ଅଭାବରେ 'ପ୍ରାତଃସ୍ମରଣ' ଭୁଲ ହୋଇଯିବ ବୋଲି ଆଜ୍ଞା ଅଜ୍ଞା ବ୍ରହ୍ମଜ୍ଞାମା ମାନେ କହିଛନ୍ତି । ସେଇ ନସରୌଢ଼ି ଛକର ଏପାଖ ତଳରେ ନିତିପ୍ରତି ଗୋଟିଏ ଘଟଣା ଘଟେ । ଯାହାକୁ କେହି ନଧ୍ୟା କରନ୍ତୁନ-କରନ୍ତୁ ସମସ୍ତଙ୍କ ନଜରରେ କଥାଟା ପଡ଼େ ।

ସେଇ ଗଳି ଭିତରୁ ଗୋଟିଏ ଘୋଡ଼ା ନିୟମିତ ବାହାରି ବାଲୁବଜାର, ମାରୁଆଡ଼ିପଟି, ନୟାସଡ଼କ ବାଟେ ଦେଇ ଚୌଧୁରୀ ବଜାର ଧର୍ମଶାଳା ପର୍ଯ୍ୟନ୍ତ ଯାଏ । ଘୋଡ଼ାଟିଏ ଗୁଳିଚଳଣ, ନାଙ୍ଗୁଡ଼ି ହଲା, ଦାନ୍ତ ନେଫେଡ଼ା ହସ ଓ ବେଳେ ବେଳେ ଦୁଫା-ମାରି ଡେଇଁବା-ଯୋଜ୍ମାନେ ଆଖିରେ ଦେଖିଛନ୍ତି, ସେମାନେ

ହୁଏତ କହି ପାରନ୍ତେ ସେଠା ଘୋଡ଼ା ଥିଲା ବା ପୁସ୍ତକ-ବାହାନ ନଥିଲା । ଶବ୍ଦକେ ଗୋଟେ ଅଧେ ମିଳନ୍ତି କନା ? ଦନ୍ତ (ଗ୍ଲୁମୁଦାନ୍ତ) ବାହାର ପଡ଼ିଥିବା ବମ୍ବାଧର (ଡମ୍ବାଧରା) ମାନଙ୍କ ମୁହଁକୁ ଅଧିକ କାଳ ନିରେଖେଇ ଯୁହିଁଲେ ମନଟା ଯେପରି ପିତା ପିତା ହୋଇଯାଏ, ଘୋଡ଼ାଟାର ଗତିବିଧିକୁ ଲକ୍ଷ୍ୟ କଲେ ମନଟା ସେଇପରି ବସ୍ପିତା ହୋଇଯାଏ । ବାଟରେ ଯାଉଥିବାର ଗାସ୍ତାକଡ଼ ଦୋକାନରୁ କଦଳୀଟେ କମଳାଟେ, ରୁମାଲ ଖଣ୍ଡେ; ନହେଲା ବେଳକୁ ପୁଟକ କାଗଜ ; ସୁବିଧା ପଙ୍କିଲେ ପଣ୍ଡା ଘର ଦୋକାନରୁ ମେଞ୍ଚେ ଚାକ ଘୋଷାର ଆଣି ପାକୁଳ କରଦବ । ସବୁ ଭିନତ ସମାନ ଯାଏନା । ଥରେ ବାଲୁ ବଜାରଆ ଦେଲେ ଖସେଇ । ଢ଼'ଟା ଏଡ଼କ ଏଡ଼କ ମୋଟା ବାଂଶ କନା ଧଡ଼ରା ହେଲଗଲା । ବୁଢ଼ା ମାରୁଆଡ଼ କହିଲା 'ଆରେ ବାବୁ, ସିଏ ବହାଗ୍ଣି ଗୋସେଇଁ ଘୋଡ଼ା ଅଛି । ସାଲକୁ ବଜାଓ ନା' । ସେତିକବେଳେ ତଳ ଟେଢେଙ୍ଗା ବଜାରଆ ଟୋକା ଢ଼'ଟା କହି କହି ଗୁଲିଗଲେ 'ବହାଗ୍ଣି ଗୋସେଇଁ ଘୋଗଡ଼ା, ତାକୁ ଥିଗିର ଥିଗିର ଘୋଗଡ଼ା' । ବଡର ଘୋଡ଼ା ଉପରେ ଅଜର ଚଟଣ ଭିଡ଼ଣ କନା ଦୁମ୍ ଦାମ୍ ବସିଲା । ନୂଆ ପକେଟ୍-ମାର କଟକ ଷ୍ଟେସନରେ ପକେଟ କାଟି ଜି, ଆର୍, ପି ହାତରୁ କଡ଼େ ମାଡ଼ ଖାଇଲା ପରେ ଯେପରି କୁନକାନ ହୋଇ ଠିଆହୋଇ ଥାଏ, ଆମଗାପର ଘୋଡ଼ାଙ୍କର ଅବସ୍ଥା ସେ ରୂପ ଥିଲା ।

ଭଏ ଯୋଣ୍ଡ ଅମଳର କଥା ଆପଣମାନେ ଅସ୍ୟ ଗପରେ ପଢ଼ିବା ହୋଇଚନ୍ତି, ସେ ବେଳର ଲୋକ କଟକ ସହରରେ ଆଉ ଅନ୍ଧାଜ ନାହାନ୍ତି । ସୁଦାମ ବାବୁ କୋଠା ତିଆରି ବେଳେ ଯୋଣ୍ଡ ବୁଢ଼ା ମିସ୍ତ୍ରିରି ମକରବା ସାଙ୍ଗରେ ଥିଲା—ତା ବୋପା ଅମଳର

ଘଟଣା ନେ । ମହମଦିଆ ବଜାରର ବୁଢ଼ା ମୌଲଭି ଗପଟିକୁ ମୁହେଁ ମୁହେଁ ଯେତିକି କହନ୍ତି ସେତିକିର ଅବିକଳ ଆମ୍ଭେ ହାତେ ହାତେ ଆପଣମାନଙ୍କୁ ଦେଲୁ । ଶହ ଶହ ବର୍ଷ ତଳର ତମ୍ବା-ପାନିଆ ପ୍ରବନ୍ଧ ସଂଗ୍ରହ କରିବା ଯାହା; ସେ ଗପକୁ ସଂଗ୍ରହ କରି ଆପଣମାନଙ୍କୁ ଶୁଣେଇବା ସେୟା ।

ସେଦିନକର କଥା । ରମଜ୍ ମିଆଁଙ୍କର ସାନ ଟୋକା ହଠାତ୍ ମେଲେଟେଶ୍ୱର୍ ଘରକୁ ଫେରିଲା । ଏକଦମ୍ ବାଇଆ ଟେଳହର । ବଡ଼ ମୁହଁ ସବୁ ଦଲେ ଦଲ । ନିଙ୍କା ମାରିଦେଲେ ରକ୍ତ ଚଥାପି ପଡ଼ିବ । ମିଆଁ ସାହେବ୍‌ଙ୍କର ମଗଜରେ ପଶିଲା କେଉଁଠାରେ ସାଦି କରେଇ ନବାକୁ ହେବ । ଯମାନା ଯେମିତି ଅଛି ସବୁ ଅସୁବିଧା ସୁବିଧା ହେଇଯାଏ ତେବେ ଟୋକାଟା ଏକଦମ୍ ବିଗିଡ଼ି ଯିବ । ହାଜ ଗୁରିଟା ଭିତରେ ନୟାବଜାରର ଗୁରଫାନ ମିଆଁଙ୍କ ନାତୁଣୀ ସାଙ୍ଗରେ ସାଦି ହେବାର ଫଏସଲା ହୋଇଗଲା । ରମଜ୍ ନିଜେ ଯୋଗାଡ଼ରେ ଲାଗିପଡ଼ିଲେ । ଯେତେହେଲେ ଖାନ୍ଦାନ ଅଛି । କଟକ ଟାଉନ୍‌ର ଛ'ଖିଆ ସରିକଦାର ଥିଲେ ଏଇମାନେ । କପୁରି ସିନା ଯାଇଛି—କପଡ଼ାଟାକୁ ତ ସାଇତି ରଖା ହେଇଛି । ସବୁ ଯୋଗାଡ଼ ହେଇଗଲା । ଟାଉନ୍ ବଜାରରେ ପଇସା ଖରଚୁ କଲେ ସବୁ ଅଧରେ ବି ଦେଖଣୀ କରିହେବ । ଗୋଟାଏ ଯୋଗାଡ଼ କୋନମତେ ହୋଇ ପାରିଲା ନାହିଁ । ଗୋଟାଏ ଘୋଡ଼ା । ଚୌଧୁରି ବଜାରିଆ କଚ୍ଆନ ଗାଡ଼ିଟା ପାଇଁ ଘୋଡ଼ାଟାଏ ଦବାକୁ ମନା କରି ଦେଲା । ଖବର ମିଳିଲା ଯେ ରାଜସାପଟଣାରେ ଗୋଟେ ଘୋଡ଼ା ଅଛି । ରଜମ୍ ମିଆଁ ଛୁଟିଲେ ସେଠିକି । ସେ ଘୋଡ଼ାଟାର ସବୁ ଆଦତ ଭଲ । ଲେକିନ୍ ମହିଷ ଦେଖିଲେ ନାଚ ଛୁଟିବାର ଗୋଟାଏ ବଦ୍‌ଖୋଇ ଥିଲା । ମିଆଁଙ୍କ ମୁଣ୍ଡ ବୁଲେଇଲା ।

କଣ କରାଯିବ ? ଜଣେ ଭଡ଼ାଟିଆ ଖବର ଦେଲା ଯେ ଘଣ୍ଟାକୁ ପାଞ୍ଚଟଙ୍କା ଭଡ଼ା ଦେଲେ ନମଗ୍ରେଭଡ଼ରୁ ଘୋଡ଼ାଏ ଭଲ ଛଟ୍ ଘୋଡ଼ା ମିଳିବ । ସାଇଁଲ ସୁଇଁଲ ଦେହ । ଚକଲେଟ୍ ରଙ୍ଗର ଚହ୍ଲାସ । ବାଳୁଇର ଯିମିତି ଦୁଧ ବଢ଼ାକୁ ମନେ ପକାଇ ଓଠ ଓ ମୁହଁ ଗୁଟି ପକାନ୍ତି, ଉମର୍ ମିଆଁ ଆପଣାର ଖଇଫୁଲିଆ ଧୋବ-ଧାଉଳିଆ ଦାଢ଼ିକୁ ସାଉଁଳେଇ ଦେଇ ଦୋଉଡ଼ିଲେ ନମଗ୍ରେଭଡ଼ । ଦୁ-ତିନ ଘଣ୍ଟା ବୁଲାଗଲା ପରେ ଦରଦାମ ତୁଟିଲା । ସନ୍ଧ୍ୟା ୭ଟାରେ ଯିବାହେଲେ ୫ଟାରେ ଆସିବ-ଭଡ଼ା ସାଢ଼େ ଚାରିଟଙ୍କା । ଲଗାମ୍, ଘୁରଜାମା, ସଇସ ଯେ ସବୁ ଦିଆଯିବ ନାହିଁ । ଘୋଡ଼ାଟା ଜଣେ, ଦୁ'ଜଣ ବା ତିନିଜଣ ପର୍ଯ୍ୟନ୍ତ ଲୋକ ପିଠିରେ -ବସାଇ ଘଣ୍ଟାକେ ଚଉରମାଇଲ ଯୋଉଁରେ ଯାଇ ପାରିବ ବୋଲି ନମଗ୍ରେଭଡ଼ ଛକର ପାନ ଦୋକାନୀ କନ୍ଧ୍ କାରିକ ସୁପାରିଶ୍ କଲେ ।

ବାହାଘର ଦିନ ସଞ୍ଜବେଳକୁ ବାହାସ୍ତ ଗୋସେଇଁ ଘୋଡ଼ା ଆସିଲେ । ତାଙ୍କ ପିଠି ଉପର ପାଇଁ ଘୁରଜାମା ତିଆରି ହେଲା । ଦୁ' ପଟ ଛିଣ୍ଡା ମୁଣାକଟା ସିମେଣ୍ଟ ବସ୍ତାରେ ପାଏ ଶିମିଳି ତୁଳା, ଦି ବୋଝ ବଉପଳ ପୁରହୋଇ ଗଦି ତିଆରି ହେଲା । ସେ ଗଦିଟା ଠିକ୍‌କୁ ଉହ୍ଲକ ଠିକ୍ ରୂପେ ରହିବାପାଇଁ ଏପାଖ ସେପାଖରେ ଦୁ' ଟଣ୍ଡା ପାଆଣିଆ ଇଟା ପୁରହେଲା । ନଡ଼ିଆକତା ରଶି ଘୋଡ଼ା ମୁହଁରେ କନାଧଡ଼ି ଗୁଡ଼ାହୋଇ ଲଗାମ ଦିଆହେଲା । ମିଆଁ ସାହାବଙ୍କର ପୁଅ ଉପରେ ଅତର ଦାନିରୁ ଅତର ଛାଣି ଢ଼ଳା ବୁଲିଥାଏ । ପାନଖିଆ ପାଟିରେ ରଙ୍ଗ ବୋହିପଡ଼ୁଥାଏ-ମୁହଁରେ ବହଳିଆ ପାଉଡର ଓ ବ୍ରୁଞ୍ଜ ମରାହୋଇ ମୁହଁଟା ଠିକ୍ ଠାକୁରାଣୀ ମେଢ଼ର ଜରିକାମ ଭଳି ଝକଝକ କରୁଥାଏ । ସୋଉଁକାନରେ

ସଢ଼ି ପଡ଼ୁଥିବା ବର ଘୋଡ଼ା ଉପରକୁ ଚଢ଼ିବାକୁ ବ୍ୟସ୍ତ ହୋଇ ଘୋଡ଼ା ପିଠିରେ ପଠାସଜନା ଚାପୁଡ଼େ ମାରିଦେଲେ । ଆଉ ଯାଏ କୁଆଡ଼େ । ନାଙ୍ଗୁଡ଼ଠାରୁ ମୁଣ୍ଡ ଯାଏ ଘୋଡ଼ା-ମହାଶୟଙ୍କର କମ୍ପି ଗଲା । ବର ଏଥର ଚଢ଼ିଲେ ଘୋଡ଼ା-ପିଠିରେ । ଛାଲରେଇ ଗାଡ଼ି ପହିଲୁ ଥିଲ ଫେଁ ଫେଁ କରି ଫେଁକାଳ ମାରି ଚାଲିବାପରି ଘୋଡ଼ା ସଧୀରେ ଆଗେଇଲେ । କଷିକରି ଲଗାମଟା ଧରିଥାନ୍ତି ମିଆଁ ପୁଅ । ବଡ଼ ମୌଲବି ପାଖରେ ଥାଇ ହେମନ୍ତ ଦୋଉଥାନ୍ତି । ଯୋରସେ ପକଡ଼ୋ ସାଲେକୋ' । ତଥାପି ଘୋଡ଼ାଟାର ହଲବା ବନ୍ଦ ହୋଇ ନଥାଏ । ମାଡ୍ରାସମେଲ ସିଗ୍‌ନାଲ ଖଣ୍ଡି ଟପିଗଲାପରେ ଯେପରି ଫୋସରେ ଛୁଟିଦିଏ ଘୋଡ଼ାଟା ଏକାଥରକେ ସାଏଁ କରି ଚାଲିଲା ॥ ଗଲା ଗଲା-ଅଦୃଶ୍ୟ ॥ ସତେ ଅବା କହିବାଡ଼ ଶୁଣୁନାହିଁ ॥ ତୋଫାନ ଏକସପ୍ରେସ ଚାଲିଛି ॥ ଘୋଡ଼ା ଉପରେ ବସିଥିବା ମିଆଁ ପୁଅଙ୍କ ହାତରୁ ନଡ଼ିଆକତା ରସିର ଲଗାମ ଛୁଟିଗଲା ॥ ଦୁଇଜଣ ଯବରଦସ୍ତିଆ ଠୋକା ଦଉଡ଼ ଯାଉଯାଉ ଘୋଡ଼ା ବାହାରିଗଲା ॥ ବରଙ୍କର ଦୁଇଗୋଡ଼ ଓ ପିଠି, ଦୁଇହାତ, ମୁଣ୍ଡ ସହ ସମୁଦାୟ ଶରୀରଟା ( ମୁଣ୍ଡର ଟୋପି ସହିତ ) ନିକଟବର୍ତ୍ତୀ ମଇଳାପାଣି ନାଳୀରେ ପଡ଼ିରହି ଥିବାର ଅନୁମାନ କରା ଯାଉଥାଏ ।

'ସାଲା ମାର, ଡାଲସରେ ଅବବା— ମର ଗଇଥେ ଫୁଫା-ସାଲା ମାର ଡାଲସରେ ଅବବା ଶବ୍ଦ ଶୁଭୁଥାଏ । ମହୁକୁ ପିଯୁଡ଼ି ଘେରିଲା ପରି ପଲକ ଭିତରେ ଶହ ଶହ ଲୋକ ଘଟଣାସ୍ଥଳରେ ଜମା ହୋଇଗଲେ । ଗମ୍ଭୀର, ଅଣଓସାରିଆ ନର୍ଦ୍ଦମା ଭିତରୁ ଟୋକାଟାକୁ ଉଠାଇ ଆଣିବାର ସବୁ ଚେଷ୍ଟା ବିଫଳ ହେଲା । ଟୋକାଟା ଭେନାଇଉ ପକାଉଥାଏ । ଯୋତା ଦି' ଟା ଗୋଡ଼ରୁ ଖୋଲିଥାଏ । ବହୁକଷ୍ଟରେ ଗୋଟାଏ ବାଉଁଶ ପୁରାଇ ଠେଲିଦେବାରୁ ଟୋକାଟାର

ଘୋଡ଼ା ସଳଖ ହେଲା । ତିନି ଗାଈଜାମାରେ କଳାକଟିକଟି ପର୍ଦ୍ଦମା ଯାଣି ଲଗି ନେଳବାର ଖଳାମୀଙ୍କ କୁରୁତା ଭଳି ଦେଖାଯାଉଥାଏ । ମୁଣ୍ଡରୁ ଖସି ପଡ଼ିଥିବା ଜଟଲଗା ନେଟାମିଟାକୁ ଗୋଟାଏ ବୁଲ ଷଣ୍ଢ ପାକୁଳ କରିବାରେ ଲଗିଲେ । ବେଶ୍ ସମୟ ପରେ ମାଲଗାଡ଼ିରୁ ମାଲଝୁଡ଼ ଓହ୍ଲାଇଲା ଭଳି ନେଟାଜାଟାକୁ ନାଲିଆ ଭିତରୁ ଉପରକୁ ଟେକାଯାଇ ଗୋଟାଏ ହାତକଣା ଲକଡ଼ାରେ ପକାଯାଇ ଧୋଇଧାଇ ସଫା କରିବା ଉଦ୍ଦେଶ୍ୟରେ ମିଉନିସିପାଲିଟି ଲୋକଙ୍କୁ ଡକାଗଲା । ବାତାବର ଲଗ ଗଲେଣ୍ଡର ଦେଇ ଘୁରାଇ ମନେ କରାହେଲା । ମଙ୍ଗଳବାଗ ଥାନାରେ ଏତଲା ହେଲା । ଲାଲବାଗ ଓ ମଙ୍ଗଳାବାଗର ଦୁ'ଜଣ ଅଫିସର ଆସିରୋଉ ଗଲେ ଇନ୍‌କ୍ୱାରି କରିବାକୁ । ଘୋଡ଼ାଟାକୁ କେହି ଆବୃତିଲେ ନାହିଁ । ଗାଡ଼ି ଦୋକାନୀ କହିଲା 'ସେଠା ବୁଲ ଥାଏ । ବହାଗ୍ର ଗୋସେଇଁ ଘୋଡ଼ା-ମଲିକ କେହି ନାହାନ୍ତି ତାର । ଭଡ଼ା ଦବା କଥା ମିଛ । ସବୁ ଘୋଡ଼ାଟାକୁ ଛଏ ବା ଜାନ୍ବିକ ଭଡ଼ା ଦଅନ୍ତି । ପୋଲିସ ରିପୋର୍ଟ ଦେଲା 'ଘୋଡ଼ାଟା ବହାଗ୍ର ଗୋସେଇଁ ଘୋଡ଼ା ଥିବାରୁ କେସ ପ୍ରମାଣ ହୋଇ ନପାରେ' । ଗଳ୍ପ ଜଟିଲ ଘୁଲି । କଲେଜ ଛକ ପାଖ ଆଇସ ଫ୍ୟାକ୍ଟ୍ରି ରୋଡ଼ରେ ଜଣେ ପଶ୍ଚିମା ସାଧୁ ଆସି ପହଞ୍ଚିଲେ । ଗଙ୍ଗା ସ୍ନାନ ସାରି ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମକୁ ଯାଉଥାନ୍ତି । ସେଠୁ ରାମେଶ୍ୱର ଧାମ ଯାଇ ସିଧା ସିଧା ଲଙ୍କା ଯିବେ ବୋଲି ତାଙ୍କର ସାଙ୍ଗିଆ ଲୋକଙ୍କ ଠାରୁ ଶୁଣାଯାଉଥାଏ । ଗୋଲ ଗାଲ ଦେହ, ପାଣ୍ଡୁର ଫିଙ୍ଗା ଭଳି ଚେଳା ମୁହଁ, ଥଲ୍ଲ ପେଟ, ଡମା ଡମା ଆଖି, ମୁହଁରେ ଘୂର ଦାଢ଼ି । ମୁଣ୍ଡରେ ଗୋଟିଏ ସ୍ୱର୍ଣ୍ଣଜଡ଼ିତ ଜଟା । ବସ୍ତିବାଲାଙ୍କର ନଜର ପଡ଼ିଲା । ରାଜସା-ପାଟଣା ଭୁଜଲଆରଞ୍ଜି, ବଡ଼ଯୋଗ୍ରାର ଧର୍ମପ୍ରାଣ ଲୋକେ ଏକାଠି ହେଲେ । ଗୁ ପେଟି

ରୁନ୍ଧା କରାଯାଇ ଦୁ'ଘଣ୍ଟା ଭିତରେ ଅସ୍ଥାୟୀ ମଠ ତିଆରି ହେଲା । ମକାଳ, ସଞ୍ଜେ ବଡ଼ ବଡ଼ ଗଞ୍ଜେଇ କଳି, ପାକଲା କଦଳୀ, ଦୁଦୁରା ଫୁଲ ଜମା ହେଲା ବାବାଙ୍କ ସାମ୍ନାରେ । ବାବା ପାଟି ଖୋଲନ୍ତିନି ହାତରେ କିଛି ଜିନିଷ ଛୁଇଁବେନି । କାମିନୀ-କାଞ୍ଚନ ଠାରୁ ଦୂରରେ । ବଡ଼ ପିତଳ ଚିଲମରେ ଅଧପାଏ ସରିକି ଗଞ୍ଜେଇ ଭରି ନିଆଁ ଛିଟା ରଖି ବାବାଙ୍କ ମୁହଁ ପାଖରେ ରଖିଲେ ବାବା ଏତେ ଆଁ କରି ଚିଲମଟାକୁ ଭକ ଭକ କରି ଶୋଷି ଦେବେ ଧୂଆଁ ବାହାରକୁ ଆସେନା । ଦିନକୁ ଦିନ ବଢ଼ିଲେ ଦେଖଣାହାରୀ । ଲିଅ କଲେଜ, ରେଭେନ୍ସା କଲେଜ ପିଲା ବି ଠିଆ ହୋଇ ଦେଖନ୍ତି । ପାନ ଦୋକାନୀର ପାନ, ସିଗ୍ରେଟ ବେଶ ବିକ୍ରି ହେଲା । ମାଗଣାରେ ଲିଲେଟିର ବତିଟାଏ ବାବାଙ୍କ ମଠ ଦୁଆରକୁ ଟସ ଯୋଗାଇ ଦେଲା । ଯୁଆ ଭିତରେ ଖବର କାଗଜରେ ବାବାଙ୍କ ମହିମା 'ଆଇଟେ' ହେଇଗଲା । ଶେଷରେ ସଂକୀର୍ତ୍ତନ ପ୍ରେମୀମାନେ ସ୍ଥିର କଲେ ଯେ ଗଡ଼ଗଡ଼େଶ୍ୱର ମହାଦେବଙ୍କ ଠାରେ ଅଠଚଳିଶ ପ୍ରହର ନାମ ସଂକୀର୍ତ୍ତନ ଓ ହରିହାଟାଢ ପାଇଁ ବାବା ସେଠାକୁ ଯିବା ଦରକାର ଗଞ୍ଜେଡ଼ ଭକ୍ତମାନେ ଏହା ଗଞ୍ଜେଇ ଟାଣିବାର ଏକ ଅପୂର୍ବ ସୁଯୋଗ ବୋଧ କରି ଯୋଗାଡ଼ କରିବାରେ ଲାଗି ପଡ଼ିଲେ ।

ବାବା ଘୋଡ଼ାରେ ଗଡ଼ଗଡ଼ିଆ ଯିବେ । ଘୋଡ଼ା ଆସିଥାଏ, ଦରଜି ଦୋକାନରୁ ଛିଣ୍ଡା ଓ କଟା କପଡ଼ା ଅଣାଯାଇ ଗଦି କରା ହୋଇଥାଏ । ବାବା କଠଉ ମାଡ଼ି ପଟ୍ ପଟ୍ କରି ଘୋଡ଼ା ପାଖକୁ ଯାଇ ଉପରକୁ ଉଠିଲେ । ଏଣେ କୋଳୀକ ଓ ବସଣୀ ପତିବ୍ରତା କେତେକ ମହିଳା ହୁଳ ହୁଳ୍ୟାଦି ପକାଇ ବାବାଙ୍କୁ ବନ୍ଦାଇବାରେ ଲାଗିଥାଆନ୍ତି । ଘୋଡ଼ାଟା କିନ୍ତୁ ବାବାଙ୍କର ଗୁରୁତ୍ୱ

ଓ ମାଆ ମାନଙ୍କର ବଧାଣକୁ ନବୁଝି ଗାର ଅସ୍ୱାଭାବିକ ଭାବେ ପୁଚ୍ଛଟ କାଢ଼ି ନାଚିଲା, କୁଦିଲା ଓ ଦୌଡ଼ିଲା । ବାବା ନଇଁ ପଡ଼ି ଘୋଡ଼ା ବେକକୁ କଷିକରି ଧରି ଥାଆନ୍ତି । କଲେଜ ଛକରୁ ଗାନ୍ଧୀ-ହାଟ ପାର୍ଟ୍ଟିର ହାଉସ ଭିତରେ ଘୋଡ଼ାଟା ଦାଣ୍ଡିଆ ମାରୁଥାଏ । ଭକ୍ତମାନେ କଣ୍ଠପାଟିରେ କୀର୍ତ୍ତନ ଗାଇ ପଛେ ପଛେ ଦୋଉଡ଼ୁଥାନ୍ତି ।


'କଳଙ୍କି ଅବତାର ହେଲେ ଚକ୍ରଧର ମ୍ଳେଚ୍ଛ ସଂହାରଣ ପାଇଁ' ମ୍ଳେ—ଚ୍ଛ—ସଂହାରଣ—ପା-ଇଁ । କଳଙ୍କି ଅବତାର…… … ।'

ମୁନସିପାଲିଟି ବାଲାଙ୍କର ଝାଟୁଆ ଡବାଭିତରେ ବାବାଙ୍କୁ ଫୋପାଡ଼ି ଦେଇ ଘୋଡ଼ାଟା କେନାଲ, ରାସ୍ତା ଦେଇ ମହାନଦୀ ଆଡ଼େ ଛୁଟିଲା । ମୃଦଙ୍ଗ, ଝାଞ୍ଜ ବଜାଇ କୀର୍ତ୍ତନ କରି କରି ଭକ୍ତମାନେ ମହାନଦୀ କୂଳକୁ ଦଉଡ଼ିଲେ । ଘୋଡ଼ାର ଚିହ୍ନବର୍ଣ୍ଣ କିଛି ମିଳିଲା ନାହିଁ । ପୂର୍ବ ସଂଚିତ କେତୋଟି ଗଂଜେଇକଳି ସେବନ କରି ଭକ୍ତମାନେ ସେଠାରେ ବହୁ କଷ୍ଟରେ ସ୍ଥିର କରିନେଲେ ଯେ ବାବା ବୋଧହୁଏ ଘୋଡ଼ା ସହ ଅମରାବତୀ କଟକ ( ଛତିଆ ) କୁ ଯାତ୍ରା କଲେ । ସେ ଦିନ ସଞ୍ଜ ବେଳକୁ ଗାନ୍ଧୀହାଟ ଇସ୍କୁଲ ସାମ୍ନା ଝାଟୁଆ ଡବା ଭିତରୁ ଜଣେ ଜଟାଧାରୀ ବାବାଜୀ ବାହାରି ଖାନନ-ଗରାଭିମୁଖେ ଯାଉଥିବାର କେହି କେହି ପରେ ଦେଖିଥିବା କଥା ପରସ୍ପରରେ କୁହାକୁହି ହେଉଥିଲେ । ଘୋଡ଼ା ପିଠିରେ କସ୍ତାରେ ଗୁଡ଼ାଇକରି ପୁରାହୋଇଥିବା ଗଢ ସେନ୍ଦ୍ରପନ୍ନ ଥାଏ । ଆରଦିନ ସକାଳୁ ନୟାସଡ଼କ ଛକ ପାଖରେ ସେଇ ଘୋଡ଼ାକୁ ଦେଖି ଟ୍ରାଫିକ୍ କନଷ୍ଟେବଲ ପାଟି କଲା ।

'ବହାଗ ଗୋସେଇଁ ଘୋଗରଡ଼ା' । ଅବଶ୍ୟ ତା ପରେ ସେ

ଘୋଡ଼ାକୁ ଆଉ ବ୍ୟବହାର କରି ନଯାଇ ନିମଚୌଡ଼ି ବାଜାରର ଦୋକାନ ସୃଧାରୁ ଖୋରାକ ଦିଅଯାଇ ‘ବକ୍ସାରି ଗୋସେଇଁ ଘୋଡ଼ା’ ଜୀବ ରଖାଯାଇଥିବାର ରେକର୍ଡ଼ କଟକ ମ୍ୟୁନିସିପାଲିଟିରେ ଥିବାର ପ୍ରମାଣ ଥିବ କଥା ଆମ୍ଭେମାନେ ଅବଗତ ହୋଇଅଛୁ ।

—o—



# କହେ୍ଇ-ସେଠି-କଳାଦ

ଦଅାନ ବାହାଦୁରଙ୍କ ନାତି ନନ୍ତ୍ରା, ହୋମନ୍ତି ବାବୁଙ୍କ ପୁତୁର ହପୃଗ୍ରିକ ଓରଫ ହୁରଆଙ୍କ ଝିଡଟରେ 'ନଡ଼ାତେଲ-ମେଣ୍ଢା ବାନ୍' ପ୍ରୀତି । ଜଣେ ଆଉ ଜଣକୁ ନଦେଖିଲେ ବାଉଳିଆ ହୋଇ-ଯାଏ । ଦୁ'ଜଣ ସାଙ୍ଗ ହୋଇ ଇସ୍କୁଲକୁ ଯାଆନ୍ତି । ଘରୁ ବାହାରି ଇସ୍କୁଲରେ ପହଁଚିବା ଯାକ ସାନ୍ତିମତ ହୁମାକୁସ୍ତା ଚାଲିଥାଏ । ବଗିଶାଖ ଘର କମଳା ଗଛରୁ ପୁରେଞ୍ଜି ଦପୁଞ୍ଜା କମଳା, ବରକୋଳି ଗଛରୁ ମେଁଚେ କଦିକୋଳି ପେଣ୍ଟ ପକେଟରେ ପଶି ଟୋଟେ ଗୋଟେ ଖୈବା ଯାଉଥିବ—ଏଣେ ଇସ୍କୁଲକୁ ଗିବା ହୋଉଥିବ । କଥାରେ କେହି କଥା କହୁବେନ । ନଦେହିଲେ ପିଠିରେ ଉଷ୍ଟମା-ଧାନ ଶୁଟଖଲ ଦେବେ । ମାଡ ଭରଣ ପାଁଚନସ୍ତୁ ହୋଇଯିବ । ରିକ୍ସା, ସାଇକଲ, ଟେକ୍ସି ଟ୍ରେଣ୍ଡ ମେଟ୍ରିକ୍ ମାଷ୍ଟର, ଇସ୍କୁଲ ମଦର—ଏମାନେ ସମସ୍ତେ ହାତଯୋଡି ଉଠରେ ମରେ ଚଳନ୍ତି । ଟିକିଏ ଏପାଖ ସେପାଖ ହେଲେ ବାଜିଲା ଠୋ, ଠା । ଟେଁାକା ଦୁ'ଟାଙ୍କ ଉଗୁର ଦେଖିଲେ କେହି ଧିଅଧର ରହି ପାରିବେନି । ଯଦି ଭୁଲ ଚୁକ୍ରେ ପାଟି ଖୋଲିଚ ତେବେ ଅବସ୍ଥା କାଇଲ କରି ଦେବେ । ପଦ୍ମବୀଜଙ୍କ 'ଲୁଷାକୋଷ', ପ୍ରମୋଦ ଚନ୍ଦ୍ରଙ୍କ 'ଅଭିଧାନ'

ଆଚାର୍ଯ୍ୟଙ୍କର 'ଡିକ୍‌ସନାରୀ', ବାବା ବୈଦ୍ୟନାଥଙ୍କର 'ବୃହତ ଅଭିଧାନ', ଶତ୍ରୁଘ୍ନ ନାଥଙ୍କର 'ଇଂଲିଶ-ଓଡ଼ିଆ ଡିକ୍‌ସିନାରୀ' ନିଘାଟି 'ଅଭିଧାନ', ଚେମ୍ବରସ୍‌ ଅକସଫୋର୍ଡ, ଭାର୍ଗବ, ଅଜନ୍ତା, ଷ୍ଟୁଡେଣ୍ଟସ୍‌ ଓଗେର ଯେତେ ଅଛି— ସବୁଥିରୁ ସାର ସାର ପଦ-ଗୁଡିକ ଉଠେଇ ଆଣି ଦେବେ ଶ୍ରେଷ୍ଠ ପୁରୁଷ ଉଷ୍ଟାଳ । ତୁମକୁ ଜଣା ପଡ଼ିବ ସତେ ବା ବ୍ରହ୍ମଜ୍ଞାନ ପଦ । ନାମ ନେଲା ବେଳେ ଧୋବଲ ଚଦର ଢାଙ୍କି ହୋଇ ଗୋସେଇଁ କାନ ପାଖରେ ଟୁପ୍‌ ଟୁପ୍‌ କରି ଦେଉଛନ୍ତି । ଯଦି ତଥାପି ଅଗ୍ରବଳକା ହୋଇ ପାଟିରୁ ପଦଟିଏ ଉଚ୍ଚାରିଲ—ତେବେ ଦଣ୍ଡୀଙ୍କ ଦଣ୍ଡେ ଷୋଳ ପଣେ ବସ୍ତ୍ର-ହରଣ ଅଭିନୟ କରିଦେବେ—ବିଳମ୍ବ ନାହିଁ ।

ତେଣେ ଇସ୍କୁଲରେ ପହଂଚିଲା ବେଳକୁ ଅଧଘଣ୍ଟେ ପଢ଼ା ହୋଇ ସାରିଥିବ । ବୁଢ଼ା ମାଷ୍ଟର ସୂର୍ଯ୍ୟମଣିବାବୁ ଅଙ୍କ ପିରିଅଡ଼ରେ ରୋଗଣ୍ଡ ବାଡ଼ିଆ ହୁଏ । ନଣ୍ଡା ଜାତକରେ ଅଙ୍କ ହୁଏନି । ହୁରିଆ ମୋଟରୁ ଅଙ୍କଖାତା ବାନ୍ଧି ନଥାଏ । ସୂର୍ଯ୍ୟମଣିବାବୁ ହାବୁଡ଼ରେ ପଡ଼ିବା ଆଗରୁ ରାସ୍ତା କାଟନ୍ତି । ହରି ଆପଣା ପକେଟରେ ପିପର-ମେଣ୍ଟ ସାଇତି ରଖିଥାନ୍ତି । ଅସଲ ବେଳରେ ବେଂଚ ତଳେ ହାତ ଗଳେଇ ମଣ୍ଡାହାତରେ ଏତେ ଟିକେ ପିପରମେଣ୍ଟ ଧରେଇ ଦଅନ୍ତି । ଆଖିରେ ଗୁଏ ବାଏଁ ବାଜିଗଲେ ତେଣିକି ନୁହସିଙ୍ଘାଣି ଏକଖଣ୍ଡ ସକ ସକ ହୋଇ ଶତଧାରରେ ନୁହର ଗଙ୍ଗା ଯମୁନା ବୋହିଯାଏ । ସୂର୍ଯ୍ୟମଣିବାବୁ ଭେଲକା ହୋଇଯାନ୍ତି । ମାଡ ନାହିଁ, ଗୁଠ ନାହିଁ ସୁଦ୍ଧା ମିଛରେ ଏ ଦଣ୍ଡ 'ବୋବୋଉଛନ୍ତି' ନହେଲେ ତ ନାହିଁ । ଅଙ୍କ କ୍ଲାସରେ ମ୍ୟାଙ୍କୁ ଲଟୁ ନପଚାରିଲେ କଣ ଚାକିରୀ ଚାଲିଯାଉଛି । ହେଡ୍‌ମାଷ୍ଟର ନଜେ ଆସି ଠୋକା ଦ'ଟାକୁ ବୋଧ କରନ୍ତି ।

ଦୋପଟିବାବୁଙ୍କ ପୁଅ' ଦୀଆନ ବାହାଦୁରଙ୍କ ନାତି । ଗୋଡ଼ୁ ମୁଣ୍ଡରୁ ଗୋଟନା ମିଳିଯାରେ କନ୍ନୁ ପଣ୍ଡଶଠା ଇସ୍କୁଲ ଭିତରେ ଇମିନ୍ତିକା ଘରୁଆ ଘରର ପିଲା ମିଳିବେନି ।। ଦୋପଟିବାବୁ ନଜେ ମଠର ଗାଡ଼ିରେ ହପ୍ତାରେ ଥରେ ଇସ୍କୁଲ ଭିତରକୁ ଆସି ଅର୍ଦ୍ଧଲୀ ଗିଅନ ହାତରେ ହୟଗ୍ରୀବକୁ ଡ଼କାଇ ପଠାନ୍ତି । ସବୁ ମାଷ୍ଟର ଆସି ହାତ ଯୋଡ଼ି 'ଆଜ୍ଞା ଆଜ୍ଞା' ହୁଅନ୍ତି । ନୂଆ ମାଷ୍ଟରମାନେ ମୁହଁକୁ ରୁମାଲରେ ପୋଛି ଦୋପଟିବାବୁଙ୍କୁ ନମସ୍କାର କରି ଠିଆ ହୁଅନ୍ତି । ଧବଳେଶ୍ୱର ଠାକୁରଙ୍କ 'ଗଜମଣ୍ଡା' ମିଳିବା ଯାହା, ଇସ୍କୁଲ ହତାରେ ଦୋପଟି ବାବୁଙ୍କ ପାଦ ପଡ଼ିବା ସେୟା । ଠିକ୍ ସେଇପରି ଦୀଆନବାହାଦୂର ବି ଆସନ୍ତି ସବାଶରେ, ସିଏ କିନ୍ତୁ କମ ଅସାମୀ ନୁହନ୍ତି । ଟି ଖଣ୍ଡ ଗୋଇନ୍ଦା ସବୁବେଳେ ଦୁଆରେ ହାଜର । ଆଁ କଲେ ଗୁଲିଲେ' ଇସ୍କୁଲ ଭିତରକୁ ଆସିଲେ ସମସ୍ତ ଥରହର ହୁଅନ୍ତି । ବିନା ଠେଙ୍କାରେ କାରବାର ନାହିଁ । ସବାଶ ଚାଲେ ଲମ୍ବିବା ଅଗରୁ ନାକପୋଡ଼ିଆ ବାଶିକ ସବାଶ ତଳେ ୫ଟଙ୍କିଆ ନୋଟ ଖଣ୍ଡେ ରଖିଦେବ । ଏର ଜାଗାରେ ସବାଶ ଚଳିବନି । ମାଟି କଣାହେଲା-ସବାଶ ରହିଲା । ନହେଲା ତ ନା । ଥରେ ଗୋରା ସାହେବ କଲେକ୍ଟର ଥାଏ-କଣ ପଦେ କହିଦେଲା ।। ସେଇଦିନୁ ଗୁଲୁଛି ।। ସେଇ ପଷ୍ଟକର୍ଣ୍ଣ ୫ଟଙ୍କିଆ ନୋଟ ଅଛି ।। ତଳେ ପଡ଼ିବ ପୁଣି ଉଠାହୋଇ ସବାଶ ଭିତରେ ରହିବ ।। ମାଟି କଣା ହେବ ତ ଦୀଆନ ବାହାଦୁର ବସିବ । ହାଁ । ସକାଳୁଅ ଇସ୍କୁଲକୁ ଦଳ ଦଳ ଟୁଆ ଯାଉ ଥାନ୍ତି ।। ହୁରି ଓ ନଣ୍ଡୁ ରାସ୍ତା ଉପରେ ନଟ କୁଦା କରି ଗୁଲିଚନ୍ତି ।। କିଏ ଗୋଡ଼ ଫୁର୍ତ୍ତି କରି ନଗଲେ ଖେଳମାଷ୍ଟର ଆବସେଣ୍ଟ ପକାଇଦେବ । ଏତିକବେଳେ ସାମ୍ନା ଦୋଛକି ରାସ୍ତା ଉପରୁ ଟିଂଟିଂ ଶବ୍ଦ ଶୁଭିଲା । ପୁରୁଣା ହମ୍ବର ବାଇଧାଇକେଲ-

ସେଥିରେ ପୁଣି ବ୍ରେକ୍ ନାହିଁ ଗୋଟେ ପାଖ ହେଣ୍ଡେଲ ଘୁଙ୍ଗି ଯାଇ ସେ ନଳ ଭିତରେ ଖଣ୍ଡେ ବାଆଁଶ କଳା ଭରତି ହୋଇ ହେଣ୍ଡେଲ କାମ ଚଳାଉଛି । ଟାଉନ ଫାଣ୍ଡିର କନେଷ୍ଟବଳ କଣ୍ଠୁଚରଣ ସେଇ ସାଇକେଲ ରୂପୀ ଯାନରୋହଣ କରି ଆଗେଇ ଆସୁଥାନ୍ତି ଖୁବ୍ ଫୋର୍ସରେ । ଇସ୍କୁଲ ପିଲଏ ପୁଲିସବାଲାଙ୍କୁ ଭଲ ଚିହ୍ନିଥାନ୍ତି । ରାସ୍ତା ଉପରୁ ଏତେଟିକେ ହଟିବା ତାଙ୍କ ଜାତକରେ ନାହିଁ । କଣ୍ଠୁଚରଣ ମାଟି କରି ଉଠିଲେ "ହଟୋ, ହଟୋ । ରାସ୍ତାସେ ହଟ୍ ଯାଓ ନେହିଁତ ଏକ୍ସିଡେଣ୍ଟ ହୋ ଯାଏଗା', । ସହଜେ ତ ବ୍ରେକହୀନ ଗାଡ଼ି ଏଣେ ଛୁଆ ଗୁଡ଼ାକ ରାସ୍ତାରୁ ଉଠିଲେ ନାହିଁ ॥ କଣ୍ଠୁଚରଣଙ୍କ ସମେତ ହମ୍ବର ଗାଡ଼ିଟା ସିଧାସିଧା ଗଡ଼ିଚାଲିଗଲା । ଚଡ଼ଣ ଅଠରନଳା ପୋଲ ତଳଆଡ଼ର ବାଉଁଶବୁଦା ଆଡ଼କୁ । ପ୍ରାଣ ବଂଚେଇବା ପାଇଁ କଣ୍ଠୁଚରଣଙ୍କୁ ସାତେ ପାଂଚଫୁଟ ଲଙ୍ଗ୍ ଜମ୍ପ (Long Jump) କରିବାକୁ ପଡ଼ିଲା । ବାଁ ପାଖ ହେଣ୍ଡେଲ ସଂଯୁକ୍ତ ବାଉଁଶ କଳା ଖଣ୍ଡିକ ଅଲଗା ହୋଇଗଲା-ତେଲ ଚକଟା ପୁଲିସ ବାଘଗିଆ ନାଲିପଗଡ଼ିଟା କଣ୍ଠୁଚରଣଙ୍କ ମୁଣ୍ଡରୁ ଅଲଗା ହୋଇ ବାଉଁଶ ବୁଦା ଭିତରେ ଗୋଟାଏ ବାଉଁଶ କଣିରେ ଟଙ୍ଗେଇ ହୋଇ ରହିଗଲା । ମାଟିଆ ମୁଣି ଖଣ୍ଡିକ ରାସ୍ତା ଉପରେ ପଡ଼ିଥାଏ । ତା ଭିତରୁ ଚୂନାଟା ଶୁକୁଟା ନେମ୍ବୁ ପଚାଶ ତିରିଶଟା ଚିନାବାଦାମ; ଗୋଟେ ଗାଂଜେଇ ଚିଲମ ଖଣ୍ଡେ ନବଗ୍ରହ ସ୍ତୋତ୍ର ବହି ଛିଂଛୁଡ଼ି ହୋଇ ପଡ଼ିଥାଏ ରାସ୍ତାଉପରେ । କିୟତ୍‌କାଳ ମଧ୍ୟରେ ବାଦାମ ଗୁଡ଼ିକ ପିଲାମାନଙ୍କ ହାତକୁ ଚାଲିଗଲେ, ନେମ୍ବୁମାନଙ୍କୁ ନିକଟବର୍ତ୍ତୀ ବଣକୁ ଫିଙ୍ଗି ଦିଆଗଲା । ଚିଲମଟାକୁ ଉଠେଇ ଆଣି ଜଣେ ଦି' ଜଣ ପିଲା ଗାଂଜେଇ ଖାଇବାର ପରୀକ୍ଷା ମୂଳକ ଅଭିନୟ କରୁଥାନ୍ତି । ହାତ-ଖଣ୍ଡିଆ ସାଇକେଲକୁ ଉଠାଇଆଣି କଣ୍ଠୁଚରଣ ଲଗାଉଥାନ୍ତି ମାଡ଼"

ସାଲ ବ୍ରେକ୍ ଧରିବନି । ଦେଖିବା କିମିତି ବ୍ରେକ୍‌ଧରିବନି । ଦୋଷନ ଠିକ୍ କରି ସେ ବଦ୍‌ମାସ ମିସ୍ତ୍ରିଙ୍କୁ । ଗୋଟେ ଫାର୍ ଆଇନରେ ଯଦି ବୋଷାକୁ ଯୁଚା ନ ଡାକଚି" । ସାଇକେଲଟା ଧରଡ଼ା କଳା ଭଳି ଆବାଜ କରୁଥାଏ । ହ୍ୟାଣ୍ଡଲରେ ନାଲି ପଗିଡିଟାକୁ ହାତରେ ଉଠେଇ ଆଣି କଟେଣ ପିଲ ଡାକପକେଇଲେ" ହେଇରେ, ଦେଖିବ ଆସ କହ୍ନେଇସେଠି ବଳଦ, ହେଇରେ ·······" । ଅବସ୍ଥାଟା ଜଟିଳ ହେଲାଣି ଜାଣିପାରି କଣ୍ଠୁଚରଣ ନେହୁରା ହେଉଥାନ୍ତି" ବାବୁଠାକୁରା, ଟେଙ୍ଗିଡ଼ିଟାକୁ ସିଧିକା କରନା । ସେଇ ଝଣ୍ଡିକ ହୋଉଚି ଅମର ଦାନା । ଦଅ ଦେଇଦଅ" ।

ଭୁଆଁ ବଗଡ଼ଟା ଯେତେ ବୁଢା ହେଇଥାଉ ପଛକେ ଚୁଟିଆ ମୂଷା ମାନଙ୍କର ମନରେ ଭୟ ଥାଏ । ସାମନାରେ ପଡ଼ିଲେ ପିଏ ଯୁଆଡେ ଙ୍ଗେଇବାଇଁ ପଳାନ୍ତି । ପିଲାଏ ଆପଣା ରାସ୍ତାରେ ଗୁଲି-ଗଲେ । ପଗଡି ଖଣ୍ଡିକ ମୁଣ୍ଡରେ ଦେଇ ସାଇକଲ ଧରି ବାହାରିଲା ବେଳକୁ ହୟଗ୍ରୀବ ବଡ଼ ପାଟିରେ ସୁର ମେଲେଇ ଡାକିଲା "ହେଇରେ ମାଁ ।ଆ···ଆ-ଆ·······" । ଅନ୍ୟମାନେ ସାଙ୍ଗେ ସାଙ୍ଗେ ଯୋଡ଼ିଦେଲେ । ମୁଁ···ଉଁ···, ମାମୁଁ···ହୋ ହୋ ହୋଓ··· ।" କଣ୍ଠୁ ଚରଣ ଦୋଉଡ଼ୁଥାନ୍ତି ଗୋଟିଏ ପାଖ ହେଣ୍ଡେଲକୁ ଧରି । ଚଢ଼ିବାର ଉପାୟ ନଥାଏ, ଚେନଟା ଖସି ଯାଇଥାଏ । 'ବି' କ୍ଲାସ ଦାଗୀ ଚେମା ଗୁ ଦୋକାନରୁ ଉଠି ଆସି ଓଳଗି ହେଲା । ରାମ୍ ରାମ୍ । ସେ ବେଳରେ ଆଉକି ଅନେଇବାକୁ ସବୁର୍ ଅଛି । ଦୋଷଣ ପକେଇବା କଥା ।

ଥାନା ଦୁଆରେ ପହଞ୍ଚିବା ବେଳକୁ ସାଢେ ବାର, ବଡ଼ ବାବୁ ବାରଣ୍ଡା ସାରା ନଠର ପଠର ହେଉଥାନ୍ତି । ସିବିଲ ସର୍ଜନ

ଡାକ୍ତରଖାନା ଭିଜିଟ୍ କରିବାକୁ ଆସିଲେ ମେଲ୍ ନର୍ସ ସୁବାସ ବାବୁ ଯେପରି ତୁଇମାରିଲା ଭଳି ସଉର, ସାର, ସିବା ଆସିବା ନଦେଇ ଥାଆନ୍ତି କଣ୍ଟୁଚରଣ ଠିକ୍ ସେସ୍ବାକଲେ । ଏକହାତିଆ ଧାଇକେଲ-ଟାକୁ ଏକଗୋଡ଼ିଆ ଠିଆ କରେଇଦେଇ, ବଡ଼ବାବୁଙ୍କ ଆଡ଼କୁ ସାଡ଼େତେଇଶଡ଼ିଗ୍ରି କୋଣକରି, ବା ଗୋଡ଼କୁ ଜବରଦସ୍ତ ମାଡ଼ି ବସି, ଡାହାଣ ଗୋଡ଼କୁ କସ୍ଟିଡ ଦେଲେ 'ଧାଡ଼ଙ୍କୁ' । ବଡ଼ବାବୁ 'ହଁ' ଟିଏ କରିଦେଲେ । ଉପମଂସ୍ତ୍ରୀଙ୍କ ବସା ଭିତରେ ପଂଗୁପୁତଇ ଓ୍ୱାର୍ଡ ମେମ୍ବର ଖୋପ ନଟୀକରି ଗଦି ଉପରେ ଗଳାପଣ୍ଡ ଚିତ୍କାର ହୋଇ ବସି ପଡ଼ିଲେ । ଯେତିକି ଖୁସି ହୁଅନ୍ତି କଣ୍ଟୁଚରଣ ସେତିକି ଖୁସି ହେଲେ । ଠିକ୍ ସେତିକି, ବଡ଼ବାବୁ ଅଫିସ ଭିତରକୁ ପଶିବା ଆଗରୁ କହିଦେଲେ 'ବୁଝିଲ କଣ୍ଟୁ' ବଳଦ ଭଳି ସଁ ସଁ ହୋଇ ଉପର ଅଫିସରଙ୍କୁ ସାଲ୍ୟୁଟ୍ ଦିଆ ଯାଏନା । ଢୋକଜସନ ନେବାକୁ ହୁଏ । କନ୍‌ଷ୍ଟେବଲ ଟ୍ରେନିଂ ନେଲବେଳେ ପ୍ୟାରେଡ଼ ଓ ସାଲ୍ୟୁଟ୍ ଡ ଶିଖି ନଥିଲକି ?" । ସତେ ଅବା କଣ୍ଟୁଚରଣଙ୍କ ମୁଣ୍ଡ ଉପରେ ବଡ଼ ବଡ଼ ପାରିଲା ଉଣ୍ଟ ଦୁମ୍ ଦାମ ଛିଡ଼ି ପଡ଼ିଲ । ବଡ଼-ବ ବୁଠା ବ ବଳଦ ବୋଲି କହିଲା । କଣ ଶଳା ଟୋକା ଗୁଡ଼ା'ଙ୍କ ଶିଖେଇ ଦେଇ ଗଲେ ନା କଣ ? ବଳଦ 'ଅଁଛା' ।

ଥାନା ଘର ଭିତରେ ଟୋକା ରାଇଟର ବାବୁ ବସି କାମ କରୁଛି । ନଶ ଗଳଚି ନାହିଁ-ଖାଲି ଖୁର ଟିକିଏ ଘଷି ଦବାରୁ ଦକଟେ ବକଟେ ଖୁଣ୍ଟି ଜଠି ଫିକାକଳା ଦୁଶୁଥାଏ । ନଶନ ଥାଇ ସୁଲସ ବୃକସ୍ତି ନାହିଁ । ରାଇଟର ପାଖରେ ସମସ୍ତଙ୍କର କାମ, ନବା, ଦବା, ଯୋଗାଡ଼ କରେଇବା ଏତଲାର ଖେରା ନକଲ କଢ଼େଇବା ସବୁ ସେଇଠି ହୁଏ । କଣ୍ଟୁଚରଣ ରାଇଟର ପାଖରେ ଗୋଡ଼ କସ୍ଟି ସାଲ୍ୟୁଟ ଦେଇ ଆପଣାର ଡାଇରି ଖଣ୍ଡିକ କଢ଼େଇଦେଲେ । କିଏ

ବା ପଡ଼ୁଛି । ରାଇଟର ଆଗ ପରି କାମ କରୁଥାନ୍ତି । ନଜର ପଡ଼ିଲାନି ଝଣ୍ଡୁଚରଣଙ୍କ ଆଡ଼କୁ । ପୁରୁଣା ଲୋକ ଝଣ୍ଡୁ ସବୁ ବୁଝି ଯାଉଥିଲେ । ବିନା ଅର୍ଥରେ ମଥା ଘମନ ନାହିଁ । ଥାନାରେ ବସିଲେ କଣ ହେବ-ମଫସଲ ଗଲେ କନେଷ୍ଟବଲ ମାନେ କଣ ପାଆନ୍ତି ନପାଆନ୍ତି-ସେକଥା ରାଇଟରଙ୍କୁ ଅଜଣା ନାହିଁ । ଚପ ଚେକଲେ ହାତଚାଲାଣି ଝଣ୍ଡୁଚରଣ ଆଜି ତେର ନକଲ ବେଗଟାକୁ ଆଣିଲେ । ଦଖଣ୍ଡ ବଇଗଣ ପୋଇ ଡେଙ୍ଗୁ, ଦଶଟା କଖାରୁ ଭଣ୍ଡି ପୁଞ୍ଜେ ଶୁଖୁଟା ନେମ୍ବୁ ବାହାର କରି ରାଇଟରଙ୍କ ଟେବୁଲ ତଳେ ଥୋଇଲେ । ଖଣ୍ଡେ ଚିରା ଖବରକାଗଜ ଉଠେଇ ଆଣି ଅଢ଼େଇଶ ଓଜନ ଅନାଜ ପିତାକରଣ୍ଡି ଶୁଖୁଆ କାଢ଼ି ମେଲାଇଲା ବେଳକୁ ସାନବାବୁ ପାଟିକଲେ "ହେ ଝଣ୍ଡୁ କଣ ବ୍ରେନ୍ ଖରାପ ହେଲଣି ନା କଣ । ଥାନା ଭିତରଟାରେ ଏଗୁଡ଼ାକ କଣ ରଖିଲୁ ? ନାଷ୍ଟି-ଛି, ଛି-ବଳଦ" ।

ପଚିଯାଇଥିବା ମୁର୍ଦ୍ଦାରର ପଚାଗନ୍ଧରେ ଯେପରି ଘରଆଡ଼ ଫାଟିପଡ଼େ, ପିତାକରଣ୍ଡି ଶୁଖୁଆ ଗନ୍ଧରେ ଥାନା ଭିତରଟା ମହକିଗଲା । ରାଇଟର, ସାନବାବୁ, ୨୧ ନମ୍ବର ଦଫାଦାର ଅକୁଳା ଚୋଉକଆ, ଠାକୁର ଜମାଦାର ସମସ୍ତେ ଝଣ୍ଡୁଚରଣଙ୍କୁ ଛି ଛିକରି କଲେ । ଝଣ୍ଡୁ ଚଟକ୍ ଆଁ କରି ଠିଆ ହୋଇଥାଏ । ସେ କଥା ଭୁଲିଟାଏ କରି ପକେଇଛି । ମଫସଲରୁ ଯାହା କିଛି ପାଉଥିଲା । ସେଥିରୁ ମୁଠେ ମୁଠେ ଭାଗ ଦେଉଛି ରାଇଟରଙ୍କୁ । ସମସ୍ତେ ଘିଅ, ମାଛ ସବୁ ଖୋଜିଲେ ଢାଆନ୍ତି, ସିଏ ଏବେ ପିତା ଶୁଖୁଆ, ପୋଇ ଓ କଖାରୁ କଣ୍ଡ ଦେଉଛି । କଳି ଯୁଗରେ ସତ ନାହିଁ । ଏଇ ପିତାକରଣ୍ଡି ଶୁଖୁଆକୁ ଗରମପାଣିରେ ଭେଦେଇ ଦେଇ ସୋରିଷ ବାଟଣା ଦେଇ ଚୁଟୁପୁଟିଆ କରିଦେଲେ ମାଛଭାଜିଆ

କାନ କାଟି ଦେବ । ଡାକମ ହୁକୁମା ବ ବଗତ କର ତିଆରି କରନ୍ତୁ । କେଉଁଠୁଣି କଳେ ଛନେଟଙ୍କା କେ ଦୋଉଡ଼ଚନ୍ତି । ଅଚେଇଣ ଶୁକୁଆ ବାରଣା ଦେଇସା । ଗଇଟରଠା ପଚଶଜଣ କର୍ମଚାରୀଙ୍କ ଆଗରେ ଅପମାନ କରୁଛ । ଶକ୍ତିରେ ପଡ଼ନଙ୍ଗ ପାଲଟି ଗଲଣି । ଆମର ଭଲ କନେଷ୍ଟବଳ ଥିଲାବେଳେ ଦଣ୍ଡି ଆମାଛ ହାଣ୍ଡିକ ଯାଉନଥିଲା । ଘୁଷ ଖାଇ ଖାଇ ପୁଣ୍ଡି ଫାଟି ଯାଉଥିଲା-ଏଇକ୍ଷିଣି ପିଚାଶୁ କୁଆ ଗନ୍ଧୋଳଚ ।

ବଡ଼ବାବୁ ଥାନାରୁ ବାହାର ବସାକୁ ଗଲେ । ଜଣେ ଖଦଡ଼ ପିନ୍ଧା ବାବୁ ଆସନ୍ତି ସାଙ୍ଗରେ । ଘଣ୍ଟେ ଘଣ୍ଟେ ଗୋଟିଏ ଟ୍ରେଟ ନାଲି ହାଣ୍ଡିରେ ଗୁଡ଼ପାଣି ରସ ଲଗିଥାଏ- ରସଗୋଲା ହାଣ୍ଡିଟେ ହବ ବୋଧହୁଏ । ଗାଇଟର ପାଖରେ ଗୋଟା ଗେଦେଡ଼ା ଟୋକାଟେ ବସିଥାଏ-ସିଗ୍ରେଟ ଡିଅସଲି ବିଡ଼ିଆପାନ ଥୋଇଥାଏ । ଜନାକାଷ୍ଟ କେସରେ ଗୁଲାଣ ହୋଇ ଅସିଥାଏ । କଣ ଅଙ୍ଗକୁ ମୁଣ୍ଡରେ ଅଲ୍ପ ଲୁଗା ଢ଼ାଙ୍କି ବସିଥାଏ-ଛଲ୍ଲାଟିଏ । ଗାଇଟର ଅଳ୍ପ ଅଳ୍ପ ଗୁହୁ ଥାଏ । ଟୋକା ନଜର ଛ ।

କଣ୍ଟୁଚରଣ ବାବୁକକୁ ଫେଚେଜ, ଶୁକୁଆ, ଓ ପୋଲଡ଼ଙ୍କୁ ଝାଟଚଳକୁ ଘଟକେଲି ଦେଲେ । ଇସ୍କୁଲ ଟୋକା 'ବଳଦ' କହୁକେ-ମାମୁଁ ମାମୁଁ ହୁର ପକେଇଲେ । ବଡ଼ବାବୁ 'ବଳଦ' ବୋଲି କହିଲ । ଗାଇଟର ଶୁକୁଆ ଫୋପାଡ଼ ଦେଲା । ସତରେ ସେ ବଳଦ ହୋଇ ଯାଇଛନ୍ତି ଏ ପଚିଶ ବର୍ଷ ଚାକିରୀ ଭିତରେ । ବଡ଼ବାବୁ, ସାନବାବୁ ଇନସ୍‌ପେକ୍ଟର, ଡି, ଏସ ପି, କେତେ ଦେଖିଗଲେଣି । ମାଲ ମଦ, ମାଛ, ମାଂସ ସବୁ ଯୋଗେଇଛନ୍ତି । ଶେଷରେ ଶୁଣିଛନ୍ତି 'ବଳଦ' ଡାଇଟର, ମାମଲତକାରଙ୍କ ପଇସା ବାବୁମାନଙ୍କୁ ଖୋଇ-ଚନ୍ତି-ଆପେ ପୋଇଖଡ଼ା ଚୁରିମିଛନ୍ତି ।

ବାହାରକୁ ଆସି ନୁଙ୍ଗିଠା ବଦଳେଇବାକୁ ବାହାରିଛନ୍ତି । ବୋମଟୀ ବାବୁଙ୍କ ପୁଷ୍ଟସ୍ତ ହୟଗ୍ରୀବ ଆଖିରେ ଗୋଟେ କଳାଚଷମା ଦେଇ ଅର୍ଦ୍ଦଳୀ ପିଅନ ସାଙ୍ଗରେ ବଜାରକୁ ଯାଉଥାଏ । କଣ୍ଢୁଚରଣଙ୍କ ଉପରେ ନଜର ପଡ଼ିଯିବାରୁ ଅର୍ଦ୍ଦଳିକୁ ହାତଠାରି କହିଦେଲା । ବୁଝିଲୁନା ଅହମ୍ମଦ ହେଇ ଗୋଟେ କହ୍ନେଇ ସେଠି ବଳଦ । ମାଁ-ମ୍ଳୁଁ- -ଃ ଉ-ଉ' । କଣ୍ଢୁଚରଣଙ୍କ ହାତର ନେଳିଆ ନୁଙ୍ଗିଠା ଉଡ଼ିଯାଇ ଥାଏ ଠିକ୍ ଯିମିତି ମାଲଗାଡ଼ିର ଗର୍ଡ଼ ସା'ବ ନେଳିଆ ପତାକା ଦେଖେଇ ଗାଡ଼ିକୁ ଷ୍ଟେସନ ପାର କରାଏ ।

—୦—

# ନିଶ ଉତ୍ପାଦନ ବିଲ୍

କଳିଙ୍ଗ ଓରଫ ଓଡ୍ର ଓରଫ ଉତ୍କଳ । ଓରଫ ଓଡ଼ିଶାରେ ସୁରମ୍ୟ, ସୁଦୃଶ୍ୟ, ଏବଂ ସୁନ୍ଦରିଆ, ଜଳା, ଧଳା, ଖଇରିଆ, ଛମ୍ବାଳିଆ ଓ ମୁର୍ମୁଟିଆ ନିଶର ଉତ୍ପାଦନ କ୍ରମେ କ୍ରମେ ହ୍ରାସ ପାଇ ଯାଉଥିବାରୁ, ପରଜାପନ୍ଥିଆ, ଦିଲୀପ କୁମାରିଆ ଓ ମାଗୁର-ଖଣ୍ଡିଆ ନିଶର ବହୁଳ ପ୍ରଚଳନ ଯୋଗୁଁ ଓଡ଼ିଚଷା, ମାଇକ ଏବଂ ମକୁନ୍ଦି-ମାର୍କା ଓଡ଼ିଆଙ୍କର ନାସାପୁଟରେ ଭେଜାଲ ମିଶି ଯିବାର ଆଶଙ୍କା କରାଯାଉଥିବାରୁ, ନିଶୋଡ଼ି ( ନିଶ ରଖିଥିବା ଓଡ଼ିଆ) ମାନଙ୍କ ତରଫରୁ ନିମ୍ନଲିଖିତ ବେସରକାରୀ ବିଲ୍‌ଟି ଆଗତ କରା-ଯିବାର ପ୍ରସ୍ତାବ କରାଯାଉଅଛି ।

୧ । ନାମ—ଏହି ବିଲ୍‌କୁ ସଂକ୍ଷେପରେ 'ନିଶ-ଉତ୍ପାଦନ ବିଲ୍' ( Whisker production bill ) ବୋଲି କୁହାଯିବ ।

୨ । ସଂଜ୍ଞା ( Definitions ) ବିଲ୍‌ରେ ବ୍ୟବହୃତ ହୋଇଥିବା ଶବ୍ଦଗୁଡ଼ିକର ପାର୍ଶ୍ୱ ଲିଖିତ ଅର୍ଥକୁ ସ୍ୱୀକୃତ ଅର୍ଥ ବୋଲି ବୁଝିବାକୁ ହେବ । ଯଦି କୌଣସି ଶବ୍ଦର ଅର୍ଥ ଏହି ବିଲ୍‌ରେ ପରିଷ୍କାର ଭାବେ ବୁଝାଇ ଦିଆଯାଇ

ନଥାଏ ତେବେ କଟକର ଭାଷାକୋଷ ଲେନ୍‌ରେ ସେହି ଶବ୍ଦର ଯେଉଁ ଅର୍ଥ କରାଯାଇଥିବ ତାକୁହିଁ ସ୍ୱୀକୃତ ଅର୍ଥ ଭାବେ ଗ୍ରହଣ କରାଯିବ ।

(କ) ନଶ ( Whisker ) କଳାମୁଣ୍ଡିଆ, ଧଳାମୁଣ୍ଡିଆ ଚନ୍ଦାମୁଣ୍ଡିଆ, ଟେକି ମୁଣ୍ଡିଆ, ଠେକା ମୁଣ୍ଡିଆ, ଚଟୁମୁଣ୍ଡିଆ ହେଡାମୁଣ୍ଡିଆ ଲୋକମାନଙ୍କର ମୁଣ୍ଡର ତଳ ଭାଗରେ ସାମ୍ନା-ପଟରେ ଅବସ୍ଥିତ ଚୀନୀ ଉପତ୍ୟକାର ସାମାନ୍ୟ ତଳକୁ ଅବସ୍ଥିତ ନାକର ନିମ୍ନ ଭାଗରେ ଉପର ପାଟିର ବର୍ଦ୍ଧିତ ଚର୍ମ ପରଦାକୁ ଗୋଟି ଗୋଟି ବା ଗହଳିଆ ଭାବେ ମଣ୍ଡନ କରିଥିବା କେଶଗୁଡ଼ିକୁ 'ନଶ' ବୋଲି କୁହାଯିବ । ଏ ବିଷୟରେ ସନ୍ଦେହ ହେଲେ. ଅଥବା ଗୋଟିଏ ନାକରେ ଥିବା କେଶ ଗୁଚ୍ଛକ ନଶ ଅବା ନୁହେଁ ଜାଣି-ବାର ପ୍ରୟୋଜନ ହେଲେ. ନୂଆ ଚିମୁଟା ସାହାଯ୍ୟରେ ନାସାନ୍ତର୍ଭୁକ୍ତ କେଶକୁ ଗୋଟି ଗୋଟି ଉପାଡ଼ି ପରୀକ୍ଷା କରିବାର ଅଧିକାର କେବଳ ନଶାଧିକାରୀଙ୍କର ରହିବ ।

( ଖ ) ନାକ ( Nose )

ନଶର ଉପର ଅଂଶ ଅବସ୍ଥିତ ଆନୁମାନିକ ଅଧଇଞ୍ଚ ଠାରୁ ଦେଢ଼ ଇଞ୍ଚ ଉଚ୍ଚ ମାଂସ ପିଣ୍ଡାକାର ସମୁଦାୟ ଆକୃତି ( Totality )କୁ ନାକ ବୋଲି କୁହାଯିବ । ମୁଣ୍ଡର ଅଭ୍ୟନ୍ତରକୁ ଦୁଇଟି ଶାଖା କେନାଲ ଦ୍ୱାରା ସଂଯୁକ୍ତ ହୋଇ ନିଶ୍ୱାସ-ପ୍ରଶ୍ୱାସ, ସୁଗନ୍ଧ-ଦୁର୍ଗନ୍ଧ ଗ୍ରହଣ କରିବା, ସିଂଘାଣିକୁ ନିର୍ଗତ କରିବା ଓ ଖଙ୍କାରକୁ ସଠିକ ମାତ୍ରା ଶୋଷିନେବା ଓ ସୁଙ୍ଗୁ ସୁଙ୍ଗୁ ଶବ୍ଦ ସୃଷ୍ଟି କରିବା ନାକର କର୍ତ୍ତବ୍ୟ ଭାବେ ଗ୍ରହଣ କରାଯିବ । ଚେପଟା, ଖଣ୍ଡାଦାଢ଼ିଆ, ଟିଆ ଶୁଆ, ଶିଆଁ, ଗୋଟମା ନାକକୁ ମଧ୍ୟ ନାକ ବୋଲି କୁହାଯିବ । କିନ୍ତୁ ରବର ପ୍ଲାଷ୍ଟିକ୍ ଅଥବା ଗେଡା

ପାର୍ଟୀର ନାକ କଣା ସଂଯୁକ୍ତ ହୋଇ ନଶ୍ୱାସ ପ୍ରଶ୍ୱାସ ଯୁକ୍ତ ହୋଇଥିଲେ ମଧ୍ୟ ଏ ବଲ୍‌ର ଉଦ୍ଦେଶ୍ୟ ବା ପରସୀମା ଭିତରେ ନାକାନ୍ତର୍ଭୁକ୍ତ ହୋଇ ପାରିବ ନାହିଁ ।

୩ । **କତେଶ ପ୍ରାଦନ** ( Production of whiskers) ।

ନାକର ତଳ ଅଞ୍ଚଳର ପ୍ରାକୃତିକ ଓ ଅପ୍ରାକୃତିକ ପ୍ରଣାଳୀରେ ଜଣ ଉତ୍ପାଦନ ପାଇଁ ନିମ୍ନଲିଖିତ ପ୍ରଣାଳୀ ଅଭିନାନୁମୋଦିତ ହେବ । ପାନାମା, ଭାରତ, ଅଶୋକ, ଜିଲେଟ, ହ୍ୱିଲ ସେଭେନ୍ ଓ କ୍ଲକ୍; ସିକଯିମଣ୍ଟିଂ, ପ୍ରିନସ୍ ଇତ୍ୟାଦି ବ୍ଲେଡ, ଭଣ୍ଡାରମାନଙ୍କର ରଂଘା ଖୁର; ଅଥବା ଅନ୍ୟ ଦାଢ଼ିଆ ଖୁର ଜାଣ୍ଡିଯୁ ଧାରୁଆ ଯନ୍ତ୍ର ଦ୍ୱାରା, ସବୁନ ବା ଫେଣୁଆ ପଦାର୍ଥ ଘଷିତ ଲୋମ ଉତ୍ପାଟିତ ପ୍ରକ୍ରିୟାକୁ 'ଉତ୍ପାଦନ' ବୋଲି କୁହାଯିବ । ଉପରଲିଖିତ ପ୍ରଣାଳୀରେ ଖୁର ଚାଳନା ବେଳେ ଆପାତତଃ କେତେକ କେଶବିନାଶ ହୋଇଯାଇ କ୍ଷେତ୍ରଟି ସିମେଣ୍ଟ ଚଲସ୍ତର ପରି ସାଙ୍କୁଳିଆ ହୋଇ ଯାଉଥିଲେ ମଧ୍ୟ ଭବିଷ୍ୟରେ ସୁ-କଳା ଜଣ ଗଜୁରିବାର ସମ୍ଭାବନା ଥିବାରୁ ଏହି ପ୍ରକ୍ରିୟାକୁ ଜଣଉତ୍ପାଦନ କୁହାଯିବ ।

କିନ୍ତୁ ଯାତ୍ରା, ଅପେରା, ଥିଏଟର, ଗୋଟିପୁଅ, ଦକ୍ଷିଣୀ ଭଙ୍ଗସଙ୍ଗ ସୁଆଙ୍ଗ, ଡ୍ରାମା ଇତ୍ୟାଦି ଅନୁଷ୍ଠାନରେ ଅଂଶ ଗ୍ରହଣ କରିବା ସମୟରେ, ଧାନଜିଣ୍ଟିଆ ଝାଣ୍ଡି ତଳ ଜଳାରେ ଜନ୍ମା ହୋଇଥିବା ଜଣ, ଚବାଳିଯୁ ବା ଅଖଣ୍ଡା ସାମଗ୍ରୀଦୋକାନରୁ କିଣା ହୋଇ ନାକତଳେ ଅଠା ସାହାଯ୍ୟରେ ଯୋଡ଼ା ଯାଇଥିବା ଜଣକୁ ଏହି ବଲର 'ଉତ୍ପାଦନ' ସଂଜ୍ଞାର ଅର୍ଥ ଭିତରକୁ ଅଣା ଯାଇ ପାରିବ ନାହିଁ । ଯଦିବା କୌଣସି ସରଳ ରେଖାକୁ ଜଣ ବୋଲି ସାଧାରଣରେ କୁହା ଯାଉଥାଏ । ତଥାପି ଏହି ଆଇନର ପରିସର ଭିତରେ ତାକୁ 'ଜଣ' ବୋଲି କୁହାଯିବ ନାହିଁ ।

### ୪ । ନିଶର କିସମ—

( classification of whisskers ) ବିଶୁଦ୍ଧ ନିଶର ଅମ-ଦାନୀକୁ ଲକ୍ଷ୍ୟରଖି ଖାଣ୍ଟି ନିଶର ଯୋଗାଣ ଅବ୍ୟାହତ ରଖିବ । ବଜାରରେ ନିଶର ସର୍ବନିମ୍ନ ଦର ଧାର୍ଯ୍ୟକରିବା ନିଶୁଆ ମାନଙ୍କର ଉତ୍ପାଦକୁ ନିୟନ୍ତ୍ରଣ କରି ସେମାନଙ୍କୁ ଜାତୀୟ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ନିଶର ନିମ୍ନଲିଖିତ ବିଭାଗ ସ୍ୱୀକୃତ ହେବ ।

(କ) ମୁଆଁଳିଆ ନିଶ (ଖ) ଶିଆଳିଆ ନିଶ (ଗ) ନେଉଳିଆ ନିଶ (ଘ) ଶେଙ୍ଗଳିଆ ନିଶ (ଚ) ମାଗୁରିଆ ନିଶ (ଛ) ପରଜା-ପତିଆ ନିଶ (ଜ) ତଲଓ୍ୱାରକଟ୍ ନିଶ (ଝ) ଡାଗ ନିଶ (ଟ) କାନ ଝାଉଁଳା ନିଶ (ଠ) ବଗଡ଼ିଆ ନିଶ ।

ଏ ସବୁ ନିଶର କିସମ ଓ ଆକାର ପ୍ରକାର ନିର୍ଣ୍ଣୟକରିବାର ଅଧିକାର ନିଶ କମିଶନଙ୍କର ରହିବ । ଏହା ବ୍ୟତୀତ ଅନ୍ୟ ଯେ କୌଣସି ପ୍ରକାର ନିଶ ରଖିଥିବା, ରଖିବାକୁ ଚେଷ୍ଟା କରୁଥିବା, ପରାମର୍ଶ ଦେଉଥିବା ବ୍ୟକ୍ତିଙ୍କୁ ଦଣ୍ଡବିଧାନ କରାଯିବ । ଏହି ଭଳି କାର୍ଯ୍ୟକାରୀ ହେବା ଦିନ ନିଶୁଆ ମାନଙ୍କର ଏକ ସାମୁହିକ ତାଲିକା ନିଶ କମିଶନଙ୍କ ତରଫରୁ ପ୍ରକାଶିତ ହେବ । ଯେଉଁମାନେ ତାଲିକାଭୁକ୍ତ ହୋଇ ନଥିବେ ସେମାନେ ୭ ଦିନ ମଧ୍ୟରେ ଦରଖାସ୍ତ ନଦେଲେ ସେମାନଙ୍କ ନିଶକୁ ବାଜ୍ୟାପ୍ତ କରି ସର୍ବ-ସାଧାରଣରେ ଚିମୁଟାରେ ଉତ୍ପାଟନ କରିବାର ଅଧିକାର କମିଶନ whisker commission) ଙ୍କର ରହିବ ।

### ୫ । ନିଶୁଆ ହେବାର ଯୋଗ୍ୟତା(Qnalifications of whiskereds )

ନିଶ ରଖିବା ଏକ ଜନ୍ମଗତ ବା ଜାତିଗତ ଅଧିକାର ବୋଲି କେହି ଦାବୀ କରି ପାରିବେ ନାହିଁ । ଏପରିକି ରାଜ୍ୟ ସରକାର

ଅଥବା ନଖ କମିଶନ ଯଦି ବିବେଚନା କରନ୍ତି ଯେ ନଖ ରଖିବା ଦ୍ୱାରା ସାଧାରଣ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଛି ଅଥବା ନଖୁଆମାନେ କରୁଣ ପରିସ୍ଥିତିବେଳେ ଅପଣା ଅପଣାର ନଖ ମୋଡ଼ି ଗାଲଫୁରୁଣ୍ଡ ମାରି ଜପୃତ କରିବାକୁ ଅଟକୋ ନାହାନ୍ତି ତେବେ ସରକାର ଅଥବା ନଖ କମିଶନ ଏହି ଆଇନର କ୍ଷମତା ବଳରେ ନଖୁଆ ମାନଙ୍କର ନଖକୁ ବିନା ନୋଟିସରେ ଚବିଶ ଘଣ୍ଟାଠାରୁ ଛତିଶ ଘଣ୍ଟା ମଧ୍ୟରେ ଉପାଡ଼ି ଦେବାର କ୍ଷମତା ଉପଭୋଗ କରିବେ । କୌଣସି ନଖୁଆ ବା ତାଙ୍କର ଉତ୍ତରାଧିକାରୀ ବା ସପିଣ୍ଡ ସଗୋଦ ଏହି କ୍ଷମତାର ବିରୋଧ କରି ଅଭିନ ଅଦାଲତରେ ମୌଳିକ ଅଧିକାର (Fundamantal rishts) ପ୍ରଶ୍ନ ଉଠାଇ ପାରିବେ ନାହିଁ !

ଆସେମ୍ବ୍ଲି ବା ପାର୍ଲାମେଣ୍ଟ ଭୋଟଲଢ଼େଇରେ ହାରିଯାଇ ଜମାନତ ହରାଇଥିବା ପ୍ରାର୍ଥୀମାନେ, ବିବାହ ବେଦୀରୁ ଅଧିକ ଯୌତୁକ ଦାବୀକରି ଶିଶୁପାଳ ହୋଇ ଫେରିଆସିଥିବା ପ୍ରାର୍ଥୀମାନେ, ଶ୍ରୀକୃଷ୍ଣମାର୍କା ହଳଦିଆ ଲୁଙ୍ଗି ପିନ୍ଧି ଏପାଖ ସେପାଖ ହେଉଥିବା ଟୋକାମାନେ, ଟଟଗାର ନସ୍ବନ୍ଦ ଯୋଜନାରେ ଗୃକସ କରି ଦରମା ନପାଇ ଗୃକସ ଛାଡ଼ି ଦେଇଥିବା ଦରବୁଢ଼ାମାନେ, କାଳିକା ହାଇସ୍କୁଲରେ ହେଡ୍‌ମିଷ୍ଟ୍ରେସ ହୋଇଥିବା ମିଷ୍ଟରମାନେ ମୃତ୍ୟୁପର୍ଯ୍ୟନ୍ତ ନଖ ରଖିବାକୁ ଅଧିକାର ପାଇବେ । ଏତଦବ୍ୟତୀତ ଅନ୍ୟମାନେ ନଖ ରଖିବାକୁ ଚାହିଁଲେ ନଖାଧିକାରୀଙ୍କଠାରେ ହଲଫ ପ୍ରମାଣେ (ଏଫିଡେଭିଟ୍) ନଖ ରଖିବେ ଏବଂ ସେଥିପାଇଁ ନିର୍ଦ୍ଧାରିତ ଫିସ ଦାଖଲ କରିବାକୁ ପଡ଼ିବ । କୌଣସି ପରିସ୍ଥିତିରେ ନଖ କାଟିବା କଟାଇବା, ଉପାଡ଼ିବା, ରଂଗାଇବା, ନିର୍ମଳ କରିବା ପ୍ରୟୋଜନ ହେଲେ ଅନ୍ୟୂନ ସାତଦିନ ପୂର୍ବରୁ ନଖ କମିଶନଙ୍କଠାରେ ଆବେଦନ କରି ଅନୁମତି ନେବାକୁ ପଡ଼ିବ ।

୬ ନିଶାଞ୍ଚଳ ଗଠନ—(Formation of whisker zones) ନିଶର ଆମଦାନୀ, ରପ୍ତାନୀ, ସଂରକ୍ଷଣ, ଗୁଣ ନିୟନ୍ତ୍ରଣ (Quality control) ଦୃଷ୍ଟିରୁ ରାଜ୍ୟରେ ୩ଟି ନିଶାଞ୍ଚଳ ଗଠନ କରାଯିବ । ରାଜ୍ୟ ସିଭିଲ୍ ସର୍ଭିସର ପ୍ରଥମ ଶ୍ରେଣୀ ଚାକିରିର ଅଧିକାରୀ ମାନେ ନିଶକମିଶନର(whisker Commissioner) ହେବେ । କିନ୍ତୁ ବିହାର-ଓଡ଼ିଶାର ଐତିହାସିକ ସମ୍ପର୍କ ଦୃଷ୍ଟିରୁ ଏବଂ ଓଡ଼ିଆ ଅଂଚଳର ଖରସୁଆଁ-ସରେଇକଲା ବିହାର ଦ୍ୱାରା ଆତ୍ମସାତ୍ ହୋଇଥିବାରୁ ବିହାରର ମଜଫରପୁର ଓ ଦରଭଙ୍ଗା ଜିଲ୍ଲାର ନିଶୁଆମାନଙ୍କୁ ଉକ୍ତ ଚାକିରୀ କ୍ଷେତ୍ରରେ ପ୍ରଥମେ ନିଯୁକ୍ତିର ସୁବିଧା ଦିଆଯିବ ।

୭ ନିଶାଧିକାରୀ ନିଯୁକ୍ତି— ( Appointment of whisker-officer) ଏ ଆଇନ୍ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ପ୍ରତି ସବ୍‌ଡିଭିଜନ ସ୍ତରରେ ଜଣେ ଲେଖାଏଁ ନିଶାଧିକାରୀ ନିଯୁକ୍ତି ହେବେ । ଏମାନେ ନିଶ-କମିଶନରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରିବେ । ସାଧାରଣ ଭାବେ ପୋଲିସବିଭାଗର କର୍ତ୍ତୃତ୍ୱ ଏମାନଙ୍କଠାରେ ନ ରହିଲେ ମଧ୍ୟ ବେଆଇନ ନିଶ ଉପାଡ଼ିବା, ଗିରଫ କରିବା ଇତ୍ୟାଦି କାମରେ ଏମାନେ ପୋଲିସର ସାହାଯ୍ୟ ଆଇନାନୁଯାୟୀ ନେଇପାରିବେ ।

୮ । ନିଶୁଆଙ୍କର ହିସାବ—ରେଜିଷ୍ଟର ଓ ତାଲିକା ପ୍ରକାଶ ( Publication of whiskered Registers etc ) ଏହି ଆଇନର ୭ ଦଫା ବର୍ଣ୍ଣିତ ନିଶାଧିକାରୀମାନେ ନିଜ ନିଜ ଅଞ୍ଚଳର ନିଶୁଆ ମାନଙ୍କର ଏକ ତାଲିକା ଏହି ଆଇନ କାର୍ଯ୍ୟକାରୀ ହେବାର ୬ ମାସ ମଧ୍ୟରେ ନିଶ୍ଚୟ ପ୍ରକାଶ କରିବେ । ଏହି ତାଲିକା ଅନୁସାରେ ଯେ କୌଣସି ନିଶୁଆ ଆପଣାର ନିଶର କିସମ ପରିବର୍ତ୍ତନ, ସଂଶୋଧନ

ନବୀକରଣ ତାଲିକା ପ୍ରକାଶର ୧୬ ଦିନ ମଧ୍ୟରେ କରି ପାରିବେ । ପ୍ରତି ୨ ବର୍ଷ ସାତ ମାସରେ ଏହିତାଲିକା ପ୍ରକାଶ କରାଯାଇ ସଂଶୋଧନ କରାଯିବାର ବ୍ୟବସ୍ଥା ଅବଶ୍ୟ ହେବ ।

**୯ । ନିଶ ଗୋଡାଉନ୍** – (Whisker Godowns)

ପାଣିସାରୁ, ଅମୃତଭଣ୍ଡା, କଦଳୀଭଣ୍ଡା ଜାତୀୟ ପରିବାର ତରକାରୀ ଖାଇ, ନିଶରେ କଡ଼ଲିଆ ତେଲ ମାରୁଥିବା ଏବଂ ନିଶକୁ ମୋଡ଼ ମୋଡ଼ ଟାଁସା ରଖିପାରୁଥିବା ବ୍ୟକ୍ତିଙ୍କୁ ନିଶ ଗୋଦାମ ରକ୍ଷକ ଭାବେ ନିଯୁକ୍ତ ଦିଆଯିବ । ଯେଉଁ ଇଲାକାରେ ମୋଟ ଜନସଂଖ୍ୟାର ଶତକଡ଼ା ଛୟାଅଶୀ ଭାଗ ଲୋକ ସେଲୁନ୍‌ରେ ବସି କ୍ଷୌର ହୋଇସାରି ମୁଣ୍ଡରେ ପଚ୍‌ପଚିଆ ବୋତଲ ପିଚକାରୀମାରି ହୋଇଥିବେ, କ୍ଷୌର ହୋଇସାରି ନିଶରେ ହାତମାରି ପ୍ଲାଷ୍ଟିକ ପାନିଆରେ ନିଶକୁ ସାଜ୍‌ କେଇ ଦେଇପାରୁଥିବେ ସେହି ଅଂଚଳରେ ସରକାରୀ ଉଦ୍ୟମରେ ନିଶ-ଗୋଦାମ ପ୍ରତିଷ୍ଠା କରାଯିବ । ପ୍ରତ୍ୟେକ ନିଶ ଗୋଦାମ ଅଧୀନରେ କେତେକ କୃତ୍ରିମ ନିଶ ପ୍ରଜନନ କେନ୍ଦ୍ର ସ୍ଥାପନ କରାଯିବ ଏବଂ ବେ ନିଶୁଆ ବ୍ୟକ୍ତିମାନଙ୍କୁ ନିଶ ରଖିବା ଦିଗରେ ଉତ୍ସାହିତ କରାଯିବ । ନିଶ ଗୋଦାମରେ ବିଭିନ୍ନ ଜସମର ନିଶର ପ୍ରତିକୃତି ( Model ) ନିଶ-ଉତ୍ପାଦନର ସରଂଜାମ, ପୃଥିବୀର ବିଭିନ୍ନ ଦେଶର ନିଶୁଆମାନଙ୍କର ଐତିହାସିକ କାର୍ଯ୍ୟାବଳୀ ଆଦି ରଖାଯିବ । ନିଶ ଗୋଦାମ ଜଣେ ନିଶ ସୁପରଭାଇଜରଙ୍କ ଅଧୀନରେ ରହିବ ।

**୧୦ । ହସ ଓ ନିଶ**—ହସିବାବେଳେ ନିଶର ଯେପରି କିଛି ଉଲ୍ଲେଖଯୋଗ୍ୟ ଅସୁବିଧା ନହୁଏ ସେଥିପ୍ରତି ନିଶୁଆମାନେ ଧ୍ୟାନ ଦେବେ । ସଂକ୍ଷେପରେ ହସ ହସି ଆପଣାର ନିଶକୁ ସୁରକ୍ଷା

କରି ରଖିଥିବା ନିଶୁଆଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏକ ରାଜ୍ୟସ୍ତରୀୟ ପୁରସ୍କାର ଦିଆଯିବାର ବ୍ୟବସ୍ଥା ହେବ ।

୧୧ । ଅଖିଳଭାରତ ନିଶ କମିଶନ—(All India Whisker Commission) ଏହିବିଲ ଆଇନରେ ପରିଣତ ହେବାପରେ ପରେ ସର୍ବଭାରତୀୟ ସ୍ତରରେ ଏକ ଅଖିଳଭାରତୀୟ ନିଶ କମିଶନ ପ୍ରତିଷ୍ଠା କରାଯିବ । ନିଶୁଆମାନଙ୍କୁ ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ସୁବିଧା ଦିଆଯାଇ ସିଧା ସଳଖ ନିଶୁଆ ବେଟା ଜନ୍ମହେବା ଦିଗରେ ଗବେଷଣା ପାଇଁ ଉତ୍ସାହିତ କରାଯିବ । ଆହୁରିମଧ୍ୟ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀମଣ୍ଡଳର ମୋଟ ସଭ୍ୟସଂଖ୍ୟାର ଶତକଡା ୩୨ ଭାଗ ନିଶୁଆଙ୍କ ପାଇଁ ସଂରକ୍ଷିତ ରହିବ ।

୧୨ । ବିବାଦ (Disputes)—ଏହିବିଲ୍‌ର ସବୁ ପ୍ରକାରର ନିଶ-ବିଷୟକ ବିବାଦ ନିଶ-କମିଶନଙ୍କ ଦ୍ୱାରା ଚୂଡାନ୍ତ ହେବ । କମିଶନଙ୍କ ନିଷ୍ପତ୍ତି ବିରୁଦ୍ଧରେ ମାନ୍ୟବର ହାଇକୋର୍ଟଙ୍କଠାରେ ଅପିଲ୍ କରିବାର ଅଧିକାର ରହିବ ନାହିଁ ।

୧୩-ସଂଶୋଧନ ( Amendments )—


ରାଜ୍ୟ ନିଶ କମିଶନଙ୍କ ଅଫିସରେ ପ୍ରକାଶିତ ନିଶୁଆ ସଭ୍ୟ ସଂଖ୍ୟାର ଅର୍ଦ୍ଧାଧିକ ରାଜ୍ୟର କୌଣସି ସ୍ଥାନରେ ଏକତ୍ରିତ ହୋଇ ଏହି ଆଇନର ଯେ କୌଣସି ସଂଶୋଧନ କରି ପାରିବେ କିନ୍ତୁ ନିଶାଧିକାରୀଙ୍କର କ୍ଷମତା ସଂକୋଚନ ନିଶ ଉପାର୍ଜନ ତଥା ନିଶର ଛିଣ୍ଣ ସ୍ଥିରୀକରଣ ବିଷୟକ କୌଣସି ପରିବର୍ତ୍ତନ ନିଶ କମିଶନଙ୍କ ବିନା ସୁପାରିସରେ କରାଯାଇ ପାରିବ ନାହିଁ ।

୧୪- ନିୟମାବଳୀ ପ୍ରଣୟନ ( Making of Rules )

ଏହି ଆଇନ ଅନୁସାରେ ସଂପର୍କିତ ନିୟମାବଳୀ ପ୍ରଣୟନ କଲାବେଳେ ରାଜ୍ୟର ୩ଟି ନିଶାଂଚଳରୁ ୩ଜଣ ବୟୋବୃଦ୍ଧ ନିଶୁଆ

ସଭ୍ୟ ଅବଶ୍ୟ ନିଆଯିବେ । କୌଣସି କୌଣସି ମହଲାଙ୍କର ଯଦି ନିଶାଖିଆର ସର୍ବନାଶ ସଂବାଦ ମିଳେ ତେବେ ତାଙ୍କୁ ବା ସେମାନଙ୍କୁ ନିଶୁଅନ୍ତର୍ଭୁକ୍ତ କରାଯାଇପାରିବ । ପ୍ରଣୀତ ନିୟମାବଳୀ ନିଶୋଡ଼ା ଗେଜେଟ୍ (Whiskerd Gazzette) ରେ ପ୍ରକାଶିତ ହେଲା ପରେ କାର୍ଯ୍ୟକାରୀ ହେବ ।

୧୪ । **ନିଷିଦ୍ଧାଞ୍ଚଳ**—( Forbidden zone ) ନଶ ଓ ନିଶୁଆ ମାନଙ୍କ ପାଇଁ ରାଜ୍ୟର ସମଗ୍ର ମହିଳା ଶିକ୍ଷାନୁଷ୍ଠାନ ନିଷିଦ୍ଧ ହେବ । ଯଦି କୌଣସି ନିଶୁଆ ଉକ୍ତ ଅନୁଷ୍ଠାନ ଭିତରକୁ କାର୍ଯ୍ୟୋପଲକ୍ଷେ ଯିବାକୁ ଚାହିଁବେ; ସେମାନେ ନଶ କମିଶନଙ୍କ ଅନୁମତି କ୍ରମେ ଯାଇ ପାରିବେ ।



# ଫଟାରସିକ କ୍ଲବ୍

ହସିବେ ଟିକଏ ପରେ, କଥାଟା ଶୁଣନ୍ତୁ ।

ଜାଗାଟା ଠିକ୍ ମନେରେଇ ହେଲାନି । ତଥାପି ବାଙ୍କାବଜାର ଧର୍ମଶାଳା ରାସ୍ତା ଦେଇ ବିନୋଦ ବିହାରୀ ଆଡ଼କୁ ଗଲେ ସେଇ ପାଖ ଆଖରେ କୋଉଠି ହେଲେ ସେ ଜାଗାଟା ପଡ଼ିବ । ନୁହେଁ ଘର, ନୁହେଁ ଦ୍ୱାର ନୁହେଁ ଅଫିସ-କଛି ନୁହେଁ । ଗୋଟେ ପାଖରେ ଜଗନ୍ନାଥ-ପୁରିଆ ଭଣ୍ଡାରୀ ଟୋକାର ଚୁଲକଟା ଦୋକାନ । ସେଇ ଘରଟାକୁ ମଝିରୁ ଦି'ଭାଗ କରାହୋଇଛି, କାଗଜର ମୋଟା ପଟି ଦିଆଯାଇ । ଏ ପାଖରେ ଖଣ୍ଡେ ଦୁଇଫୁଟରେ ଅଢେଇ ଫୁଟିଆ ଟେବୁଲ । ଖଣ୍ଡେ ଷୋଳ ଟଙ୍କିଆ ନୂଆ ଚୌକି, ଦିଖଣ୍ଡ ସାଦା କାଠ ଚପ୍ପାଇ । କାନ୍ଥ ଦେହରେ ଖଣ୍ଡେ ତିନ ବଳେଇ କେଲେଣ୍ଡର ଆଲମାରୀ ଅଭାବରେ ଖଣ୍ଡେ ଚା ପେଟି ଉପରେ ଦିଖଣ୍ଡ ନେଳିଆ ଫାଇଲ । ଦୁଆର ମୁହଁରେ ଓଡ଼ିଆରେ ଲେଖା ସାଇନ୍‌ବୋର୍ଡ-ଟିଣ ଉପରେ କଳାରଙ୍ଗରେ ଲେଖା 'ଫଟା ରସିକ କ୍ଲବ' । ସଞ୍ଜ ହେଲେ ଘଣ୍ଟାଏ ଖୋଲାଯାଏ, ତିନିଚାରି ଜଣ ବାବୁ ଆସନ୍ତି । ବାବୁ ମାନେ ଭିତରେ ବସିଲା ମାତ୍ରେ ପାଖ ଚା ଦୋକାନର ଟୋକା ଦୁଆର ମୁହଁରେ ଖଣ୍ଡେ ମାର୍କିନ କପଡ଼ା ଟଙ୍ଗେଇ ଦେଇ ଯାଏ । ଦି' ତିନି କାପ ଚା ଆଣି ଦିଏ । ବଣ୍ଡିଲଏ ଗାନ୍ଧୀ ମାର୍କା ବିଡ଼ି

ଦେଇଯାଏ । ଏତିକି କାମ କରେ ମାସକୁ ମାସ ଗୃବେଟି ଟଙ୍କା ପାଏ । ଦରମା ବହିରେ ଛତିଶ ଟଙ୍କା ଦସ୍କତ୍ କରିଦିଏ ଟିକଟ୍ ମାରି ।

ଯୋଉ ମାନେ ସାହିତ୍ୟ ବିଷୟରେ କିଛି ହେଲେ ଜାଣନ୍ତି, ସେମାନେ କହନ୍ତି ଯେ ସେଠି ସାହିତ୍ୟରୁ ରସ ଚିପିଡ଼ା ହୋଇ ସୁବିଧା ଦରରେ ଗରାଖ ମାନଙ୍କୁ ଦିଆଯାଏ । ସାହିତ୍ୟର ରୋଗ, ସଂପାଦକ ମାନଙ୍କର ହେଙ୍କେଇତି, ପ୍ରକାଶକ ମାନଙ୍କର ଚୋର-ବଜାର, ତାର ପ୍ରତିକାର ଏ ସବୁ ବିଷୟରେ ସେଠେଇଁ ବିଚାର ହୋଇ ଫଏସଲା ହୁଏ । କ୍ଲବର ମେମ୍ବର ବେଶୀ ନୁହନ୍ତି । ଯାଇତାଇ ଲୋକ ମେମ୍ବର ହୋଇ ପାରିବେନି । ଅସଲି ସାହିତ୍ୟିକ ଓ ଫଟାରସିକ ନହେଲେ ସେଠି 'ପ୍ରବେଶ ନିଷେଧ' ।

ଇମିତି ଚାଲିଗଲା ବର୍ଷେ । ଦିନେ ହଠାତ୍ ଜଣା ପଡ଼ିଲା ଯେ ଫଟାରସିକ କ୍ଲବ୍ କିଛି ଗୋଟାଏ ଯୋଗାଡ଼ରେ ଅଛି । କଥାଟା ଭିତରେ ଭିତରେ ଚପି ଚପି ଚାଲିଥିଲା । ଦିନେ ଚା ଦୋକାନରେ କଥାଟା 'ଫୁଟ୍' ହୋଇଗଲା । ଯୋଉ ଟୋକା ପିଅନ କାମ କରେ ଏଣେ ଚା ଦୋକାନରେ ଚା ଦିଏ ସେଇ କହି ପକାଇଲା-ପ୍ରେମଚନ୍ଦ ଭବନରେ ବଡ଼ ମିଟିଂ ହେବ-ମନ୍ତ୍ରୀ ଆସିବେ, କଂଗ୍ରେସ ଆସିବ ମଠେରରେ । ଦି'ଜଣ କଲଟେଖ ମୋହରର ଚା ଖାଉଥିଲେ । କଂଗ୍ରେସ ନାଁ ଶୁଣି କହି ପକେଇଲେ 'ହଁ' ଚାଉଳ କଲେ ୨ଟଙ୍କା କଲେଣି ଆଉ ଆସିକରି ଠେକିବେ । ତାଙ୍କୁ ଡାକି ଆଣି ବେକରେ ଫୁଲମାଳ ପିନ୍ଧେଇ ମାଲ୍ ଝଡ଼େଇବା କଥା' ।

କୋଉମାନଙ୍କୁ ନେଇ ଫଟାରସିକ କ୍ଲବର ସଭା ପ୍ରେମଚନ୍ଦ ଭବନରେ କରାଯିବ ସେ ବିଷୟରେ ବେଶ୍ ଘମାଘୋଟିଆ ଚାଲିଲା । ସଭା ଶେଷରେ ବହୁ ମତରେ ସିଦ୍ଧାନ୍ତ ହେଲା ଯେ କେବଳ ଖଦର

କାଗଜରେ ପ୍ରକାଶ କରାଇ ପାରିଲେ ବକ୍ତୃତା ଦେଲା ବାଲା ବଳେ ବଳେ ପହଞ୍ଚିଯିବେ । ଟିକସ ବୃଦ୍ଧି ପ୍ରତିବାଦ ସଭା; ଶିବାନନ୍ଦ ଜୟନ୍ତୀ; ପୋଲିସ ଜୁଲମ ପ୍ରତିବାଦ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ ମେଟ୍ରିକ୍ ଫେଲ୍ ସଂବର୍ଦ୍ଧନା ପରିବାର ନିୟନ୍ତ୍ରଣ ସପ୍ତାହ; ବାମ-ପନ୍ଥୀ କମ୍ୟୁନିଷ୍ଟ ସଭା ଫଳପୁଷ୍ପ ପ୍ରଦର୍ଶନୀ; ମେହେନ୍ତର ଧର୍ମଘଟ ଇତ୍ୟାଦି ସଭାକୁ ଯାଇ ଯୋଉମାନେ ନିୟମିତ ଭାବେ ବକ୍ତୃତା ଦିଅନ୍ତି ସେମାନେ ନିଶ୍ଚୟ ଯିବେ—ଆଦୌ ଡେରି କରିବେ ନାହିଁ । ସର୍ବଜନାଦୃତ ସାରୁ ପତ୍ରିକା ସବୁଠାରେ ହିଁ ମିଳିବ । ତେଣୁ ତାହାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ ନକରିବା ସ୍ଥିର ହେଲା ।

ସେ ଦିନ ସକାଳୁ ଫଣ୍ଟାରସିକ କ୍ଲବର ଯୋଖଡା ମେମ୍ବର ମାନେ ମ୍ୟୁନିସିପାଲିଟି ଜମାଦାର ପାଖକୁ ଦୌଡ଼ିଲେ । ଜମାଦାର ଫକୀର ମିଆଁ ପୁରୁଣା ଲୋକ । କୁର୍ତ୍ତା ପିନ୍ଧା ବାବୁମାନଙ୍କର ଦୋଉଡ଼ଟାକୁ ଦେଖି ସବୁ କଥା ବୁଝିନେଲା । ସେଇ ଅଧଘଣ୍ଟେ ଭିତରେ ପୁଞ୍ଜାଏ ମେହେନ୍ତର ଆସି ଲାଗିଗଲେ କାମରେ । ପ୍ରେମନନ୍ଦ ଭବନ ଚାରିପାଖଟା ଏକା ଥରକେ ସଫେଇ ଓ ଧୁଲେଇ କରି ଦିଆଗଲା । ମିନିଷ୍ଟର ଆସିବେ, କଂଗ୍ରେସ ନେତା ଆସିବେ, ମିଟିଂ ହବ, ତେଣୁ ଯେଗାଠାକୁ ଆଚ୍ଛାକରି ସଫେଇ କରିବାକୁ ଅର୍ଡ଼ର ଅଛି ବୋଲି ଜମାଦାର ରାସ୍ତାଗଲା ଲୋକଙ୍କୁ କଡ଼ା କରି ଶୁଣେଇ ଦେଉଥାଏ । ନାଳୁଆରେ ଯେତେସବୁ ମାଲ ଥିଲା ସେଗୁଡ଼ାକ ଉପରକୁ କଢାଯାଇ ସାରା ନାଳୁଆ ଓ ତତ୍ସନ୍ନିକଟବର୍ତ୍ତୀ ଅଂଚଳରେ ସୁବାସିତ ମଶକ-ବିନାଶିନୀ-ତୈଳ ଢାଳି ଦିଆଗଲା । ସ୍ୱାସ୍ଥ୍ୟ ପାଇଁ ସଫାସୁତୁରା ନିହାତି ଦରକାର ବୋଲି ସତେ ଯେପରି ମ୍ୟୁନିସିପାଲିଟି ଜମାଦାର ଫକୀର ମିଆଁ ସମଝିଥିଲା । ସଫାସୁତୁରା କାମ ସାରିବାପରେ ଚାରିଜଣ ମେହେନ୍ତର ଜଣକେ ପନ୍ଦରନୂଆ

ହମାନେ ମୋଟ ଷାଠିଏ ନୂଆ ଏବଂ ଫକୀର ମିଆଁ ଜମାଦାର ପଇଁଚିଶ ନୂଆ ଗାଏମୋଟ ଟଙ୍କାଏ କମ୍ ପାଂଚ ନୂଆ ଅଣ୍ଟାରେ ମାରି କେ ଦାଳ କାନ୍ଧରେ ପକାଇ ଡଉଟିକୁ ଚାଲିଗଲେ ।

ସଂଧ୍ୟା ବେଳକୁ ପ୍ରେମବୃନ୍ଦ ଭବନ ହୁଲ ସ୍ଥୂଲ ହେଉଥାଏ । ସାହିତ୍ୟ ଆଲୋଚନା ଶୁଣିବା ଲାଗି ଶହେ ଖଣ୍ଡ ଟିଣ ଚୌକି, ଦୁଇ ଖଣ୍ଡ ଟେବୁଲ, ପାଞ୍ଚମୂର୍ତ୍ତି ମୁନସପାଲଟି ଶାଳଗ୍ରାମୀ କୁକୁର ଆସି ସାରିଥାନ୍ତି । ସାଧାରଣତଃ କୁକୁରମାନେ ସାହିତ୍ୟ ସଭାକୁ ଯାଇ ନବାଣ ହୁଅନ୍ତି । ସାହିତ୍ୟ ସଭାରେ ବୃନ୍ଦା ଆଦାପୂ ଜଣା ହୋଇ ଥିବାରୁ ଗରମ ଚା' ମୁଣିଆ ବିସ୍କୁଟ ଓ ଗାଣ୍ଡିଆ ଧୈର୍ଯ୍ୟ ଛଡ଼ା ବେଶୀ କିଛି ମିଳେନା । ଯୋଉ କେତେଜଣ ପେଟ ବିକଳିଆ ସାହିତ୍ୟିକ ସଭାକୁ ଉପାସଥାଇ ପେଟପୁରା ଖାଇବା ଆଶାରେ ଆସିଥାନ୍ତି ସେମାନଙ୍କ ପାଟିରୁ କିଛି ବାହାରିବାର ଦେଖାଯାଏ ନାହିଁ । ଅଣ୍ଡିଆ କୁକୁରମାନେ ହୋଟେଲ ପୁଡ଼ି ଆଦୌ ପାଆନ୍ତନି । ନିର୍ଲଜ୍ଜ ଭାବରେ କିଛି ମିଳିବା ଆଶାରେ ମାଈ କୁକୁରମାନେ ବାରଣ୍ଡାରେ ମୋଡ଼ି ମାଡ଼ି ହୋଇ ପଡ଼ିଥାନ୍ତି । ସେ ଦିନ ପ୍ରେମବୃନ୍ଦ ଭବନ ବାରଣ୍ଡାରେ ଯେଉଁ ପାଞ୍ଚମୂର୍ତ୍ତି ଶାଳଗ୍ରାମୀ କୁକୁର ଥିଲେ ସେମାନେ ସମସ୍ତେ ସାହିତ୍ୟ ପ୍ରତି ଅନୁରକ୍ତ ଥିବାର ପ୍ରମାଣ ସେମାନଙ୍କର ଆଖିବୁଜି ଶୋଇବାରୁ ଅନୁମାନ କରି ଯାଇଥିଲା ।

ପ୍ରେମବୃନ୍ଦ ଭବନର ସଂଧ୍ୟା ସେତେବେଳକୁ କହଳିଆ ହୋଇ ଚାରି ପାଖରେ ନେସିହୋଇ ଗଲାଣି । ସମସ୍ତେ ପୁରାପୁରି 'ରେଡି' ହୋଇ ଗଲେଣି । ଠିକ୍ ପାଞ୍ଚଟା ପଞ୍ଚାବନ ମିନିଟ୍‌ରେ ସଭାକାର୍ଯ୍ୟ ଆରମ୍ଭ ହେବାର ଥାଏ । ସଭାରେ ତାଳି ମାରିବା ପାଇଁ ଜଣକେ ପାଁ ସୁଜିକା ଲେଖାଏଁ ଟିପିଣି ଖରଚ ଦିଆଯାଇ ଚାରିଜଣ ଟୋକାଙ୍କୁ

ଆଣି ଦିନ ସାଢ଼େ ଦୁଇଟା ବେଳରୁ ବସେଇ ରଖାଯାଇ ଥାଏ । ତେଲଙ୍ଗା ବଜାରର ବିଖ୍ୟାତ ଚେମାନ୍ନା ହୋଟେଲର ସର୍ବପ୍ରଥମ ପରିଚାଳକା ଓରଫ ପରିଷ୍କାରିକା ଶ୍ରୀମତୀ ସୁଲବେଓ୍ୱାଙ୍କର ଶୁଭଶଂଖ ବାଦନ ହେବାମାତ୍ରେ ଫଣ୍ଟା ରସିକ କ୍ଲବର ସେଦିନର ଅଧିବେଶନ ଆରମ୍ଭ ହେଲା । ଆଜାଦ୍ ହିନ୍ଦ ଫୋଟୋ ସର୍ଭିସର ମାଲିକ ଓ ପାର୍ଟନର ଓରଫ କେମେରାମେନ ଓରଫ ପ୍ରେସ ଫୋଟୋଗ୍ରାଫର ରହମତ ମିଆଁ କାନ୍ଧରେ ଷ୍ଟେଜବାଲଶ ଟଙ୍ଗିଆ କେମେରା ଖଣ୍ଡେ ପକେଇ ହଲବାରେ ଲାଗିଥାନ୍ତି । ଭିତରକୁ ପଶିଆସିଲେ ହରିଷ୍ୟାନ୍ନ ମା'ପାତ୍ର ଖଗେନ ବେହୁରିଆ, ସତ୍ୟଶୌରି ରାଉତରା, କଣ୍ଟ ଫିଂ ଫପିସ୍ । ସେମାନଙ୍କର ଗତି ଫଟୋଗ୍ରାଫର ସାମନାରେ ଏକାନ୍ତ ଶିଥିଳ ହୋଇଗଲା-ଠିକ୍ ଯେପରି ବାହାଘର ପର ଯୁଅ କୋଉଡ଼ି ଖେଳରେ ବରହାତରେ କନ୍ୟାହାତ ବାଜିଲେ ହାତଟି ଆସ୍ତେ ମୁକୁଳି ଯାଇ କଉଡ଼ି ଗଣ୍ଡାକ କନ୍ୟାହାତକୁ ଚାଲିଯାଏ । ସମସ୍ତଙ୍କ ମୁହଁରେ ହସ ବୋଲି ହୋଇଗଲା । ରହମତ ମିଆଁ ଫଟୋ ଖେଂଚିଲେ, ବାଜିଲା ତାଳି । ରିକସାବାଲା, ମୁନିସିପାଲିଟି ବଣ୍ଟାବାଲା, ଘର ଫେରନ୍ତା ବୋଝ ମୁଣ୍ଡିଆ ପଢ଼ିବା ବାଲାର ମାସରେ ଦେଢ଼ଥର ପ୍ରକାଶ ପାଉଥିବା ସମ୍ବାଦ ପତ୍ରର ଦୁଇଜଣ ପ୍ରତିନିଧି ଠିଆ ହୋଇଥାନ୍ତି । ତଥାପି ତାକୁ ସାହିତ୍ୟ ସଭା କରିବାକୁ ହବ । ପଙ୍ଖା, କଣ୍ଟା, ଟେବୁଲ୍ ଚେୟାର, ଫୁଲଦାନୀ, ଘର ସବୁଅଛି । ଆଜିର ବ ଛୁପା କାଗଜ ବଣ୍ଟାହୋଇ ଖବର କାଗଜରେ ଆଉଟ ହୋଇଛି । ସଭା ହେବା ଜାଣି ୪ ଜଣ ବକ୍ତା ତିନିଘଣ୍ଟା ଆଗରୁ ସାମନା ସିଟ୍‌ରେ ବସି ରହିଛନ୍ତି । କଦଳୀପତ୍ର ଖଣ୍ଡିକରେ ପୁଡ଼ିଆ ହୋଇ ନମସ୍କେଜଜରୁ ଅଣା ହୋଇଥାଏ ବାସଙ୍ଗ, ଗେଣ୍ଡୁ ଓ କାଠ ଚମ୍ପଟ ଫୁଲର ବାଷଠି ପଇସିଆ ଗଜରହାର ସେଇ ହାରଖଣ୍ଡିକୁ ଲମ୍ବାଇ ଦିଆ

ଗଲା ସଭାପତି କବସିଂଙ୍କ ଗଳାରେ । ଖଇଭଜା ବେଳେ ଅଳ୍ପ କେଇଟା ଧାନ ଯେପରି ଗରମ ବାଲି ଉପରେ ଫଟ୍‌କମାର ଡିଆଁ ଡେଇଁ ଭରନ୍ତି ସଭାପତିଙ୍କ ଫୁଲମାଳ ପିନ୍ଧିବାରେ ଠିକ୍ ସେହିପରି ତାଳି ଫଟ୍‌କା ବାଜିଲା । ଚଷମାଟାକୁ ଅଖି ସାମନାକୁ ଆଣି ଟିକଏ ଠୁକେଇ ଦେଇ ସଭାପତି ବା ହାତଟାକୁ ଅଳ୍ପ ଉପରକୁ ଟେକିଲେ, ତାଳି ବନ୍ଦ ହେଲା ।

ସଭାପତି ଚାହିଁଲେ ସାମନାକୁ । ଅନୁମତି ନେଇ ଆରମ୍ଭ କଲେ ହବିଷ୍ୟାନ୍ନ ମହାପାତ୍ର ।

ଫଁଟାରସିକ କ୍ଲବ୍ ତରଫରୁ ଜାତି ଓ ସଂସ୍କୃତି ଉଦ୍ଦେଶ୍ୟରେ ମୁଁ ପ୍ରଣିପାତ କରୁଛି । ଖୋଜିବାକୁ ହେବ କାହିଁକି ଆଜି ଏ ଜାତିର ସାହିତ୍ୟ-ରଥୀରଣୀଙ୍କ ଅଭିଶପ୍ତ ହୋଇଛି । କାଠି କଲମ, ପକ୍ଷୀ କଲମ, ହେଣ୍ଡଲ୍ କଲମ, ଫାଉଣ୍ଟେନ କଲମ ସବୁର ଜନ୍ମସୂତ୍ରେ ଆମେ ଯେଉଁ ନିଛକ ସାହିତ୍ୟ ସୃଷ୍ଟି କରୁଁ ପ୍ରକାଶକ ତାକୁ ପ୍ରାଣାନ୍ତକ ଉପହାସ କରେ । ସେ ଖୋଜେ ଲାଭ, ସେ କରେ ଲୋଭ । ସାହିତ୍ୟ ସୃଷ୍ଟି କରି କବି ଓ ଲେଖକ ଅର୍ଧଭୁକ୍ତ ହୋଇ ଅବହେଳାରେ ତିଳ ତିଳ ଜର୍ଜରିତ ହୁଏ କିନ୍ତୁ ପ୍ରକାଶକ ଦ୍ୱିତଳ ପ୍ରାସାଦରେ ଆଭିଜାତ୍ୟର ସ୍ୱପ୍ନ ଦେଖେ, କାହିଁକି ? କିଏ ପ୍ରଶ୍ନର ଉତ୍ତର ଦେବ ?

କାଣ୍ଡୈବଗ କରାଣ୍ଡି ମାଷ୍ଟରକୁ ନିରେଖେଇ ଚାହିଁବା ପରେ ସଭାପତି ଜବ ସିଂ ଫପିସ୍ ଆଗକୁ ଚାହିଁଥାନ୍ତି । ସତେ ଯେପରି ସେ ଗଭୀର ଧ୍ୟାନମଗ୍ନ । ସଭା ଆରମ୍ଭ ବେଳେ ଯେଉଁ ତିରିଶ ଜଣ ଲୋକ ଥିଲେ ତାହା ଭିତରୁ ସାତ ଜଣ ବସି ଲଗେଇଲା ବାଲା ସେତେବେଳକୁ ଚାଲିଗଲେଣି । ଚାରିଜଣ ତେଲଙ୍ଗା ରକ୍‌ସାବାଲା ପିଙ୍କା ବଜାଇବାରେ

ଲଗିଥା'ନ୍ତି । ପଛଆଡ଼ୁ ସିଗାରର ଧୂଆଁ କୁଣ୍ଡଳିଆ ଗନ୍ଧରେ ଉପରକୁ ଉଠିଲା । ପୁଣି ଆରମ୍ଭ କଲେ ହରିଷ୍ୟାନ୍ନ ମହପାନେ ଧୂଆଁକୁ ଲକ୍ଷ୍ୟ କରି । 'ମୋ' ମନର ଅସନ୍ତୋଷ ଠିକ୍ ଏଇ କୁଣ୍ଡଳୀକୃତ ଧୂଆଁ ଭଳି ଏ ଦେଶର ସାରା ସାହିତ୍ୟ ସମାଜକୁ ଗ୍ରାସ କରିଯିବ । ମୁଁ ଯଦି ବୁଝାଇ ଦେବି ଆପଣମାନେ ଠିକ୍ ଜାଣି ପାରିବେ ସାହିତ୍ୟ କ୍ଷେତ୍ରରେ କବି ପ୍ରତିଭାକୁ କିପରି ତିଳ ତିଳ କରି ହତ୍ୟା କରାଯାଇଛି, କରାଯାଉଛି । ତିରିଶ ବରଷ ତଳେ ଯେତେ-ବେଳେ ଓଡ଼ିଆ ଜାତିର ଅସ୍ତିତ୍ୱ ଉପକୂଳବର୍ତ୍ତୀ ଜିଲ୍ଲାରେ ସୀମା-ବଦ୍ଧ ଥିଲା ସେତେବେଳେ ଏକମାତ୍ର ଉପନ୍ୟାସକାର ଥିଲେ ହନୁ-ମାହାନ୍ତି । ପ୍ରକାଶକ ମାନେ ଆଧୁନିକ ଯୁଗର ଆହ୍ୱାନକୁ ଗ୍ରହଣ ଓ ଶ୍ରବଣ ନକରି ଏବେ ମଧ୍ୟ ଯଦି ହନୁମାହାନ୍ତିଙ୍କ ଉପନ୍ୟାସକୁ ପ୍ରଥମେ ପ୍ରକାଶ କରନ୍ତି ତେବେ ପରିମାଣ କଣ ହେବ ? ଯୋଗୀ-ନାଥ ମାହାନ୍ତିଙ୍କର ବହିର ଦାମ ଦଶଟଙ୍କା ହେଉଛି, କିନ୍ତୁ ନୂଆ ଲେଖକର ବହିକୁ ଦଶ'ଣା ଦାମରେ ଛାପି ଦେବା ପାଇଁ ପ୍ରକାଶକ ରାଜି ନୁହଁନ୍ତି । ଯିଏ ଦଶଟଙ୍କିଆ ଉପନ୍ୟାସ କିଣୁଛି ସେ ଯଦି ବରଂ ଓଟରୁମିଆ କମଳ ଖଣ୍ଡେ କିଣନ୍ତା ତେବେ ଦଶୋଟି ବର୍ଷ ଶୀତରୁ ରକ୍ଷା ପାଇ ପାରନ୍ତା । ସାଲନ୍ଦୀ ନଦୀ ଗର୍ଭରେ ଶୀଲଭଦ୍ରନେ ଯଦି ତମାଖୁ ଚାଷ କରାଯା'ନ୍ତା ବରଂ ଭଲ ହୁଅନ୍ତା କିନ୍ତୁ ପାଞ୍ଚଁଶ ପଟ୍ଟନାୟକଙ୍କର ଫେସବତୀ କନ୍ୟା ଗୁପାହୋଇ ପାଠକ ମହଲରେ କି ଅପକାର କରୁଛି ତାହା ଅନୁସଂଧାନ ଯୋଗ୍ୟ । ଲୋକମାନେ କନ୍ୟାର ଫେସନର ଚଳନଦେଖି ବହି କିଣୁଛନ୍ତି ବା ଲେଖକଙ୍କର ନମ୍ରତା ମୁହଁକୁ ଦେଖି ବହି କିଣୁଛନ୍ତି ତାହା ଜାଣି ହେଉନି । ଏ ପ୍ରକାର ଲେଖକମାନଙ୍କୁ ଆଜ ମୁଁ ଫଣ୍ଟାସିକ କ୍ଲବ୍ ତରଫରୁ ସତର୍କ କରାଇ ଦେଉଛି' ।

'ନା ବନ୍ଧୁ, ଦରକାର ନାହିଁ, ନିଷ୍ପ୍ରୟୋଜନ, ( Not necessary ) ! ବିଂଶ ଶତାବ୍ଦୀରେ ଯେତେବେଳେ ବିଶ୍ୱର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ବ୍ୟକ୍ତି ସ୍ୱାଧୀନତାର ଜୟ ଜୟ-କାରରେ ଗଣତନ୍ତ୍ର ଓ ମାନବିକ ମୂଲ୍ୟବୋଧ ଭିତରେ ସାହିତ୍ୟ ଜୀବନ୍ତ ଓ ଶକ୍ତିମନ୍ତ ହୋଇଛି । ସେତେବେଳେ ଲେଖକ ଉପରେ ଆଉ ହସ୍ତକ୍ଷେପ ବା 'ଅବରୋଧ'ର ପ୍ରଶ୍ନ ନାହିଁ' । ଗୁରୁଗମ୍ଭୀର ସ୍ୱରରେ ଘୋଷଣା କଲେ ସଦ୍ୟ ଶୌଚ ଗଜଭୂଷ । ତାଙ୍କର ଲମ୍ବା କଥାର ମଝିଆ ମଝି ବେଳକୁ ସଭାପତିଙ୍କୁ ମିଶାଇ ସର୍ବମୋଟ ତିନିଜଣ ଏକାଗ୍ରଚିତ୍ତରେ ଭାଷଣ ଶୁଣୁଥାନ୍ତି । ମୁହଁ ସାମାନ୍ୟ ଉପରକୁ ଟେକି ପୁଣି କହିଚାଲିଲେ ରଜଭୂଷ 'ଲେଖକ ନୁହେଁ-ପ୍ରକାଶକକୁ ପଚାର' ପ୍ରୁଡେଣ୍ଟ ଷ୍ଟୋରକୁ ଫୋନ କର, ଟ୍ରେଣ୍ଡ ପବ୍ଲିଶରକୁ ଡାକେଇ ଆଣ ଏଠିକି, କବିଗ୍ରାମ ମହାପାତ୍ରକୁ ଘେରେଉ କର, ଜଗନ୍ନାଥ ରଥକୁ ପରିଷ୍କାର ଭାବେ କୈଫିତ ମାଗ । ପୁରୁଣାଙ୍କ ଯେତେ ବହି ଅଛି ସବୁକୁ ଜବରଦସ୍ତ ମ୍ୟୁନିସିପାଲିଟି ଗୋଦାମକୁ ପଠାଇ ଦିଅ, ନୂଆ ଲେଖକଙ୍କର ଲେଖାରେ ଘର ବାହାର ଗଳି କନ୍ଦି, ଦୋକାନ ବଜାର ଭରିଦିଅ । ଆଇନ କରି ପ୍ରକାଶକଙ୍କୁ ବାଧ୍ୟକର-ସେମାନେ ଯେପରି ଶତକଡ଼ା ସତୁରି ଭାଗ ନୂଆ ଲେଖକଙ୍କ ବହି ନିଶ୍ଚୟ ପ୍ରକାଶ କରିବେ । ପୁରୁଣା କଣ ଭାରି ବାହାଣିଆ । ନୂଆ କଣ ନିଆଁରେ............. ।'

ସେତେବେଳେ ଖଗେନ୍ ବେଉରିଆ ଅଧେଠିଆ ହୋଇ ସାରିଥିଲେ । ଏଥର ଆଉ ସମ୍ଭାଳା ହୋଇ ପାରିଲେ ନାହିଁ ପୁରା ଉଠି ପଡ଼ିଲେ । ଦୁଇଟା ଯାକ ହାତକୁ ଗୁଣ୍ଡି ଉପରେ ଛକି ପକେଇ ଦେଇ ଗଳାଖଙ୍କାରି ସଂଯୁକ୍ତ ବକ୍ତୃତା ଆରମ୍ଭ କଲେ ।

'ଭାବ ଶବ୍ଦ, ଯୋଗ ସମଷ୍ଟି, ଖୁବ୍ ଚିନ୍ତା କରି ପଦକ୍ଷେପ ନେବାକୁ ହେବ । ବୁଝିଲ ବଂଧୁଗଣ । (ଅବଶ୍ୟ ମଞ୍ଚରେ ସର୍ବମୋଟ ୩ ଜଣ ଥାନ୍ତି, ପ୍ରେମଚନ୍ଦ୍ର ଭଜନର ଚୌକିଦାର କେବଳ ସଭାପତିଙ୍କ ମୁଣ୍ଡ ଉପର ବତିଟା ଛଡ଼ା ଅନ୍ୟ ସବୁ ବତି ଲିଭାଇ ଦେଇ ଯାଇଥାଏ । ତଥାପି ଏ ପ୍ରକାର ବକ୍ତୃତା ଚାଲିଥାଏ) ପ୍ରକାଶକ ହେଉଛି ପଲାସ ଫୁଲ । ତାର ରୂପ, ରଙ୍ଗ ଅଛି, ତରଙ୍ଗ ଅଛି, ଠିକ୍ ଅଛି, ମୁହଁ ବଙ୍କା କରି କଥା କହିବାର ଅଧିକାର ବି ଅଛି । କିନ୍ତୁ ରୂପରୁ ରସ ଗ୍ରହଣ କରିବାର କ୍ଷମତା ନାହିଁ । ତାର ରଙ୍ଗରେ ଆମେ ଠାଣି ହୋଇ ଯାଉଁ । ଦୋଷ ତାର ନୁହେଁ-ଦୋଷ ଆମର । ଆମେ ଲେଖକ, କବି, ସାହିତ୍ୟିକ ଓ ସମାଲୋଚକଙ୍କୁ ଡାକିବା-ଆଦର୍ଶ ସ୍ଥିର କରିବା । ପ୍ରକାଶକ ଆମର ଆଦର୍ଶକୁ ଗ୍ରହଣ କରିବାକୁ ବାଧ୍ୟହେବ । ସମ୍ମୁଖ ସାହିତ୍ୟ ସମିତି ଯେପରି ଓଡ଼ିଆ ସାହିତ୍ୟରେ ଆପଣାର ସ୍ଥାନ ସୁରକ୍ଷିତ କରିଛି ଠିକ ସେଇପରି ଫଟାରସିକ କ୍ଲବ ଉଦ୍ୟମ କରିବ । ଗୋପିନାଥ ଓ ହରି ମାହାନ୍ତି ନାଳନ୍ଦା ପାଣିଗ୍ରାହୀଙ୍କ ଅମଳ ସରିଲା, ରାଜକିଶୋର ପଟ୍ଟନାୟକଙ୍କ କାଟତି ଆଉ ନାହିଁ-ଆମେ ଏଣିକି ସାହିତ୍ୟ କ୍ଷେତ୍ରର ନେତୃତ୍ୱ ନେବା । ଏକାଡେମୀ ଆମକୁ ହିଁ ମେମ୍ବର କରିବାକୁ ବାଧ୍ୟହେବ । କେବଳ ଧୈର୍ଯ୍ୟ ଧରିବାକୁ ହେବ । ପୁରୀ-ହାଓଡ଼ା ପେସ ଞ୍ଜର, ହାଓଡ଼ା ଷ୍ଟେସନରେ ପହଂଚିବାର ପନ୍ଦର ମିନିଟ ଭିତରେ ଯେପରି ଫାଙ୍କା ହୋଇଯାଏ ଠିକ ସେହିପରି ଫଟାରସିକ କ୍ଲବର ତିନିଜଣିଆ ସାଧାରଣ ସଭା କ୍ରମେ ମଉଳିଲା । ଖାଇବା ପିଇବା ମିଳିବାର ଆଶା ନ ଦେଖି ମାଛିକୁଣ୍ଡି ମାନେ ବହୁ ପୂର୍ବରୁ ନିକଟବର୍ତ୍ତୀ ହୋଟେଲ ବାରଣ୍ଡାକୁ ଚାଲିଯାଇ ସାରିଥାନ୍ତି ।

ସଭାପତି ଭାଷଣ ଦେଲେ କବର୍ଫି ଫିସ । ମେଘ ଗର୍ଜନ ସୁରରେ ଆରମ୍ଭ ହେଲା ବକ୍ତୃତା ।

'ସବୁଠାରୁ ବଡ଼ ବେକେଣ୍ଟ ହେଉଛି ପତ୍ରିକା ସମ୍ପାଦକଙ୍କର । ପତ୍ରିକା ତିନି ମାସରେ ଥରେ ଛପା ହୋଇ ଥାଉ ପଛକେ, ମାତ୍ର ଦୁଇଶହ ପଚାସ୍ତରି ଜଣ ଗ୍ରାହକ ସେ ପତ୍ରିକା ପଢ଼ୁଥାନ୍ତୁ ପଛକେ, ଲେଖା ଖଣ୍ଡେ ପ୍ରକାଶ କରାଇବା ପାଇଁ ସମ୍ପାଦକ ପାଖକୁ ପଚାଶ ଥର ଦୋଉଡ଼ ଦୋଉଡ଼ି ଚଟି ଛିଣ୍ଡାଇବାକୁ ହୁଏ । ନୂଆ ଲେଖକ ତରୁଣ ଲେଖକ ଓ ଅନାଦୃତ ମାନଙ୍କର ଲେଖା ଅଲବତ ପ୍ରକାଶ କରାଯାଉ-ନହେଲେ ଅନଶନ ଘେରାଉ, ନକସଲ କାଣ୍ଡ, ଘୋଡ଼ା ଚୋଡ଼ । ଉପନ୍ୟାସ ଲେଖକ ମାନେ ଉଞ୍ଜାପୁରୀୟ ନାୟିକ' ଚନ୍ଦ୍ର କୃଷ୍ଣ ବୁଡ଼ାର ହସ, ମହାନଦୀର ଜନ୍ମବୃତ୍ତ ଉପରେ କୌଣସି ଲେଖା ଲେଖି ପାରିବେ ନାହିଁ । ଯଦି ସେ ପ୍ରକାଶ ଲେଖା ଛପା ଯାଏ ଓ ବନ୍ଦି ହୁଏ ତେବେ ତାକୁ ଗୋଟାକୁ ଗୋଟା ଫୋପାଡ଼ ଦିଅ । ବଜ୍ର-କବାଟିର ନର୍ଦ୍ଦମା, ଖାନନଗର ମଶାଣି ତୁଳସୀପୁର କଲୋନୀ କଲେଜ ଛକର ଟପ୍‌ଲେସ ବାଉଟି ବିଷୟରେ ଉପନ୍ୟାସ କବିତା ଏକାଙ୍କିକା ଲେଖ । କଟକ ମେଡ଼ିକାଲ ଓ କୃଷ୍ଣଚୂଡ଼ା ବିଷୟରେ ଗବେଷଣା କରି ଆଧୁନିକ ଓଡ଼ିଆ ସାହିତ୍ୟର ମୋଡ଼ ବଦଳାଅ । ଫଣ୍ଟାରସିକ କ୍ଲବକୁ ସମୃଦ୍ଧ କରି ସାହିତ୍ୟର ନୂତନ ଦିଗନ୍ତର ସନ୍ଧାନ କର-ଅଲବତ କର ।


ସଭାପତି ନିଜେ ପିଟିଲେ ତାଳି ॥ ବୃଦ୍ଧଜଣ ଉଡ଼ାଟିଆ ତାଳି ମାରିଲା ବାଲା ବାଜେଇଲେ ତାଳି ଉପରେ ତାଳି ॥ ପ୍ରେମଗ୍ରନ୍ଥ ଭବନ ଘୋ ଘୋ କଂପିଲା ।

'ତାଳି ନୁହେଁ ଭାଇ ଗାଳି ଦରକାର । ଆତ୍ମ-ସମାଲୋଚନା ଓ ନିରୀକ୍ଷା ଦରକାର । ଗାଳି ହିଁ ଆତ୍ମଶୁଦ୍ଧି ଆଣି ଦେବ । ଖାଲି ଗାଳି ନୁହେଁ-ସମାଲୋଚକର ଆଭିମୁଖ୍ୟ ନେଇ "ବୋଲ ଭାଇ ଫଣ୍ଟାରସିଁ କ କ୍ଲବ-ଜିନ୍ଦାବାଦ" ॥

ଖଡ୍ଗପ୍ରସାଦ ହାଟରୁ ଜଣା ହୋଇ ଆସିଥିବା ହତ୍ତାଙ୍କ ପଛରେ ନେପାଶୀମାନେ ଯେପରି ଦୋଉଡ଼ ଥାନ୍ତି ଠିକ ସେଇପରି ଭଣ୍ଡାନିଆ ଛାନଆ ମାନେ ଛାଲ ପିଟିବାରେ ଲାଗିଥାନ୍ତି । ବାହାର ରାସ୍ତା ଶ୍ମଶାନ-ଚୋଉଜଦାର ଟୁଲ ଖଣ୍ଡକ ଉପରେ ବସି ଢୁଳାଉ ଥାଏ ।

ସମସ୍ତଙ୍କ ଜାଣିବାରେ ସେଇଟା ଥିଲା 'ପଞ୍ଚାରସିକ କ୍ଳବ'ର ସାହିତ୍ୟ-ମଜଲିସର ଆରମ୍ଭ ଓ ଶେଷ ।

—o—



# ହଗୁରାନ୍ନା ଦହିବରା

ଠିକ୍ ସେଇ ଜାଗା । ଯୋଉ ଜାଗାରେ ସିନେମା ହାଉସ୍ ତିଆରି ହେବା ନହେବା କଥା ଉପରେ ଟାଉନ୍ ସାରା ହୋ ହଲ୍ଲା ଚାଲିଚି । ଅନପୂର୍ଣ୍ଣା ଥିଏଟର ଏପାଖ ମୁଣ୍ଡରୁ ସ୍ନେହଦ ହାତ ଏ ପାଖୁ ପରକ୍ଷତ ସିନେମା କାନ୍ଥି କଡ଼ରୁ ପାଞ୍ଚହାତ ସେପାଖୁ-ବେଶ ସେଇ ଜାଗାରେ ପୋଖରୀ ଗୋଟେ ଥିଲା । ହଁ-ଠିକ୍ ସେଇଠି । ଆଜକୁ ଏଗାର ବର୍ଷ ତଳର କଥା । ଜାଗାଟା ଖାଲୁଆ ଥାଏ । ସୁତାହାଟ, ବକ୍ସି-ବଜାର, ପେନସନ ଲାଇନର ସବୁ ପାଣି ଗଡ଼ିଆସି ସେଇ ପଡ଼ିଆରେ ପଡ଼େ । ରାସ୍ତା କଡ଼କୁ ଥାଏ ହଗୁରାନ୍ନା ଦୋକାନଟା । ପୋଖରୀର ପାଣି ନହାଣ ନାସନା, ଅପରିଚ୍ଛନ୍ନଆପଣା ପଡ଼ୋଶୀଙ୍କର ଗାଧୁଆ ପାଧୁଆ, ଧୂଆ ପଖଳା ସବୁ ସେଇଥିରେ ଚଳେ । କେପ୍ଟେଲ୍ ସିନେମା ଛକରୁ ବକ୍ସି ବଜାର ଭିତରେ ସବୁଠାରୁ ଚାଲୁ ଦୋକାନ ଥିଲା ହଗୁରାଣ୍ଣାଙ୍କର । ଦୋକାନ ପଛରେ ତିନିଖଣ୍ଡ ଚୁଲ୍ହା ଚାଲେଇ । ବଡ଼ ଯୋଗ୍ରାବାଲା କାମ୍ବଣ୍ଟି ଯୋଗାଡ଼ କରି ଦେଇଥାଏ । ସାମନା ପାଖଟା ଖୋଲା । ସେଇଟା ହେଲା ଦୋକାନର ଥାଟ୍ ।

ସ୍ନେହଧୂସ ବଜାରିଆ ଟୋକାଟିଏ ମୁନିସିପାଲଟି ଚାକିରି କରୁଥିଲା । ହଗୁରାନ୍ନ ସେପ୍ପାଙ୍କୁ ଧରିଲେ । ମୁନିସିପାଲଟି ଡାକ୍ତର

ରୁ ସାମାନ୍ୟ କିଛି ଜଳପାନ ଖରଚ ନେଇ ଲାଇସେନ୍ସ ଖଣ୍ଡିକ ଇସୁ କରିଦେଲେ । ସେଇ ଦିନଠାରୁ ହଗୁର'ନ୍ନା ତେଲଭଜା ଦୋକାନ ଚାଲୁ କଲେ । ପିଆଜି, ବରା, ଆଳୁଚପ୍, ପକୁଡ଼ି, ଧୋକା, ଛେଚରା, ଘୁଗୁନି, ଚାଲୁ ଓ ସ୍ପେସାଲ ଆଳୁଦମ୍ ଗରାଖ ମାନଙ୍କୁ ଯୋଗାଇ ଦିଆଯାଏ । ସେ ସବୁ ହେଲା ମାମୁଲି ଜିନିଷ । ଅସଲି ଜିନିଷଟି ହେଲା ଦହିବରା-ଯୋଉଥି ପାଇଁ ଶ୍ରୀଯୁକ୍ତ ହଗୁର'ନ୍ନା ଓରଫ ହେରମ୍ବ ଚନ୍ଦ୍ର ଷଡ଼ଙ୍ଗୀ ବିଖ୍ୟାତ । କଲିକତାର ଦ୍ୱାରିକ୍ ଘୋଷ ରସଗୁଲ୍ଲା, ଭୀମନାଗ ସନ୍ଦେଶ-କଟକର ହଗୁରନ୍ନା ଦହିବରା । ଦହିବରାର ଆକାର ନଣ୍ଡା ମୁଣ୍ଡିଆ ଟଙ୍କାଠାରୁ ସାମାନ୍ୟ ବଡ଼ ରଙ୍ଗଟା ଗଇଁଠା ପାଉଁଶିଆ ଫିକା-ଗନ୍ଧରେ ଭେରସୁଙ୍ଗି ଚବିଯୁକ୍ତ ଆଇଗିଣିଆ ଖୁସବୁ । ଏହି ବଡ଼ ମାଟି ପଲମରେ ପଲମେ ତୋଟେଲି ହୋଇ ଥିଆ ହୋଇଥାଏ । ସାମ୍ନାରେ ବସିଥାନ୍ତି ହଗୁରନ୍ନା । ହାତରେ ତାଙ୍କର ଧରା ହୋଇଥାଏ ଗୋଟିଏ ପ୍ଲେଟ ଡଙ୍କା ଯନ୍ତ୍ରରେ କେବଳ ମାତ୍ର ଗୋଟିଏ ଦହିବରା ଏବଂ ଅଧ ଘୋଟେ ଝୋଳ ଧରି ପାରିବ । ତେଲଙ୍ଗା ରିକ୍ସାବାଲା ମାନେ ବେଶୀ ବିରକ୍ତ କରନ୍ତି ବୋଲି ହଗୁରନ୍ନା ଡଙ୍କାଏ ବଳଦରେ ଦି ଡଙ୍କା ଦହି ଢାଳି ଦିଅନ୍ତି । ମାଗିବା ଠାରୁ ସ୍ୱାନ ନାହିଁ-ଦବା ଠାରୁ··· ···········।

ମେଟ୍ରିକ୍ ପରୀକ୍ଷା ପୂର୍ବରୁ ମିଳନ୍ତି ବନ୍ଧୁ ଘୋଷିଘୋଷି ପରୀକ୍ଷାର୍ଥୀ ମାନେ ଯେପରି ଜଳବନ୍ତୁରଙ୍କ କରିବାର ସ୍ୱନ ହଗୁରନ୍ନାଙ୍କର ମୁହେଁ ମୁହେଁ ମୁଖସ୍ଥ ଥାଏ । ତେନ୍ତୁଳିମଣ୍ଡ, ଅଲୁଆ ଗୁଡ଼ର ଚୂନା ପାଉଡ଼ର ଦୁଧରୁ ତିଆରି ବଣ୍ଡି ବଣ୍ଡି ଦହି କେତେ ପରିମାଣରେ ଦରକାର ତାହାର ତାଲିକା କରି ହଗୁରନ୍ନା ପ୍ରତିଦିନ ସକାଳୁ ଲୁକରିଆ ଟୋକାକୁ ଧରାଇ ଦିଅନ୍ତି । ସାତ ଛଟାଙ୍କି ଅଲୁଆ ଗୁଡ଼ର ଚୂନା, ଅଧପାଏ ତେନ୍ତୁଳିମଣ୍ଡ, ତିନିପାଆ ଆମ୍ବିଳା ଘୋଳ ଦହି,

ଅଧପାଏ ନାଲିରଙ୍ଗି ଲଙ୍କାଗୁଣ୍ଡ, ସୁଜକେ ଓଜନର ହେଙ୍ଗୁ, ମେଙ୍ଗି ପଙ୍ଗା ଲୁଣ ହେଲେ ବଡ ପଲମରେ ଖାସା ପଲମେ ଦହିବରା ଜରୁର ମିଳ । ଖୋଳ ଟିକକ ହେଲା ଅସଲ । ଆଗଦିନ ରାତିରୁ ଗୋଳିଆ ଗୋଳି ହୋଇ ରଖା ହୋଇଥାଏ । ବରା ଛଣା ହୋଇ କେବଳ ବୁଡା ହୁଏ । ସେଇ ଦହି ଟିକକ ଲାଗେଇ ତିଆରି କରିବା ହେଲା ବେବସାୟର ଗୁମର ।

ଦହିବରା ଖାଇବାବାଲା ବନ୍ଧା ଗରାଖଙ୍କ ଭିତରେ ଘୋଡ଼ାଗାଡ଼ି ବାଲା ସୋଲମାନ ମିଆଁ ହେଲା ଆଗୁଆ । ସବାରି ନେଇ ଷ୍ଟେସନ ଗଲାବେଳେ ହଗୁରାନ୍ନା ଦୋକାନ ଦୁଆରେ ଗାଡ଼ିଟାକୁ ଖାଡ଼ା କରିଦେଇ ଡ଼ାକ ପକାଏ "ଓ-ହ’ଗୁରାନ୍ନା, ମେରେ ଲିଏ ଦୋ’ ଆଁନେକା ଦହିବରା ରଖ ଦୋଗେ । ସ୍ୟାଦ ଦହି ଡ଼ାଲ୍ନେଗେ । ଅଭି ଷ୍ଟେସନ ଯାତା । କଲ୍‌କତା ଜାନେୱାଲା ସୱାରି ହେ ଯେରା ଦେର, ହୋ ଯାୟଗା । ଲଉଟ୍‌ନେକା ବକତ ଲେ ଯାଉଁ-ପୈସା ଭି ଦେ ଦୁଁଗା" । ପଚିଶ ପଚିଶ ଜଣ ଗରାଖଙ୍କୁ ପଛକୁ ପକେଇ ଦେଇ ହଗୁରାନ୍ନା, ସୋଲମାନ ମିଆଁର ବରା ସାଇତି ରଖନ୍ତି । ଖଦଲିଆ, ଖୋଳ ଖୋଳିଆ ଦହିରୁ ସାତ ଆଠ ଡ଼ଂକା ଢ଼ାଳି ଦଅନ୍ତି । ଆଉ ଜଣେ ବନ୍ଧା ଗରାଖ ହେଉଛି ପାକିସ୍ତା’ନୀ ବଙ୍ଗାଳୀ ଡାକ୍ତର ଚକ୍ରବର୍ତ୍ତୀ ବାବୁର ଝିଅ ‘ପୁତୁଲ’ । ଇସ୍କୁଲରୁ ଫେରିଲା ବେଳେ ଦୋକାନ ଦୁଆର ମୁହଁରେ ଟିଣର ବହି ବାକସଟିକୁ ରଖି ଦେଇ ଭିତରକୁ ଡାକ ଛାଡ଼େ "ଦଇବରା ଆଛେ ଆମାକେ ଦଇବରା ଦାଓ" । ହଗୁରାନ୍ନାର ଅନ୍ତଲ ପେଟ ଭିତରେ ଖୁସିର ହାବୁକା ଉଠେ-ପେଟଟା ମୋଡ଼ି ମୋଡ଼ି ହୋଇ ଯାଏ । ଡାକ୍ତର ବାବୁର ଝିଅ ଦଇବରାର ଗୁଣ ଜାଣି ପାରିଲାଣି । ମନେ

ମନେ ହଗୁରାନ୍ନାର ଖୁସି ଲାଗି ରହେ-ଟାଇଫଏଡ ରୋଗୀଭି
ଚଉ ଫଉ । ନୋହିଲେ କରେ ହଇବର ।

ଦିନକର ଘଟଣା । ଜଣେ ଗରାଖ କହି ପକେଇଲା ଦହିବର ସେତେ ଭଲ ହୋଉନ । ଦହିଗୁଡାକ ଫଟୁ । ଆଉ କ ସମ୍ଭାଳି ହୁଏ ହଗୁରାନ୍ନାଙ୍କୁ । ବିରହ ଜାଳାରେ ହନ୍ତସନ୍ତ ହେଉଥିବା ପ୍ରେମିକା ପ୍ରେମିକ ନାଁ ଶୁଣିଲେ ଯେପରି ଖୁସିରେ କୁଲୁରି ଉଠେ ଠିକ ତାର ବିପରୀତ ଧାରଣାରେ ଘୁଲକଟ ମାରି ଡେଇଁ ପଡ଼ିଲେ ହଗୁରାନ୍ନା । "ହଗୁରାନ୍ନା ଦଇବର ଭଲ ହୋଉନ-ଏକଥା କହିବାକୁ କୋଉ ବୋପାର ଜଭରେ ହାଡ ହେଲାଣି । କଲଟର କମଶନ ଯାଁ'ଙ୍କୁ ସାର୍ଟିଫିକଟ ଦେଇଚନ୍ତି' ତାଙ୍କୁ ଅନ୍‌ଫିଟ୍ କରିବାକୁ ଖଣ୍ଡେ ନାଗେ । ଇହାପ ଆଛା ଆଛା ଲୋକ ହଗୁରାନ୍ନା ଦଇବର ମଗେଇ ନୋଉଚନ୍ତି । କହେଁ।-ଆମେ କଣ ଭେଜାଲ ମାଲ୍‌ରେ କାରବାର କରୁଛୁଁ କି ? ଗାଈ କ' ଯେବାନ୍ କଏ ଅଛ ଆସରେ । ଆଠଗଡ ଟେସନରୁ ଦହି ନାଗୁଆ ଆସୁଚି-ଖର୍ଚ୍ଚ କେତେ ? " ଭୋଟ ବେଳେ ଉପମଂହୀଙ୍କ ବକ୍ତୃତା ଭଳି ହଗୁରା ଷଡ଼ଙ୍ଗୀ ଏକା ନିଶ୍ୱାସରେ କହି ଦେଲେ । କେଶରପୁର କଚଲଖାନା'ରୁ କାମ ସାରି ହଏଦମ୍ଭ ବଡ ଖଣ୍ଡେ ଟାଣି ଦେଇ ମୋଉଲାଙ୍କ ସେଇ ଯେପରି ପିଠାପୁର ପୋଖରୀ ଘାଟରେ ଫର୍କଟେଇ ହୋଇ ବସି ପଡ଼ି ରକ୍ତବୋଳା ଛୁରିଟାକୁ ମଜାମଜି କରି ସଫାକରେ, ହଗୁରାନ୍ନା ଦଇବର ପଲମଟାକୁ ଘଷିପୁଛି ସଫା କରିବା ପାଇଁ ଦୋକାନ ପଛପାଖ ପୋଖରୀ ଘାଟକୁ ଚାଲିଗଲେ । ଆରପାଖ ଘାଟରେ ଭର୍ଲାଟିଏ ଗାଧୋଉ ଥିଲା-ଡାକ ପକେଇଲା 'କଣ ଦଇବର ହେଲାଣି । ହଗୁରାନ୍ନା ମନେ ମନେ ଫୁଟି ଉଠିଲେ 'ସାବାସ୍ ଦଇବର' ।

ନେଳଅ କାଗଜ ସଦୃ ପ୍ରେମ-ପତ୍ରର ସଂପର୍କ ଯାହା-ଦନ୍ତବରା ଓ ଗରୀଖଙ୍କର ମନର ସଂପର୍କ ଠିକ୍ ସେୟା । ସଫା ଅରୁଆ ଗୃଜନ ନହାତି ଦରକାର । ପାଉଁଡର ଦୁଧର କଷ୍ଟ ଦନ୍ତ ଦରକାର । ବରା ଓପରେ ଦନ୍ତ ବଣ୍ଡି ବଣ୍ଡି ହୋଇ ନଲଗିଲେ ଗରୀଖ ସନ୍ଦେହ କରନ୍ତେ । ଅଦା ଛେଚ୍ଚ ହୋଇ ଛେଦରା ଛେଦରା ହ୍ୱସୁ-ଥିବା ଗରୀଖଙ୍କର ମନକୁ ନପାଇଲେ ଫିଙ୍ଗିଦେବ ପିକେ । କାନରେ ଶସ୍ତା ରୁମେଲି ଅତର ଭେଦା ତୁଳା ଟିକିଏ ଖୋସି ଦେଇ ହଗୁରାନ୍ନା ସ୍ୱୟଂ ଅନ୍ତଳ ପେଟକୁ ଥାପନା କରି ଦନ୍ତବରା ପଲମ ସାମ୍ନାରେ ବସି ପଡ଼ନ୍ତି । ଦନ୍ତବରା ବର୍ଣ୍ଣି ସାଙ୍ଗରେ ରାଜନୀତି, ଧର୍ମନୀତି, ସମାଜନୀତି, ବ୍ରହ୍ମଜ୍ଞାନ ସବୁ ଗୁଳଥାଏ । ସାରନ୍ ଭୋଟ୍‌କେଲକୁ କମ୍ବଳ ବସ୍ତ୍ର ବାଲଙ୍କୁ କବ୍ଜା କରି ନିଏ । ଚଣ୍ଡି ଖୋଲ ମନ୍ଦିର ପାଖରେ ନବଗୁଞ୍ଜର ବାଘ ଉପରେ ବସି ବାବାଜ ଠାକୁରାଣୀଙ୍କ ଦର୍ଶନକୁ ଯାଏ । ଏକସପ୍ରେସ ଗାଡ଼ିର ଗାର୍ଡ ସା'ବ ପାଖରେ ହ'ଟା ପିସ୍ତଲ ଥାଏ ଇତ୍ୟାଦି ହଗୁରାନ୍ନାଙ୍କ ମୁହଁରେ ଘୋଷା ହୋଇଥାଏ । ସେଇ ସୁବିଧା ଦେଖି ଗରୀଖ ହ' ତିନି ଥର ନନା, ନନା କହି ଠେକା ଠେକି କରି ଦେଲେ ଉଠକଂ ଜାଗାରେ ହ' ଭଳିଂ ଦନ୍ତ ପାଇ ଯାଆନ୍ତି । "ଖାଆରେ ପୁଏ, ହଗୁରାନ୍ନା ଥିବା ଯାଏଁ ପେଟରେ ପୂରୁଚ ଖାଆ । ଖାଇଥିବ ପେଟକୁ-ରଖିଥିବ ବାଟକୁ ମିଛମାୟା ସଂସାରରେ ଥାଏ କଅଣ" ? ଏଣେ ହୁଧାକରୁ ନୂଆ ପଇସାଟିଏ କମିଲେ ହାତରେ ନ ଧରନ୍ତି । ଲଡ଼କା ମାନଙ୍କର ଫେସନ କ୍ଷେତ୍ରରେ ଆଶା ପରେଖଙ୍କୁ ପଛକୁ ପକାଇ ଦେଇ ଗୀତା ଫେରିଆ ଯେପରି ଆଗକୁ ଜମ୍ପ କରିଗଲେ ହଗୁରାନ୍ନାଙ୍କ ଦଇବରା କ୍ଷେତ୍ରରେ ସେୟା ଘଟିଲା । ହଠାତ୍ ସକାଳୁ ତିନିକଣିଆ ବଗିରୁ ମୋଡ ଉପରେ ସାଇନ-ବୋର୍ଡ ସଂଯୁକ୍ତ ସାଲୁକନା, ଦୋକାନ ପତ୍ର ଓ କାଗଜଫୁଲ ରଙ୍ଗିତ,

ଛଅମାଳ ହୋଲଫୁଲ ଟଙ୍କିତ "ମେଡ୍ରାସୀ ହୋଟେଲ୍" ଦେଖା ଦେଲେ । ଦିନକ ଭିତରେ କଥାଟା ଫୁଟି ହୋଇଗଲା । ପକୋଡ଼ି, ଅଳ୍ପ ଚପ ହାଲୁଆ, ଇଡ଼ଲି, ଉପମା, ପୁରୀ, କାରି, ଗୁଲାବ୍ ଜାମ, ବରଫୀ ସବୁ ମିଳିଲା । ଗରାଖ ଥାଟ ପକର ଲାଗିଲେ । ଏକାଡେମୀ ପିଲା ମାନଙ୍କୁ ଅଲଗା ରୁମ୍ ରେ ଜାଗା ଦିଆଗଲା । ମାଷ୍ଟର ମାନେ ଆସିଲେ-ଚାଲିଲା ପୁରାଦମ୍ କାରବାର । ହଗୁରି ଷଡ଼ଙ୍ଗୀଙ୍କର ଚାକୁରେ ବସ୍ତୁ ପଶିଲା ଦିନ ଦି'ଟା ଭିତରେ । ଗଣ୍ଡ ଠିଆ କରି ସୋଲମାନ ମିଆଁ ଗଦିଲଗା କୁର୍ସିରେ ବସି କପିଂ ଖାଇଲା । ଡାକ୍ତର ବାବୁ ରିକ୍ସାରେ ଝିଅକୁ ନେଇ ଜଳଖିଆ ଖୁଆଇ ଆଣିଲେ । ଲକ୍ଷ୍ମୀସଭା ଜାଗା ହେବା'ର ଗୁଡ଼ିଘଣ୍ଟା ଭିତରେ ମାଲ ଗୋଦାମରେ ଦାମ ଯେପରି କମିଯାଏ, ହଗୁରାମ୍ନା ଦହିବରା ସେଇ ଅବସ୍ଥାରେ ମେଇଟରି ଘଳମାଭ୍ୟନ୍ତରରେ ପଡ଼ି ରହିଲା । ଦିନକର ମାଲ ତିନଦିନ ଲାଗିଲା । ବୁଲେଇ ହଜିଲେ ମାଣିକ ଭେଣ୍ଡି ।

'ଆରେ ମୁଁ କଣ ବରହମପୁରିଆ ପଳାଗୁଡ଼ିଆ ହେଇଚି ମତେ ଗୋଡ଼େଇ ଦବ । ମୁଁ ପା ଥିଲାବାଲା ଘରର ଝିଅ । ତୁମରି ପାଇଁ ମୁଁ କଣ ଦୋକାନଟାକୁ ଛାଡ଼ି ଦେବି । ଦେଖ-ଚାରିଟା ଦିନ ଭିତରେ ସେ ତେଲେଙ୍ଗା ଟୋକା ଯଦି ମୂଳଜମା ଖାଇ କଟକ ଟାଉନରୁ ବିଦା ନହେଇଚି ତେବେ ମୋ ନାଆଁରେ ସାତଟା କୁତା ପାଳିବି' ହଗୁରାନ୍ନା କେପ୍ଟେଲ, ସିନେମା ସାମ୍ନାରେ ଶୁଣେଇଦେଲା । ଠିକ୍ ସେଇଦିନ ଘଡ଼ି ଦଶଟା ବେଳକୁ ହଗୁରାନ୍ନାଙ୍କର ସାକ୍ଷାତ ହେଲା ମେଡ୍ରାସୀ ହୋଟେଲର କାରିଗର ସାଙ୍ଗରେ । କେଜାଣି ଅଧଘଣ୍ଟେ ପଇଁଚାଳିଶ ମିନିଟ୍ ଫୁସ ଫୁସ ଚାଲିଲା । ହଗୁରାନ୍ନା ମୁଣ୍ଡ ଟୁଙ୍ଗାରୁ ଥାଆନ୍ତି ମଝିରେ ମଝିରେ । ହାତ ହଲେଇ ମିସ୍ତ୍ରୀ

କଣ କହୁ ଚୁଲିଥାଏ । ଆରଦିନ ସକାଳୁ ସକାଳୁ ସେଇ କାଳିଆ ଭୁଷୁଣ୍ଡା ମିସ୍ତିରି ଆସି ହଗୁରାନ୍ନା ଦୋକାନରେ ପକଡ଼ି ଛାଣିବାରେ ଲାଗିଥାଏ । ହଗୁରାନ୍ନା କଅଁଳିଆ ଭେରସୁଙ୍ଗା ଗଛର ପୁଲାଏ ଗୋଟେ ସିଲଭର ବାଟିରେ ରଖି ଦି' ହାତ ଉପରକୁ ଟେକି ହାଇ ମାରୁ ଥାଆନ୍ତି । ଦୋକାନ ସମ୍ନାରେ ଯାଉଥିବା ଲୋକଙ୍କ ଆଡ଼କୁ ଲକ୍ଷ୍ୟ କରି ହଗୁରାନ୍ନା କହିଦେଲେ "ଆରେ ରୁହ, ରୁହ, ପେସଲ ଦଇବରା ଖାଇକି ତ ଯାଅ ବେଳକୁ ଆସ । ଯଦି ଖରାପ ହୁଏ ତେବେ ତୁମ କସ୍ତୁ ତଳେ ଦଶପଟା ଗଳିଯିବ" । ସନ୍ଧ୍ୟା ହେବା ଆଗରୁ ଆମ୍ବପଟାରେ ତିଆରି, କମଳାରଙ୍ଗ ଦିଆ ତିନଖଣ୍ଡ ନମ୍ବର ବେଂଚ ଓ ହଁ ଗୁଡ଼େସ୍କ ଆସି ଦୋକାନରେ ପଡ଼ିଲା । ଅଧଡ଼ଜନେ ଟିନା-ମାଟିପ୍ଲେଟ, ଡ଼ଜନେ ଟୋଇ ଗ୍ଲାସ, ଆଠଖଣ୍ଡ ସିଲଭର ଥାଳିଆ କଣା ହୋଇ ଆସିଥାଏ । ଗୋଟେ ତେର ଚଉଦ ବର୍ଷର ଟୋକା ନେଳିଆ ନୁଙ୍ଗିଟାକୁ ଅଧେ ଟେକିଦେଇ ଫାଲଟା ମାରି ଡାହାଣ ହାତରେ ଘଣ୍ଟିଟେ ବାନ୍ଧି ଦେଇଥାଏ । ଦି' ଟା ଲେଖାଏଁ ଦଇବରା ଗ୍ଲାସରେ ଲେଖାଏଁ କଦଳିଆ ଦହି, ତଦୁପରି ନଙ୍କାଗୁଣ୍ଡ ଓ ଲୁଣ ଗୁଣ୍ଡ ଦିଆଯାଇ ଗରାଖ ମାନଙ୍କ ସମ୍ମୁଖରେ ଥୁଆହେଲା । ପାଟି କେହି ଫିଟାଇ ନାହାନ୍ତି । ଜଣକେ ଛଅ, ସାତ ଦହିବରା ଚପେଇ ଦେଇଗଲେ । କଦଳିଆ ଦହି, ବଡ଼ ବଡ଼ ବରା, ବଢ଼ିଆ ଟେସ । ମେଡ୍ରାସୀ ହୋଟେଲର କାନ କାଟି ଦେବ । ପୁରା ଦମରେ କାରବାର ଲାଗି ରହିଲା । ଖାସ ଦହିବରା ପାଖରେ ଜଣେ ବସି ରହିବା ଦରକାର ପଡ଼ିଲା । ସେଇ ରାତିରେ "ସ୍ପେସାଲ ଦହିବରା" ବୋଲି କଳାରଙ୍ଗରେ ଟିଣ ଉପରେ ସାଇନ ବୋର୍ଡ଼ ଲେଖା ହୋଇ ଟଙ୍ଗାହେଲା । ମ୍ୟୁନିସିପାଲିଟି ଡ଼ାକ୍ତର ବର୍ଷରେ ଥରେ ଆସନ୍ତି ଦୋକାନ ଉପରକୁ । ରିକସାରୁ ତଳକୁ ଗୋଡ଼ ପକାନ୍ତିନ ।। ପାନ,

ସୁପାରି କରୁ ନାହିଁ । ପିଅନଟି ଭିତରକୁ ଆସେ । ଡାକ୍ତର ବାବୁ ପାଇଁ ଦଶୋଟି-ବାସ ଯଥେଷ୍ଟ । ଟଙ୍କେ ମଣେ ଭିତରେ ପିଅନ ରହିଯାଏ । ଯାହାର ଯେତିକ ତାହାର ସେତିକ । ସେତିକରେ ସେ ଖୁସି । ହଗୁରାନ୍ନା ପୁ। ଭିତରେ ସମ୍ବଲପୁରୀ ମଠା ଖଦ ଯୋଡ଼େ କିଣି ସାରିଛନ୍ତି । ବକସି ବଜାର ମାର୍କେଟ ମଙ୍ଗଳା, ତିନକଣିଆ ବଗିଚ୍ଚର ହଟକେଶର ମହାଦେବଙ୍କ ପାଇଁ ଦୁଧ ମିଶା ପାଣି ଅବ-ଖୁରେ ନେଇ ରୁଦ୍ରାକ୍ଷ ମାଳ ବେକରେ ପକେଇ ଯାଆନ୍ତି । ମେଡ୍ରାସୀ କାରୀଗର ରାମେୟା ଦନ୍ତବରି ତିଆରି କରେ-ଭେଇରସୁଙ୍ଗା ଘରର ବଖାରେ । ଆରୁରୁଟ ମଣ୍ଡ ତିଆରି କରି ଦନ୍ତବରା ଉପରେ ଡାଳ ଆଲ୍ମିନା ଦନ୍ତ ଟିକଏ ଛାଟ ଦେଲେ କରାଟା ଭଲ ଉଠୁଛି ବୋଲି ହଗୁରାନ୍ନା ବରହମପୁରିଆ ଠାରୁ ଶୁଣି ରାମେୟାକୁ ବରାଦ କଲେ ।

ଟିନାମାଟି ପ୍ଲେଟ ବଦଳରେ ପ୍ଲାଷ୍ଟିକ ପ୍ଲେଟ କଣା ହେଲା । ବଙ୍ଗାଳି ଡାକ୍ତରର ଝିଅ ଗଲାବର୍ଷ କାନ୍ଥୁପଡ଼ା ଘାଟର ଗୋଟେ ଗୁଖୁଆ ମହାଜନ ଟୋକା ସାଙ୍ଗରେ ଚଣ୍ଡୀମନ୍ଦର ଭିତରେ ମାଳା ବଦଳ କରି ବାହା ହୋଇଗଲା । ଘୋଡ଼ା ଗାଡ଼ି ବାଲା ସୋଲମାନ ମିଆଁ ରାଜରକେଲାରେ ତା ଝିଅଘର ପାଖରେ ବେମାର ପଡ଼ି ପଡ଼ି ମଲା ଭଲ ହୋଇ କଟକ ଫେରିଥାଏ, ଆଉ ଗାଡ଼ି ନଥାଏ ତାର । ସେତେବେଳକୁ ହଗୁରାନ୍ନାଙ୍କର ଦାନ୍ତଗୁଡ଼ାକ ପଡ଼ିଯାଇ ପାକୁଆପାଟି ସମସ୍ତେ ଜିଦ୍ କଲେ-ଚିନା ଦାନ୍ତ ଦୋକାନରେ ପଚିଶି ଟଙ୍କା ଖର୍ଚ୍ଚ ହୋଇ ପଥର ଦାନ୍ତ ବନ୍ଧା ହେଲା । ହସ ହସିଲା ବେଳେ ମୁହଁଟା କପରି ଗୋଟାଏ ଅବାରିଆ ଦିଶେ । ସନ୍ଧ୍ୟା ବେଳର ଗରାଖ ଭିଡ଼ ଭିତରେ କେହି ଜଣେ ଅଧେ ଡାକ ଛାଡ଼ନ୍ତି । 'ହଅ ବା

ଟିକଏ ଦସ୍ତ' ।

ଦଶବର୍ଷ ପରେ ହସୁରାନ୍ନା ଦସ୍ତବରଙ୍କ ରଜତ-ଜୟନ୍ତୀ ଆୟୋଜନ ହେବ ।

—୦—

# ପ୍ରିୟତମା

ଆଖି ବନ୍ଦ କରି ଯୋଡ଼ିଏ ମିନିଟ ଭାବନ୍ତୁ, ତାଙ୍କ ପରେ ପଢ଼ିବେ ।

ପ୍ରଥମ ସର୍ତ୍ତ ହେଉଛି ଆପଣ ବିପତ୍ନୀକ ହୋଇ ନଥିବେ ଏବଂ ଏହି ଗପଟିକୁ ପଢ଼ିବା ବେଳେ ସେ ଆପଣଙ୍କ ପାଖରେ ଦେହକୁ ଦେହ ନଗେଇ ବସିଥିବେ । ଗପଟି ପଢ଼ା ସରିବା ପର୍ଯ୍ୟନ୍ତ ଶ୍ରୀମତୀ ଯଦି ଆପଣଙ୍କ ଆଡ଼କୁ କୋକଶିଆଳୀ ଅଙ୍ଗୁରକୁ ଚାହିଁବା ଭଳି ଚାହାଣୀରେ ଚାହିଁ ରହନ୍ତି ତେବେ ସବୁ ଶୁଭ ବୋଲି ଜାଣିବେ । ଆଉ ଗୋଟିଏ ସର୍ତ୍ତ ହେଉଛି ଯେ ସେ ପିତାକାଳୀ, ଖଉରିଆ କାଳୀ ହୋଇ ନଥିବେ ଏବଂ ଅସ୍ୱାଭାବିକ ଭାବେ ମୁଖଦାନ୍ତୁରା ଅବା ଭୁଲୁଣ୍ଡୀ ମୁହାଁ ହୋଇ ନଥିବେ । ଅବଶ୍ୟ ରଙ୍ଗ ଯଦି ଫିକା ହୋଇଥାଏ ତେବେ ଆପଣ ଥିଆଟରର ପେଣ୍ଟିଙ୍ଗ୍ ବାଲାଙ୍କ ପରାମର୍ଶ ନେଇ ତାଙ୍କୁ ରଙ୍ଗେଇ ଦେଇ ପାରନ୍ତି କିନ୍ତୁ ମୁଖଦାନ୍ତୁରା ହୋଇଥିଲେ ବ୍ୟକ୍ତିଗତ ଭାବେ ଆପଣ ହିଁ ବେଶୀ ଦୁଃଖ ପାଇବେ । ସବୁଠାରୁ

ଗୁରୁତ୍ୱ ପୂର୍ଣ୍ଣ ହଉଁ ହେଉଛି, ସେ ଯଦି ଉଗ୍ରଚଣ୍ଡୀ, ଜଧଣ୍ଡୀ ହୋଇ ଥାନ୍ତି ଏବଂ ଆପଣଙ୍କୁ ସ୍ଥାନ କାଳ ପାତ୍ର ବିଚାର ନକରି ବାକ୍ୟ-ବାଣ ପ୍ରୟୋଗେ କ୍ଷତ ବିକ୍ଷତ ଓ ମର୍ମାହତ କରି ସମସ୍ତ ସୁଯୋଗ ଫାଙ୍କାଣ୍ଡମୋହମାସ୍ତ୍ର 'ମେଟ୍ଟେଣ୍ଟ ମେଡସନ' ପ୍ରୟୋଗ କରୁଥାନ୍ତି ତେବେ ଆମର ପ୍ରେସକ୍ରିପସନ ମୋଟେ କାମ ଦେବନି । ଆପଣ ସିଧା ସିଧା ନଜଦିକମ ଥାନା ଅଥବା ମୋଲିସ ଟ୍ରେନିଂ କଲେଜର ବିଧା' ଗୋଇଠା ଖୁନ୍ଦା ଓ ଥୋପି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ଏବେ ଫେରି ଆସନ୍ତୁ 'ପ୍ରିୟତମା' ଙ୍କ ପାଖକୁ । ଗବେଷଣା କରି ଦେଖାଗଲାଣି ଯେ 'ପ୍ରିୟତମା' ହେଉଛି ଗୋଟାଏ 'ପୁଂ ଲିଙ୍ଗ' ବାଚକ ଶବ୍ଦରୁ ଉତ୍ପତ୍ତି । ପ୍ରିୟତମ ମାନେ ଆପଣାର କର୍ମକ୍ଷେତ୍ରରୁ ଫେରି ଘର, ବସା, ଭଡ଼ା ଘର ମାନଙ୍କର ଦ୍ୱାରଦେଶରେ ପହଞ୍ଚିବା ମାତ୍ରକେ ଯେଉଁମାନଙ୍କୁ ନାମ ଧରି ନ ଡାକି 'ଯ୍ୟାଜେ ଆସିଲ କି ?' 'କୁଆଡ଼େ ଗଲ' ! ଶୁଣୁଛ ନା । 'ହଇ ହୋ' ଇତ୍ୟାଦି ଜ୍ୟାମିତିକ ସଂଜ୍ଞା ପ୍ରୟୋଗ କରନ୍ତି ସେଇମାନଙ୍କୁହିଁ ସାଧାରଣତଃ 'ପ୍ରିୟତମା' କୁହାଯାଏ । ଯେ ତ ଗଲା ଅଙ୍କ ପାଠର ହିସାବ । ସାହିତ୍ୟର ବ୍ୟାକ-ରଣ ବିଭାଗରେ ଘଟଣାଟାକୁ ନେଇ ଥୋଇଲେ ଦେଖାଯିବ ଯେ ପ୍ରିୟତମ+ଆ=ପ୍ରିୟତମା । ଏହା ହେଲା ସନ୍ଧିବିଚ୍ଛେଦର ମୂଳ ସୂତ୍ର । ଅ ପରେ ଅ-ବା ଆ, ଆ ପରେ ଅ-ବା ଆ ଥିଲେ ସମାନ ଆ । ଯୋଷି ଘୋଷି ମୁହଁ ଥୋକର । 'ପ୍ରିୟତମା' ମାନଙ୍କ ପାଇଁ ଏତେଗୁଡ଼ାଏ ମେହେନତ କରି ହ୍ୱାଟ୍ସମାର୍କା କାଗଜ ଓ ସୁଲେଖା ସ୍ୟାହି ନଷ୍ଟ କରି, ଅଣୀ ନୂଆପଇସିଆ କଲମ ଚଳାଇବାର କି ଆବଶ୍ୟକତା ଥିଲା ? ଆବଶ୍ୟକତା ନଶ୍ଚୟ ଥିଲା-ଅଲବତ ଥିଲା-ଜରୁର ଥିଲା । ଦିନେ ଓପର ବେଳାର ଘଟଣା । ମଙ୍ଗଳାବାର

ଛକର ହଟ ଷ୍ଟୁଆର୍ଟଙ୍କ ହୋଟେଲ ବାରଣ୍ଡାରେ ଭୁବନେଶ୍ୱର ବାଣୀ ବିହାର ବସକୁ ଧରିବା ଉଦ୍ଦେଶ୍ୟରେ ଦୁଇଜଣ ସିନ୍ଦୁର ବିନ୍ଦୁ ଝରଝରିଆ, ଟପା ପେଣ୍ଟ ଓ ଟାଇଟ୍ ଜାମା ପିନ୍ଧିଥିବା ସୁନ୍ଦରୀ ଓରଫ ସୁନ୍ଦରୀ ଠିଆ ହୋଇଥିଲେ । ଠିଆ ହେଲେ ବା ବହିଲେ । ସେ କିନ୍ତୁ ଯୋଡ଼ ଠିଆ ହେବା-ଆଜ୍ଞା-କହିବ କଣ-ଆଃ-ଆଜ କଣ ଦେଖିବେ ମରେ କି ଓଡ଼ିଶା ଥିଏଟରକୁ ଚାଲିଯିବେ କି ? କାହିଁ ଯୋଡ଼ି ଗଲେ ଆସି ଦୋ'ଟି କଲେଜ ଟୋକା-ହାତରେ ଧରି ଖଣ୍ଡିଏ ସିନେମା ପତ୍ରିକା । ଯେପରି ସେମାନଙ୍କର ଷ୍ଟେଟ୍ରିନଜରର-ନାଇଲନ ଜାଲ ଭିତରେ ଫ୍ରୋକ୍ସ ସୁନ୍ଦରୀ ମାନେ ସହଜାଣିଆ ଛନ୍ଦ-ବାନ୍ଧ ହୋଇଗଲେ ।

ରୁହନ୍ତୁ ଆଜ୍ଞା-ମନେ ପକାଏଁ । ହଁ-ବାସ୍ ଟା ଆସିଗଲା । କାଡ଼ିକା କରନ୍ତି ଯେମନ୍ତ ଖଇଁଚ ମୁହଁରେ ହୁଡ଼୍ ହାଡ଼ ଡଅଁନ୍ତ ବାସ୍ ଭିତରକୁ ଯିବାପାଇଁ ଭିଡ଼ଟା ସେଇମିତି ଜମିଲା । ଲାଗିଲା ଧସ୍ତା ଧସ୍ତି । ସେଇଭିଡ଼ ଭିତରେ ଗୋଟେ ଭୁଣ୍ଡା ପୁଲିସ ଜମାଦାର ଫୁଲନଖର ଦୁଧବାଲା, ମଦନ ବେହେରା ପେଣ୍ଡା ସନ୍ଦେଶ ବେପାରୀ ତେଲେଙ୍ଗା ପେଣ୍ଠୁ ବୋଝ ମୁଣ୍ଡିଆ ପରିବାବିକାଳି ପଛକୁ ହଟି-ଗଲେ । ଉପର ଓପିସିଲ ବର୍ଣ୍ଣିତ ସୁନ୍ଦରୀ ହାଲକା ଝାପ୍ ମାରି ଡେଇଁ ଗଲେ ବାଣୀ ବିହାର ବାସ ଭିତରକୁ । କଣ୍ଡକ୍ଟର ବିଚରା ସେ ଶ୍ରୀମୁଖରୁ ମିଠାହସ ପାଇବା ଲୋଭ ପରବଶହୋଇ କହି ପକାଇଲା ଆଜ୍ଞା-ବସନ୍ତ-କଣ ବାଣୀ ବିହାର ନା ଏ ସବୁ ଘଟଣା ଘଟିବା ଦେଖିଲେ ଏ ବାପୁଡ଼ାର ଏକାନ୍ତ ଇଚ୍ଛା ହେଲା ଯେ, 'ପ୍ରିୟତମା' ଶବ୍ଦର ବ୍ୟାକରଣିକ ତର୍ଜମା କରାଇ 'ଅପ୍ରିୟତମା' ମାନଙ୍କର ଅଧିକାର ଓ ଅନଧିକାର ସାବ୍ୟସ୍ତ ନ କରାଇଲା ପର୍ଯ୍ୟନ୍ତ ଆମରଣ

ଅନଶନ । ସିଧା ସେଇ ମାସ ଢେଙ୍କାନାଳ ବସ୍ ଧରି ଢେଙ୍କାନାଳ ବାଜ ରେଷ୍ଟୁଜକରେ ପୁଣି ଭୁବନ ବସ୍‌ରେ ଭୁବନ ଯାଇ ପଣ୍ଡିତ ଶିରୋମଣି ହୟଗ୍ରୀବଙ୍କ ଦର୍ଶନ କରି ତାଙ୍କ ସହ ଆଲୋଚନାନ୍ତେ ପ୍ରିୟତମା ମାନଙ୍କ ବିଷୟ ଚୂଡ଼ାନ୍ତ ହେଲା । ସେଥିପାଇଁ ଆଜ ଅବଧି କେହି ଧନ୍ୟବାଦ ଦେବାର ପ୍ରସ୍ତାବ ବାଢ଼ି ନଥିବାରୁ ଆପଣା ତରଫରୁ ଆପେ ଧନ୍ୟବାଦାର୍ହ ।

ଆଜିକାଲି ହେଲା ଫାଇଲ୍ ଓ ଷ୍ଟାଇଲ୍‌ର ଯୁଗ । ଇସ୍କୁଲ ପିଲେ ଧରିଲେ ଫାଇଲ । ଅଣ୍ଡର ସେକ୍ରେଟେରୀ ବି ଧରିଲେ ଫାଇଲ । ଏଣେ ଫାଇଲ ସାଙ୍ଗକୁ ଷ୍ଟାଇଲଟା ବି ପୂରା ଦମରେ ଅଛି । କଥା କହିବାରେ ଷ୍ଟାଇଲ୍, ହାତ ଟେକ ( ଗୋଟାଏ ହାତ ) ନମସ୍କାର ହେବାରେ ଷ୍ଟାଇଲ । ଦ ଟଙ୍କା ବାଷଠି ପଇସିଆ ଚପଲକୁ ଘୋଷାରି ଘୋଷାରି ଚାଲିବାରେ ବି ଷ୍ଟାଇଲ, ମୁଣ୍ଡବାଳକୁ ଖଇଁଚି ଭଳି ଗୋଜିଆ କରି କାଟିବାରେ ବି ଷ୍ଟାଇଲ । ସବୁଠାରେ ସମସ୍ତଙ୍କର ଯେପରି ଷ୍ଟାଇଲ ରହିଛି ପ୍ରିୟତମା ମାନଙ୍କର ମଧ୍ୟ ସେହିପରି ଷ୍ଟାଇଲ ରହିଛି । ମସ୍ତକ ଢାଙ୍କିତା ହେବା ନହେବାରେ କିଛି ତଫାତ ନାହିଁ । ଲାଇସେନସ ପାଇ ସିନ୍ଦୁର ପିନ୍ଧିବା ଆଗରୁ ଭଅଁନା ବାଛୁରି ପରି ଡେଇଁ ଥିବେ । ଅବାଧରେ ରେଷ୍ଟୁଜଦ ଭୁବନ ଭ୍ରମଣ କରି କେତେ ଯୁବକ ଓ ତରୁଣ ପ୍ରାଣରେ ଉଷ୍ମ ପାଣି ଛିଞ୍ଚି-ଥିବେ । କିନ୍ତୁ ବାହା-ବେଦୀର ହୋମ ଟିକକ ସାରି ଖଇ ଗଣ୍ଡିଏ ନିଆଁରେ ଜଳେଇ ସାରିଲା ପରେ ଆଉ ଦେଖିବେ କିଏ ? ସତେ ଯେମିତି ନୀଳାଚଳ ବିହାରୀଙ୍କର ମାଳା—ଗୋଟିକ ଯାକ ତୁଳସୀ । ବାଣୀକଣ୍ଠ ନିମେଇ ହରିଚନ୍ଦ୍ରଙ୍କର ଗୀତ 'ବୋହୂ ଚାଲି ନଜାଣଇ ଗୋ-ଗୋଡ଼ ପଡ଼ୁଥାଏ ବଙ୍କା' । ଗୋଡ଼ଟା କିପରି ବଙ୍କା ବଙ୍କା

ଘଟେକର ଗୁଲଜାରକୁ ଫେଲ ସେଇଟା ଆଗରୁ ଶିଖା ଯାଇଥାଏ । ଠିକ ଯେପରି ସ୍ଲୋ ସାଇକଲ ରେସରେ ଜିତିବାର କାଇଦା ଟିକକ ଖେଳ ମାଷ୍ଟର ମଦନସୁନ୍ଦର ବାବୁ, ମହମାକୁ ଶିଖାଇ ଦେଇ ଥାଆନ୍ତି । ସାଇକ୍ଲଷ୍ଟ ମହମା ଠିକ ବେଳରେ ସାଇକଲକୁ ଧରି ହଲହଲା ପଡ଼ଆ ଭିତରକୁ ପଶି ଯାଆନ୍ତି ।

ଧୀର ଧୀର ଗୁଲ, ସାଢ଼େ ତେଇଶ ଡିଗ୍ରୀ ନଇଁ ପଡ଼ିଥିବା ମୁଣ୍ଡ, ବଙ୍କା ବଙ୍କା ବହଳଆ କଥା, ସୀମନ୍ତ ସିନ୍ଦୁରର ସାଢ଼େସେଣ୍ଟି-ମିଟର ତଳକୁ ପଛ ଆଡ଼କୁ ଖସିପଡ଼ ହାଲକା ପବନରେ ଉଡ଼ୁଥିବା ଓଢ଼ଣୀଯୁକ୍ତ ପ୍ରିୟତମାଙ୍କୁ ଦେଖି ପକାଇଲେ ତାଙ୍କର ଚଳନ୍ତାଇ ସ୍ୱାମୀଙ୍କ ମନ କେଜାଣି ଆନନ୍ଦ ସାଗର ଭିତରକୁ ପାଞ୍ଚ କିଲୋ-ମିଟର ବୁଡ଼ଯାଏ । ମେଡ୍ରାସ ହୋଟେଲରେ ଏକଟଙ୍କା ଦଶ-ପଇସାର ମିଲ ଖାଇସାରି ଦି ଗିଲାସ ପାଣି ପିଇଦେଇ ବଡ଼ କ୍ଲ ପଙ୍ଖା ତଳେ ବସି ଅଜା ନେଣ୍ଟାଇବାରେ ଯେଉଁ ଆନନ୍ଦ ଠିକ ସେତିକି ଆନନ୍ଦ ଉପରୋକ୍ତ ପ୍ରିୟତମା ମାନଙ୍କ ଠାରୁ ମିଳିଥାଏ । କିନ୍ତୁ ଏ ପ୍ରକାର ଆନନ୍ଦଟା ବେଶୀ ଦିନ ରହେ ନାହିଁ । ଯୋଉ ବାବୁମାନେ ପଢ଼ିଲେ ପଢ଼ିଲେ ଖାସ ସୁପାରିଶ କରିଥାନ୍ତି ସେଇ-ମାନେହିଁ ଟେଣ୍ଡନା କହିଦିଅନ୍ତି "ଛାଡ଼ ଭାଇ, ସେ ଜାଉଟା ସେମ୍ପ୍ଳା, ଯେତେ ଦେଲେ ବି ମୁହଁଟାକୁ ହାଣ୍ଡି କରିବେ । ସବୁବେଳେ ଖାଲି ଛୁଟି ନବାକୁ ବସିଥିବେ । ଜୁହୁକ ଲଗାଇ ପ୍ରାଣ ଶୋଷି ନେବେ । ମାଗଣାରେ କଣ ତୁଳସୀ ଦାସ ଭଳିଆ ଲୋକ ଘରଦ୍ୱାର ଛାଡ଼ି ରାମଚରିତ୍ ମାନସ ଲେଖିଥାନ୍ତା ?" ମୁରୁମୁରୁ ହସ, ମିଠି ମିଠି କଥା ଢ଼ଳ ଢ଼ଳ ଆଖିର ଷ୍ଟାଇଲ ଦିନାକେତେ ପରେ ପିତା ଲାଗେ । ବସ୍ତୁସ ବରଂ ଷୋହଳ ତଳେ ଅଠରୋଳସ ହୋଇ ଥାଉ

କିନ୍ତୁ ଶ୍ରୀମତୀ ରାସ୍ତାରେ ଯିବାବେଳେ ଦୋକାନ ଆଗର ଗ୍ଲାସ ହାଉସ ଭିତରେ ଝୁଲି ହୋଇଥିବା ବଡ଼ ଅଇନାରେ ଆପଣାର ରୂପକୁ ନିରଖେଇ ଦେଖନ୍ତି । 'ମେକ୍ ଅପ୍' ( Make up ) ଟା ଠିକ୍ ଅଛି ତ କ୍ୟୁସ ଅଛି, Beautyର ବିକାସ କି ଅଛି । ଧନ୍ୟ ସେ ଷ୍ଟାଇଲ୍ ।

ବର୍ତ୍ତମାନ ସବୁଠାରୁ କଷ୍ଟକର କାମ କରିବା ପାଇଁ ଆପଣ ନିଜକୁ ପ୍ରସ୍ତୁତ କରି ନିଅନ୍ତୁ । ଜଟିଳ ମଣ୍ଡର କେସର ଆସାମୀ ମାନଙ୍କୁ ଚିହ୍ନଟ କରିବା ପାଇଁ ଯେ ରୂପ ଚିହ୍ନଟ ପେରେଡ୍ ( Identification parade )ର ଆବଶ୍ୟକତା ଥାଏ, ଆପଣଙ୍କ କାମଟା ସେଇ ଭଳିଆ ହୋଇପାରେ । ପାଣି ପବନ ସ୍ବଭାବରେ 'ପ୍ରିୟତମା' ମାନଙ୍କୁ ଆମ୍ଭେ ତିନି କିସମରେ ବିଭାଗ ବର୍ଣ୍ଣନ କରିଅଛୁଁ । ଆପଣମାନେ ନିଜ ନିଜର ଅନ୍ଦର ମହଲାଭ୍ୟନ୍ତରକୁ ଦୃଷ୍ଟିପାତ ପୂର୍ବକ କିସମ ନିର୍ଣ୍ଣୟ କରି ନେଇ ଚୁପ୍‌ଚାପ ମନକଥା ମନରେ ରଖିବେ । କଥା ପ୍ରସଙ୍ଗରେ ବି ଗୁମରଟା ପଦାରେ ପକେଇବେ ନାହିଁ ।

ଉପର ଲିଖିତ ତିନି କିସମର 'ପ୍ରିୟତମା' ମାନଙ୍କୁ ଆମ୍ଭେ ମଉଦହି ( Conservative ), ଆଧୁନିକ ( modern ) ଏବଂ ଅତ୍ୟାଧୁନିକା ( ultra-modern ) ଭାଗରେ ବିଭକ୍ତ କରିଅଛୁଁ । ମଉଦହୀ 'ପ୍ରିୟତମା' ମାନଙ୍କୁ ଚିହ୍ନିବାରେ କୌଣସି ବିଶେଷ ପ୍ରକାରର ଅସୁବିଧା ଭୋଗ କରିବାକୁ ପଡ଼େନାହିଁ । ଉଷିତ-ଅନାବାଦୀ ଜମିକୁ ଯେଉଁପରି ଖୋଦ କଲେକ୍ଟର ସାହେବ ମଧ୍ୟ ଇଚ୍ଛା କରି କୌଣସି ବ୍ୟବହାର କରିବାକୁ ସମର୍ଥ ହୋଇ ନପାରନ୍ତି ଠିକ୍ ସେଇପରି ମଉଦହୀ ମାନଙ୍କୁ ଆଧୁନିକତାର ହାଓଆ ଭିତରକୁ

ଆଣିବା କଷ୍ଟକର । ହିସାବ କରି ଦେଖାଯାଉଛି ଯେ ସାରା ପୃଥିବୀରୁ ଗପୂଳ ମାନଙ୍କର ସଂଖ୍ୟା କ୍ରମେ କମି ଆସୁଛି । ମରହଟ୍ଟୀ 'ପ୍ରିୟ-ତମା' ମାନଙ୍କର ସଂଖ୍ୟାର ହିସାବ ଆମ୍ଭମାନଙ୍କ ଜ୍ଞାତବ୍ୟ ପାଇଁ ଜନଗଣନା ଅଫିସରୁ ନମିଳିଲେ ମଧ୍ୟ ଏ କଥା ସତ୍ୟ ଯେ ସେ-ମାନଙ୍କ ସଂଖ୍ୟା ଦିନୁ ଦିନୁ ନଜନ ହୋଇ ଯାଉଛି । ଗୋଡର ଗୋଡ଼ ଖଡ଼ୁ ଆଙ୍ଗୁଳିର ଝୁଣ୍ଟିଆ, ହାତରେ ବାଲା, ବଟଫଳ, ପଇଁଚ ଚୁଡ଼ି, ତାଗା, ଖୁପ, ମୁଣ୍ଡର ଚନ୍ଦ୍ରଝମ୍ପୀ, ମଥାମଣି, ଟିକଲିଚତା, ନାକର ନୋଲକ, ବସଣ୍ତୀ, ଦଣ୍ଡିଗୁଣା, ଅଣ୍ଟାର ଗୋଠ, ଚନ୍ଦ୍ରହାର ଇତ୍ୟାଦି ତଥା ବେକରେ ସୁନାକଣ୍ଠି ସଜ୍ଜିତ ଧାତବ୍ୟ-ନିର୍ମିତ ଅଙ୍ଗଭୂଷଣରେ ଭୂଷିତା 'ପ୍ରିୟତମା' ମାନେ ମରହଟ୍ଟୀ ଜିସମର ଟେକ ରଖିଛନ୍ତି । ଏମାନେ ନିଜ ନିଜର ସ୍ୱାମୀ-ମାନଙ୍କ ସହ ଖୋଲାବଜାର କଥାବାର୍ତ୍ତା ନକରି ଓଢଣା ଭିତରୁ ଚୁ, ଚୁ କଥା ଶାବଦିକ ପ୍ରୟୋଗ କ୍ରମେ ସୁରୁ କରି ଦିଅନ୍ତି । ବିବାହ ବେଦୀର ହାତଗଣ୍ଠି ବେଳଠାରୁ ତୃତୀୟ ସନ୍ତାନରୁ ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଅବଧି ସ୍ୱାମୀମୁଖ ଦର୍ଶନ ନକରିବା ଏମା-ନଙ୍କର ଗୋଟାଏ ବିଶେଷ ହାସଲିତ-ଗୁଣ ( Acquired qua-lity ) । ଅଲ୍ଲୋଚ ସ୍ୱରରେ କଥା କହିବାରେ ଏହି ଜିସମର ପ୍ରିୟତମା ମାନେହିଁ ବିଶେଷ ସମ୍ମାନ ( Honours ) ଲାଭ କରି ଥାନ୍ତି । ଶଗଡ଼ିଆ ସାହିର ଗାଡ଼ିବୁଢ଼ା ବଳଦ ଭଳି ଏମାନେ ବେଶ୍ ସହିଷ୍ଣୁ ହୋଇ ପାରନ୍ତି କିନ୍ତୁ ଅକସ୍ମାତେ ସମରପ୍ରାଙ୍ଗଣେ ଅବତୀର୍ଣ୍ଣ ହେଲେ ମହାମାୟା ରୂପ ଧାରଣ କରି ହସ୍ତ, ପଦ, ଦନ୍ତ ଚାଳନା କରି ଶତ୍ରୁକୁ ପୂରା ଡାଉନ୍ (Down) କରାଇ ଦେବେ । ୧୯୪୫ ମସିହାର ୨ୟ ମହାଯୁଦ୍ଧ ଖତମ୍ ହୋଇ ଯିବାପରେ ଏ ଜିସମ୍ର 'ପ୍ରିୟତମା' ମାନଙ୍କର ଆଦର ମାର୍କେଟରେ ଏକଦମ ଖସିପଡ଼ିଲା ।

ସାର, ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ ବିଲାତର ବଡ଼ ମଂତ୍ରୀ ଗାଦି ଛାଡ଼ିବା ପରେ ଏମାନଙ୍କର ଟାଣପଣ ଆଉ ରହିଲା ନାହିଁ । ଡେଣିକି କ୍ରମେ ହାଇହିଲ୍ ବାଲି ଉପରକୁ ଉଠିଲେ ।

୪୭ ମସିହାର ସ୍ୱାଧୀନତା ପାଇବା ବେଳକୁ ଅବସ୍ଥା ପୁରା ବଦଳି ଯାଇଥାଏ । ସୂତାସଙ୍ଗ, ଆଲୋଚନା ସଭା, କାର୍ଯ୍ୟକାରୀ କମିଟି ବୈଠକ, ନୈଶ ବିଦ୍ୟାଳୟ ସଂଗଠନ ଇତ୍ୟାଦି କାମରେ ଆଧୁନିକା ( modernites )ମାନେ ଆଗେଇ ଆସିଲେ । ମଝିହାଟି ମାନେ ସିନ୍ଦୂର ଉପରେ ଯେଉଁ ଗୁରୁତ୍ୱ ଦେଉଥିଲେ, ଆଧୁନିକା ମାନେ ତାକୁ ବାଦ ଦେଇ କୁଙ୍କୁମ ଅଡ଼କୁ ଆଖି ପକାଇଲେ । ହାତର କାଚ ଯାହାକି ପୂର୍ବରୁ ୧୨ ପଟରୁ ୧୬ ପଟ ଯାଏ ରହୁଥିଲା କ୍ରମଶଃ ତାହା ଦୁଇପଟକୁ ଖସି ଆସିଲା । ଓଢ଼ଣାକୁ କ୍ୟାପୁଲ କରାଗଲା ଏଇ ମଝିବାଟରେ ଆଧୁନିକା ମାନଙ୍କ ମନ ପସନ୍ଦ ହେବା ଭଳି କେତେଟା ନୂଆ ଡିଜାଇନର ଲେଡ଼ିଜ ଚପଲ ତିଆରି କରି ବାଟା କମ୍ପାନି କିଛି ପଇସା ଉଠେଇ ନେଲେ । ଏହି ଆଧୁନିକା ମାନଙ୍କ ମଧ୍ୟରୁ କେହି କେହି ମଧ୍ୟ ସିଗାରେଟ୍ ଖାଇବାର ଖବର ମିଳିଥିଲା । ସ୍କୁଲ୍, କଲେଜ, ସିନେମା, କ୍ଲବ୍, ଖେଳ ପଡ଼ିଆ ଇତ୍ୟାଦିରେ ଆଧୁନିକା ମାନଙ୍କର ବହୁ ପରିମାଣରେ ଆବିର୍ଭାବ ଫଳରେ କ୍ରମେ ଗୋଟାଏ ଗହଳିଆ 'ଫ୍ରେଣ୍ଡସିପ୍' ଜମିଲା । ୧୯୪୭ ରୁ ୬୨ ଯାଏ ପନ୍ଦରବର୍ଷ କାଳ ଏମାନେ ସବୁ କ୍ଷେତ୍ରରେ ମାତିଲେ । ବସହେଠଷ୍ଟ୍ରୀଟ ଦେଖନ୍ତୁ, ସ୍କୁଲରେ ଦେଖନ୍ତୁ ବଡ଼ ବଡ଼ ଦୋକାନରେ ଦେଖନ୍ତୁ, ରେଡ଼ିଓ ଷ୍ଟେସନରେ ଦେଖନ୍ତୁ ରାଜନୈତିକ ଦଳ ଭିତରେ ଦେଖନ୍ତୁ ସବୁଠାରେ ଏଇମାନେ ହେଲେ ଆକର୍ଷଣର ବସ୍ତୁ ନିରୁପା ରାୟଙ୍କୁ ବାଦଦେଲେ ଅନ୍ୟ କୌଣସି ଆଧୁନିକା ଚିତ୍ର ତାରକାମାନେ ପୌରାଣିକ ଫିଲ୍ମରେ ଅଭିନୟ କରିବା ପାଇଁ

ଚିଳଏ ଅମଙ୍ଗ ହେଉଥିଲେ ।

୧୯୬୨ ମସିହା ପରେ ପରେ ଦେଶ ଭିତରେ ଯେପରି ଗୋଟାଏ ବଗାଟ ଝଡ଼ ବହିଗଲା । ସାଏରବାନୁ, ଅମୀତାଗୁହ, ସନ୍ଧ୍ୟା ମୁଖର୍ଜି, ସାଧନା ଇତ୍ୟାଦି ଆସିଗଲାପରେ ନର୍ଗୀ, ମଧୁବାଲା ମାନେ ପଛକୁ ପଡ଼ିଗଲେ । ବାସ୍ତବରେ ଅତ୍ୟାଧୁନିକା ( ultra modernites ) ମାନଙ୍କର ଆରମ୍ଭ ଏଇଠୁ ହେଲା । ମୁଣ୍ଡର ଜୁଡ଼ାରୁ ଅଧେ କଟିଗଲା ପିଠି ଖାଲର ବ୍ଲାଉଜ୍‌ଟା ନ ଦୁଶି ପିଠିର ଗୋଟାଏ ଅଂଶ ଦୁଶିଲା ହାତରୁ କାଚ ଉଭେଇଗଲା ଇତ୍ୟାଦି । 'ଲଭ୍ ଇନ୍ ଟୋକିଓ' ଛବି ସାରା ଭାରତର ଫେସନ କ୍ଷେତ୍ରକୁ ଗୋଟାଏ ଐତିହାସିକ ପରିବର୍ତ୍ତନ ଆଣିଦେଲା । ଆଦଶାର ଚେଷ୍ଟାରେ କାନ୍ଦର ଉପରାଂଶ, ସଂପୂର୍ଣ୍ଣ ବେକ ଓ କେଶର ପ୍ରାନ୍ତ ଛନେ ଛନେ 'ଲଭଇନ ଟୋକିଓ' ମାଳର ମିଳନ ବ୍ୟବସ୍ଥାଟାକୁ ଜନସାଧାରଣଙ୍କ ଆଖି ଆଗରେ ଉହଦହ ଦେଖାଇ ହେବାର ଚେଷ୍ଟା 'ଅତ୍ୟାଧୁନିକା ପ୍ରିୟତମା' ମାନେ କରିବାରେ ଲାଗିପଡ଼ିଲେ । ନାଇଲନ ଯାଇଥିଲା, ଟେର୍ଲିନ ଅସିଥିଲା, ସିଏ ବି ଏତେ ଶୀଘ୍ର ଗୁଳିପିବ ବୋଲି କେହି ଭାବି ନଥିଲେ । ଅସିଲା ଡାର୍ଲିନ ଶାଢ଼ି । ନାଲି ଧଡ଼ି, ନାଲି ପାଢ଼ୀ, ନାଲି ଆଞ୍ଚଳ, ମୁଣ୍ଡେ ଝୁଡା, ମଠା, ପାଟ ବା ବନାରସୀ, ବରହମପୁରୀ, ଢାକାଇ । ଛପା ପୋଷାକ, ଗୁପିଗୁପି ଗୁଳି, ଗୁଳିଶ ପଇସାର ଗ୍ଲେଟ ପଇସା ସାଙ୍ଗରେ ଗୁରିଟଙ୍କା ବାଉଣିଆ ହାତ-ମୁଣି ଖଣ୍ଡିକ ସହ ଗୁରୁ-ଚନ୍ଦ୍ରାନନା-ଚଂପକବରଣୀ ଗୁନ୍ନୀଚୌକ ବସଷ୍ଟାଣ୍ଡରେ ଗୁହିଁ ବସିଛନ୍ତି ବସକୁ । ସେତେବେଳେ ଶିଖିନାହାନ୍ତି ସେତେବେଳେ ଘର ବି ନାହିଁ । ଖାଇବା ଗଣ୍ଡାକ ସିଲଭର-ଥାଳ ଭିତରେ ଧରା ହୋଇଛି ହାତରେ । ନହାତ ମାଆ ହେବାର ଦରକାର ପଡ଼ିବା ପରେ କଅଁଳା ପିଲାଟି ବୋତଲରେ ମୁହଁ ଲଗେଇଛି ଗ୍ଲାକସୋ

ଅମୂଲ୍ ଚନ୍ଦ୍ରାଦାମରେ ଗୃଲିଛନ୍ତି ବଜାରରେ । ଦେହର ସୌନ୍ଦର୍ଯ୍ୟ ପାଇଁ, ଷ୍ଟାଇଲ ଶିଖିବା ପାଇଁ ମକରବା ସାବ୍ଧର କରସ୍ତାନ ଝିଅଙ୍କ ସାଙ୍ଗରେ ତାଳ ଦେବାକୁ କାହାରି ପଣ୍ଡୁଛନ୍ତି ଶଂକରପୁର ସାଉଘର ଝିଏ ।

କଟକର ରେଲଷ୍ଟେସନ ଲେଭଲ କ୍ରସିଂ ବନ୍ଦଥିବାବେଳର ବରକ୍ତ ଏଠି ଚଲିବ ନାହିଁ ବାବୁ, ହଡ଼ଚଣା ରିକସା ଗଲା, ସାଇକେଲ୍, ରିକସା ଯାଉଛି, ଆସିଛି ଟାକ୍ସି ଓ ସ୍କୁଟର ଯୁଗ । ଅତ୍ୟାଧୁନିକା ପ୍ରିୟତମାଙ୍କୁ ସ୍କୁଟରର ପଛପାଖରେ ବସାଇ, ନିଜର କାନ୍ଧକୁ ତାଙ୍କର କୋମଳ-ହସ୍ତରେ ଧରାଇ, ତାଙ୍କ ଆଖିରେ ଗୋଟାଏ କଳା ଅନ୍ଧାରିଆ ଚଶମା ମଡ଼ାଇ, ଫୁଡ଼-ର-ର କରା ବାହାର ଯାଆନ୍ତୁ ରାସ୍ତା ଉପରେ, ଜାତୀୟ ସଙ୍ଗୀତ ହେଲା 'ଜନଗଣ-ମନ', କିନ୍ତୁ ସାର୍ବୀୟ ସଙ୍ଗୀତ କଣ ଜାଣନ୍ତି 'ବୋଲ ରାଧା ବୋଲ, ସଙ୍ଗମ୍' ଓଡ଼ିଆରେ 'କଳିଯୁଗର କୃଷ୍ଣମୁକ୍ତି' ।

ଅବଶେଷରେ ସେମାନଙ୍କୁ ଓ ତାଙ୍କ ମାନଙ୍କର ଆପଣମାନଙ୍କୁ ଆମ୍ଭ ତରଫରୁ ଧନ୍ୟବାଦ ଦେଇ ଏ ପ୍ରସଙ୍ଗ ସାଙ୍ଗ କଲୁ

—o—

# ଭଦ୍ରଖୀ ବର୍ତ୍ତି

ମୋତିଗଞ୍ଜ ବଜାର ମୋଡ଼ ଉପରେ ଲୋକ ଏକଦମ୍ ଜାମ୍ ଥାନ୍ତି, ଲୁଣ ସୋରିଷ ପକେଇବାକୁ ସ୍ଥା ନଥାଏ । ମୁର୍ଦ୍ଧାରିକୁ ଆଶା ଉଙ୍କିଥିବା ଫୁଲ୍ ଶାଗୁଣାମାନେ ଯେପରି ଖଣ୍ଡି ଉଡ଼ା ଦିଅନ୍ତି, ଅବସ୍ଥାଟା ସେ ରୂପ ଥିବାର ଦେଖାଗଲା । ଆଗରେ ଚାଲିଥାନ୍ତି ଦଶଟି ଅଧୁଆରା ଟୋକା । ଠିକ୍ ଟୋକା କହିଲେ ଚଳବନି-ଫିଲ୍ମ-ଯାହାଙ୍କୁ 'ହ୍ରେକଡ଼ା' ଅନ୍ତର୍ଭୁକ୍ତ କରାଯାଏ । ବାଙ୍ଗରା, ମୁଦଗୁରିଆ ସାବନ ବର୍ଣ୍ଣ-ଫତଳା ଟେଡ଼େରା । ମୂଣ୍ଡବାଳ ଝାମ୍ପୁରିଆ । ବର-ହମ୍ ପୂରିଆ ନେଳିଆ ବାଉଜ ସାଙ୍ଗକୁ ହଳଦିଆ ସ୍ଲିକ୍ ଘାଗରା । ଚୁଣ୍ଡରେ ଫିଟ୍ କରାଯାଇଥିବା ଅଲ୍ଲୋଚ କାଷ୍ଟ-ଗୋଲକ ଦ୍ୱୟୋପରି ଶସ୍ତା ନାଇଲନ୍ ଦୋପଟ୍ଟା ପଡ଼ିଥିବାରୁ ଟେଡ଼େରାଟା ଏକଦମ୍ ମାତବରିଆ ହୋଇଥାଏ । ମୁଣ୍ଡର ବେଣୀରେ ବନ୍ଧା ହୋଇଥାଏ ପୁଞ୍ଜେ ଲେଖାଏଁ ଲଭ୍-ଇନ-ଟୋକିଓ ଭଣ୍ଡି । ଗୋଡ଼ରେ ପାଞ୍ଝୋଟି ଘୁଙ୍ଗୁର, ହାତରେ ମାଳେ ଲେଖାଏଁ ଚଂପାଫୁଲ୍, କଟିଟି ସ୍ଥିର ପାଖରେ ଗୁଡ଼ିଆ ହୋଇ ଥାଏ । ଝୁମୁଝୁମୁ ଶବ୍ଦ ବିଶିଷ୍ଟ ଏହି ଦୋ'ଟି ଗୋଟିପିଲାଙ୍କ ପଛରେ ଗୋଟିଏ ଧୁମ୍ର-ପ୍ରେମୀ ବାହ୍ଲମା କାଲେଶ୍ୱର ସହର ଭିତରକୁ ଆଗେଇ ଚାଲିଥାନ୍ତି ଠିକ୍ ଯେପରି ପାନପଥ୍

ଯୁଦ୍ଧକୁ ଇବ୍ରାହିମ୍ ଲୋଦିଙ୍କ ଟଲେଣ୍ଟଣ ଯାଉଥିଲେ । ୧୬ ଶହ ଶତାବ୍ଦୀରେ ମୋଗଲ ସୈନ୍ୟ ମାନଙ୍କ ବନ୍ଧୁକ ବୋହିନେବା ପାଇଁ ନିଯୁକ୍ତ ହୋଇଥିବା ଯାଗିରଖିଆଙ୍କ ଭଳି ତିନିଜଣ ଅର୍ଦ୍ଧମସ୍ତିଆ ବେଲଟେସନ କୁଲି ଗୋଟିଏ ଭାଗରେ ସେକା ହୋଇଥିବା ବଡ଼ି, ଅନ୍ୟ ଭାଗରେ ମାରସା ତରଣି ପାନିଆ, ପ୍ଲାଷ୍ଟିକ ପେଁକାଳି ଏବଂ ଶେଷ ଭାଗରେ ବାଉଁଶ ଡାଲିଆରେ ଫୋପଲିଲ ହୋଇ ଉଆର ହୋଇ ମାଟିଆ କାଗଜ ଗୁଣ୍ଡିଆ ଏକ ଭଦ୍ରିକ ସ୍ୱତନ୍ତ୍ର ବଡ଼ି-ସଂସ୍କରଣ ଧରି ଗୁଳିଥାନ୍ତି । ଲଢ଼ର ପ୍ରଥମ ଯୁଦ୍ଧରେ ଏ ଅସ୍ତ୍ର ଶସ୍ତ୍ର ସମାନ ୧୯୬୭ ଶ୍ରେଷ୍ଠ ବେକରର 'ଅମୋଘାସ୍ତ୍ର' । କଳାହାଣ୍ଡିଆ ମେଘ ଉଠାଇ ପବନ ବୋହିବା ବନ୍ଦ ହୋଇଗଲେ ବର୍ଷା ଯେମିତି ଏତେ ଏତେ ଟୋପା ବର୍ଷିଯାଏ ଠିକ୍ ସେହିପରି ଗୋଟିପିଲା ଯୋଡ଼ିକ ଲୁକ ଉପରେ ନାଚ ଆରମ୍ଭ କରିଦେଲେ । ପକ୍ଷୀଚଟା ପରି ଡେଣା ହଲାଇ, ଅଣ୍ଟା ଦୋହଲାଇ 'ଝୁମରୁ, ଝୁମରୁ, ଝୁମ' 'ଝୁମରୁ, ଝୁମରୁ ଝୁମ' ଠିକ ତା ପଛକୁ ପଛ ଲାଗି ରହିଯାଇଥାଏ ଗୀତ 'ବାବୁ ଭଦ୍ରଖି ବଡ଼ି, ବାବୁ ଭଦ୍ର-କଁ କଁ, କଁ କଁ. କଁ କଁ । ଯୁଆକୁ ଯିଏ ହର୍ଦ୍ଦମ ପଏ ( ତା ) ହମାର ଯାଏ ଗୁଣ୍ଡବାବୁ......ହୁଁ ହୁଁ, ହୁଁ ହୁଁ, ହୁଁ ହୁଁ ।' ଝୁମରୁ, ଝୁମରୁ, ଝୁମ । ସତେ ଯେପରି ଜଗାଇ ମାଧାଇ ହରି ସଂକୀର୍ତ୍ତନ ପ୍ରେମରେ ନବଦ୍ୱୀପର ରାଜ ଦାଣ୍ଡରେ ହରିନାମ ଜପୁଛନ୍ତି-ପ୍ରେମ ସେ ।

ବାହାଘର ଭୋଜିର ସେଇଟି ମାଛଭଜା ପରଶା ହେବା ବେଳେ ଝୋଳ ଅପେକ୍ଷାରେ ହାତଟେକି ବସିରହିଥିବା ଭୋଜନ-ପ୍ରେମୀମାନେ ଯେତେବେଳେ ଆପଣା ସମ୍ମୁଖରେ କଂଗ୍ରେସୋରସ-ମାଲପା-ଲ୍ୱସିତ ମାଛ-ଝୋଳ ପରିବେଷିତ ହେବାର ଦେଖନ୍ତି ସେତେବେଳେପୂର୍ବରୁ

ଆପଣାର ପଛ-ପାର୍ଶ୍ୱସ୍ଥ ମାଛ ଭଜା ଖଣ୍ଡ ମାନଙ୍କର କସ୍ତୁରୀଂଶ ଦାନ୍ତରେ ଭାଙ୍ଗି ପ୍ରୋକ୍ତ ଝୋଳରେ ବୁଡ଼ାଇ ନିତାନ୍ତ ତ' ଗ୍ରହଥାଇ ଗୁଟିପକାନ୍ତି । ସେହି ଯେପରି କେତେକ ହରିଣ ପ୍ରେମିକା ଆପଣାର ପୂର୍ବ ପ୍ରେମିକଙ୍କର ପ୍ରେମ-ପତ୍ରରୁ ପ୍ରେମ ସୁଧାନିଧି ଅଣ୍ଡାଳୁଛନ୍ତି । ଚଙ୍ଗ ପିଲାମାନଙ୍କର ଝୁମ୍ପୁରୀ ନାଚ ଏମନ୍ତ ସୁନ୍ଦର ଭାବେ ଚାଲିଥାଏ ଯେ ଦେଖିବା ଲୋକେ କେବଳ ବେସବୁର ହୋଇ ଗଲେଣି । ସମସ୍ତ ଦେଖଣା ହାସ୍ୟଙ୍କ ଭିତରୁ ଅଧାଅଧି କେବଳ ମୁଣ୍ଡ ହଲାଇ ତାଳ ଦେଉଥାନ୍ତି । କେତେ କମିଷ୍ଟ ଗୋଡ଼ ପାପୁଲିକୁ ମାଟିରେ କଚାଡ଼ି ଆପଣାର ମନର 'ମିଲନକ' ସହ ବାଦ୍ୟ-ସଂଗୀତର ସ୍ୱର-ଶୃଙ୍ଗାର ସୃଷ୍ଟି କରୁଛନ୍ତି । ଅଳ୍ପ ରସିକ ଅଥବା ସଂଗୀତାନଭିଜ୍ଞ ରସିକମାନେ ମଧ୍ୟ ନିଜର ରସିକତା ଦେଖାଇହେବା ପାଇଁ ଫୁଟଙ୍କା ସାହାଯ୍ୟରେ ପୃଷ୍ଠଘାତ ଚଳେଇ ଥାନ୍ତି ।

ଗୋଟିପିଲା ମାନେ ବଣିଆଙ୍ଗୁଳି ଓ ବୁଢ଼ାଆଙ୍ଗୁଳି ଟିପରେ ଆପଣା ଆପଣାର ହଳଦିଆ ଘାଗରାକୁ ଅଳ୍ପ ଟେକ ଦେଇ ପାଞ୍ଚ-ଛଅ ଘେରା ଘୂରି ଯାଉଥାଆନ୍ତି । ଲେଏ ମଜା, ନଅ ତାଳ ମାଡ଼ । ବୁଢ଼ା ମଙ୍ଗଳଜୀ କରାମତ ମିଆଁ ହାତ ଟେକି ଉଚ୍ଚ ସ୍ୱରରେ ଗାଇ-ଥାନ୍ତି "ସାଓ୍ୱାସ ନାଚଓ୍ୱାଲି । ଅଉର ନାଚେ" । ବାଡ଼ି କଂପାନୀର ମେନେଜର ଅବସ୍ଥାଟା ଉପରେ ଧ୍ୟାନ ରଖିଥିଲେ । ସେ ଦେଖିଲେ ବେଳ ଠିକ୍ ଆସିଯାଇଛି । ନାଚ ଭିଡ଼ରେ ବାଦ୍ୟ-ପ୍ରେମୀ ମାନେ ଏକାବେଳକେ ବୁଡ଼ି ରହିଛନ୍ତି । ମହାନଦୀର ଜ୍ୟୋତ୍ସ୍ନା ଭିତରେ ମାନସିଂ ଯେପରି ଉବୁଟୁବୁ ହୋଉଥିଲେ । ସେଇ ବେଳଟା ହେଲା ଅସଲ୍ ବେଳ । କେବଳ ଠଉରାଇବା କଥା । ଯାହା ସମସ୍ତେ ସହଜେ ପାରନ୍ତିନି । ଜିନଷଟା ଖରାପ ହେଲା ପଛକେ ପଚାଶ ଲୋକ

ପସନ୍ଦ କରୁଛନ୍ତି ତ ଗଲା ଗୁଲ । ଆସିଲା ଗାନ୍ଧିଯୁଗ, ଗୁଲ୍ଲା ବନ୍ଦୀ ଗାନ୍ଧିଟୋପୀ, କହରଜାକେଟି । ଆସିଲା ଇନ୍ଦ୍ରା ଯୁଗ ଉଠିଲା ହରେକସମ୍ ଫେସନ୍ । ମଜକା ଦେଖିବା ଅସଲ କଥା । ମଜକା ଲକ୍ଷ୍ୟ କରି ଭକ୍ତ ବଂଶମାଳ ମେନେଜର ବଡ଼-ବୁଢ଼ା-ଭାଇଆଙ୍କ ପଛ ଆଡ଼କୁ ଆଖି ଠାରି ମାରିଲେ । ଏହା ଠାରଟା ଥିଲା ସୂଚନା । କେହି ଲକ୍ଷ୍ୟ କରି ପାରିଲେ ନାହିଁ । ନାଚ ଆଉରି ଜୋରରେ ଆରମ୍ଭ ହେଲା ।

ଭକ୍ତ ଭିତରକୁ ପଶି ଆସିଲା ସେ ହାଏ ଟ୍ରାଫିକ ଝୋଲମ୍ । ଟ୍ରେନିଂ ପରୀକ୍ଷା ଦେଉଥିବା ଗୃହିଣୀମାନଙ୍କ ପରୀକ୍ଷା କେନ୍ଦ୍ରରେ ସାହାଯ୍ୟ କରିବା ପାଇଁ ଠେକା ଗୁରୁଜୀମାନେ ଯେଉଁପରି ହାକର ହାକର ହୁଅନ୍ତି, ପୁଲିସ କନେଷ୍ଟବଳ ହରିଗ ସୁବିଧାରେ ନାଚ ଦେଖିବା ବାହାନାରେ ଭକ୍ତାନ୍ତର୍ଗତ ଅଞ୍ଚଳକୁ ପ୍ରବେଶ କଲା । ମାଛି ପଶିବାକୁ ବାଟ ନାହିଁ । ପୁରୀପୁରି ରାସ୍ତା ବନ୍ଦ । ପୋଲିସ ବାଲା ପାଟି କଲା । ଆରେ ଏ ବଡ଼ଙ୍କା ରାସ୍ତା, ବନ ରୋଜମେଁ କାଏକା ଝମେଲା କରତା । ମେନେଜର ସେ ହଠକରି କୋଇ ଦୁସ୍ରୀ ଜଗହ-ପର ନାଚୋ । ନହିଁ ତୋ ପାଁଚ ଆଇନ୍ ମେ ଫସା ଦୁଁଗା । ହଁ । ସମଝା? ଘ୍ରକୁ ଶାବକମାନେ ଯେପରି ଉପଣାର ଠିକ ଠିକ ଗୋଡ଼ ଉପରେ ନର୍ଭର ରଖି କେବଳ ଗୁଡ଼୍ ଗୁଡ଼୍ ଦଉଡ଼ିବାରେ ଲାଗିଥାନ୍ତି, ଭକ୍ତ ପ୍ରେମୀ ଜନତା ତଦ୍ଵଗତ ନାଚ ଓ ଗୀତ ଉପରେ ଲକ୍ଷ୍ୟ ରଖିଥାନ୍ତି । ପୋଲିସର ବେଦମ ପାନି କାହାରକୁ ଶୁଭିଲା ନାହିଁ । ବରଂ ଜଗମତ ମିଆଁଙ୍କର 'ଇନକୋଲି' ଶବ୍ଦ ମୋଷ୍ଟ-ଗଞ୍ଜ ବଜାରକୁ କମ୍ପାଇ ଦେଉଥାଏ । ଉପନବାଚନର ଚବିଶ ଘଣ୍ଟା ପୂର୍ବର ଶେଷ ସଭାର ସମାପ୍ତ ପରି ଭକ୍ତ ବାଦ୍ୟବୃନ୍ଦ ଓ ନାଟ୍ୟ-ରଙ୍ଗ ମାତି କରୁଥାଏ ।

କନେଷ୍ଟବଳ ଗର୍ଜି ଉଠିଲା । ସଦର ଥାନା ଇଲାକା, ପୁଣି ଟାଉନ ଭିତର । ଏତେ ଦେଖାଉଛ ପୋଲିସ ପ୍ରଭୁ । ରାସ୍ତା ବନ୍ଦ । ଏପାଖ ସେପାଖ ପଥଚାରୀ, ସାଇକେଲ, ଘୋଡ଼ାଗାଡ଼ି, ରିକ୍ସା, ବଳଦ ଗାଡ଼ି ଜମିଗଲେଣି । ନାଟସାହେବ ଆସି ବାଟ କଲେ ବି ଏତେ ସମସ୍ତ ରାସ୍ତା ବନ୍ଦ ରହେନା । ସାମାନ୍ୟ ଢୋଲ ଆଉ ଝାଇଜ କରି ଅଧ ଅଧ ଘଣ୍ଟେ ମେନରୋଡ଼ ବନ୍ଦ କରି ଦେବେ । ଏତେ ସାହସ ।

'ମତ୍ ମାରୋ, ଏ ନାଚ ଓ୍ୱାଲା । ରସ୍ତାକେ ଉପର, କେମ୍ବୁର ନାଚନା କେକ ନୁମା ବାତ୍ ହେ । ଉଠ ଯାଓ ରାସ୍ତା କି ଉପର ସେ । ଅବଭି କିଲ୍ ଦ କର ଦୋ ରାସ୍ତା ନେହିଁ ତୋ ପକଡ଼ି ଲେକର ଫାଣ୍ଡି ମେ ଡ଼ୁକାଉଁଗା । କ୍ୟା ମାଲୁମ ହୋତେହଇନ । କୋଇଭି ଖାତର ଆତେନା ପୁଲିସ କା ବାତ' । କନେଷ୍ଟବଳର ପାଟି କାହାରିକୁ ଏତେ ଟିକେ ଘୁଞ୍ଚାଇ ପାରିଲାନି । କାହାରି ବେଳ ନଥାଏ । ଠିକ ସେତିକି ବେଳେ ଗୋଟି-ପିଲା ଦକ୍ଷିଣୀ-ଚମ୍ପୁ ଉପରେ ତାଳ ପକାଉଥାଏ ।

'ଆହା ମୋ ଶ୍ୟାମଘନ ଭଦ୍ରିଖି ବଣ୍ଡ ବର୍ଣ୍ଣ
ନେପାଳୀ ଜର୍ଦା ମନ କେନ୍ଦୁପତ୍ର ନୟନ-ରେ-ଏ-ଏ'

'ଆରେ ଓ୍ୱା, ଓ୍ୱାଃ । ସାଲା କମାଲ କିୟାରେ' ମାରୁଆଡ଼ି ଟୋକା ବି ଚଳେଇବାରେ ଲାଗିଥାଏ । ଏମନ୍ତ ନାଚ ମୋତିଗଞ୍ଜ ବଜାରରେ ଦେଖା ନଥିଲା । ହଜାର ହଜାର ଟଙ୍କା ଖରଚ କରି ବଡ଼ିଆ ଯାତ୍ରା ପାର୍ଟି ଆଣି ଯାତ୍ରା କରାଯାଇଛି କିନ୍ତୁ ଏ ନାଚ ସେମାନେ ଦେଖାଇ ପାରିନାହାନ୍ତି । ସାରା ମୋତିଗଞ୍ଜ ବଜାରର ଅନ୍ଦରମହଲ ଓ ବାହାରମହଲ ଉଭୟତଃ ବଣ୍ଡ-ନାଚର ପ୍ରଭାବ ଜମିଯାଇଥାଏ ।

କନେଷ୍ଟବଳ ଝଟପଟ୍ ପୁଣି ଜୋର କରି ଡାକେ ମାରିଲା 'ଏ ନାଚର୍ଓ୍ୱାଲା, ବାଡ଼ିକି ଚାଲିଯା । ମତ୍ ନାରୋ' ପ୍ରବଳ ପ୍ରତିବାଦ ହେଲା ବାଡ଼ିପ୍ରେମୀ ଜନତାଙ୍କ ଭିତରୁ ।

'କ୍ୟା ବୋଲା ? ନାଚର୍ଓ୍ୱାଲା ? ଦୁସରିବାର ବୋଲୋ ତୋ ତୁମ୍ହାରା ମଗଜ ଗୁମ ବନା ଦୁଁଗା ।

ଚକଚକ କରୁଥିବା ଶାଣଦିଆ ଧାରୁଆ କଟୁରି ଦେଖି କେ-ଶରପୁର କତଲଖାନାର ମାଉଟ୍ରେକ ମାନେ ଯେପରି କାତର ଯାଆନ୍ତି ଝଟପଟ୍ କନେଷ୍ଟବଳ ସେଇପରି ହେଲା । ସାମାନ୍ୟ ଟିକିଏ ବେଅଡ଼ା ହୋଇଗଲେ ବାଡ଼ି ସିଗ୍ରେଟ ପ୍ରେମୀ ଗ୍ରାହକଗଣ ଯଦି ଯୋଗିଯାଆନ୍ତି ତେବେ ତାଙ୍କ ସାଙ୍ଗରେ ପଡ଼ୁଁକ ଲୋକେ ମିଶିଯିବେ । ତେଣିକି ହେଲା ଜୋରା ବୃଷ୍ଟି, ଢେଲା ପଥର, ଧର୍ମଘଟ, ଲୁହବୁହାଗ୍ୟାସ, ଲାଠି, ଗୁଳି । ବରଂ ବାଡ଼ିବାଲାଙ୍କ ସଙ୍ଗେ ଦୋସ୍ତି ରଖିଲେ ଲାଭ ଅଛି । ଖାଁଟି ବଣ୍ଟିଲ ବାଡ଼ି ମାଗଣା ମିଳିବ । ସତକୁ ସତ କନେଷ୍ଟବଳର ଡାହାଣ ହାତ ଭିତରେ ଗୋଟିଏ ବଣ୍ଟିଲ ସ୍ପେଶାଲ ବାଡ଼ି ଦେଖାଗଲା । କଣ୍ଡରେ ଠିଆ ହୋଇ, ବାଆଁ ବେଣ୍ଟିଆ ଛାତି ଉପରେ ହାତ ଲଗେଇ ଗୋଟିଏ ବଡ଼ ଠାଣୁଆ ଏ ଝାଡ଼ୁଛି । ନାଚ ଠିକ ପୂର୍ବପରି ଚାଲିଥାଏ ।

ଯେମେ କରତାଳି ବର୍ଷା ହୋଇଗଲା ପରେ ନଈ ନାଳରେ ଯେପରି ଗୋଳିଆ ପାଣି ଗଡ଼ି ଆସେ, ହଠାତ୍ ଗୀତ ବନ୍ଦ ହୋଇ ଯାଇ ଆରମ୍ଭ ହେଲା ପ୍ରଚାର । ଆପଣାର କାଫସ୍ଥ ମାଇକକୁ ଟେକିଧରି ଜଣେ ପ୍ରଚାରକ ନିକଟସ୍ଥ ନମ୍ବୋଦର ପାନ ଦୋକାନ ସମୀପରେ ଥିବା ଉଁଚୁ ବାରଣ୍ଡା ଉପରକୁ ଉଠିଲେ ।

ତାଙ୍କ ପାଖରେ ଗୋଟେ ଓ'ପାଦ୍ଧୁଆ ଉଷରେ ପାଞ୍ଚଇଞ୍ଚ ଲମ୍ବ, ଏକ-ଇଞ୍ଚ ଗୋଲେଇର ବଶିଷ୍ଟ ଗୋଟାଏ ବଡ଼ି ରଖା ହୋଇଥାଏ । ଇସ୍କୁଲ ଇନସ୍‌ପେକ୍ଟର ମାନେ ଦୈବଗସ୍ତ କଲାବେଳେ ହଠାତ୍ ଅଙ୍କ ସାର୍ ମାନେ ଯେପରି ଚକ୍‌ଖଡ଼ିକୁ ଟେକିଧରି କଳାପଟା ଆଡ଼କୁ ତାଳପଡ଼ ଅଙ୍କ କଷିବା କାଇଦା ଦେଖାଇ ଦୁଅନ୍ତି ପ୍ରୋକ୍ତ ବଡ଼ି-ବିଶାରଦ ପୂର୍ବୋକ୍ତ ନମୁନା ବଡ଼ି ଆଡ଼କୁ ଆପଣାର ଡାହାଣ ହାତର ବଣି ଅଙ୍ଗୁଳିକୁ ସୋଜା କରି ଦେଖାଇ ଦେଇ ଆରମ୍ଭ କଲେ ।

"ସାର୍‌ମାନେ, ଲେଡ଼ିଜ ଏଣ୍ଡ ଜେଣ୍ଟଲ୍‌ମାନ, ମୋ ଆଡ଼େ ଦୟାକରି ଦେଖନ୍ତୁ । ମୋର କେଇପଦ କଥା ଅନ୍ତର ସଖେ ଶୁଣନ୍ତୁ, ଆପଣମାନେ ଏଣ୍ଡିଆ ଫେମସ ଭଦରଖି ବଡ଼ିର ଆଡ଼ଭଟାଇଜ୍ ବହୁବାର ଦେଖିଛନ୍ତି-କାନରେ ଶୁଣିଛନ୍ତି । ଅବଶ୍ୟ ଆମେ ଆପଣଙ୍କୁ ସେଇ ଏକଲମ୍ବର ଭଦ୍ରଖି ବଡ଼ି ବିଷୟରେ କିଛୁ କହିବା । ଆମେ ହୋଲ୍ ଏଣ୍ଡିଆ ଟୁର୍-କରିଛୁ । କଲିକତାରେ ସୋନାରବାଂଲା 'ବେହାରର ସେଖ୍ ଇମ୍ପୁ, ଉତ୍ତର ପ୍ରଦେଶର 'ଅନାରକାଲି', ଦେହଲୀର 'ଲାଲଗୁଲାଲ', କାଶ୍ମୀରର ଗଚ୍‌ଛ ଗୁହମା ଇତ୍ୟାଦି ଏସ୍ତ୍ର, ଅସ୍ତ୍ର, ନାମୀ କୁମ୍ପାନୀର ବଡ଼ି ପିଇଛୁ । ଫିରଭି ଟ୍ରେନିଂ କେଇ ଉଡ଼ିଶା ମୁଲକରେ ଆଚ୍ଛା କରି ବଡ଼ି ବନୋଉଛୁ ।"

ଏକଲୟରେ ସମସ୍ତେ ଅନେଇଥା'ନ୍ତି, ବଡ଼ିବାଲା ପୁଣି ଆରମ୍ଭ କଲା ଆଉ ଟିକିଏ ଚଢ଼ାଗଳାରେ

"ସାର୍-ଆପଣମାନେଁ ବିଶ୍ୱାସ କରନ୍ତୁ । ଦୁସରା କିସମ ବହୁତ ବଡ଼ି ମୁଲକରେ ଚାଲୁଛି । ହାଇଦ୍ରା ବଡ଼ି, ଅମିପୋଟ ବଡ଼ି, ଢପ'ସା ପେସଲ ବଡ଼ି, ଫୁଲଣସା ବଡ଼ି, ସିଙ୍ଗଲ ଘୋଡ଼ା ମାର୍କା ବଡ଼ି, ଡବଲ ଗାଈ ମାର୍କା ବଡ଼ି, ତିନମଙ୍କି ବଡ଼ି, ହନୁ-ମାନ୍‌ଜୀ ବଡ଼ି, ଗଧଛାପା ବଡ଼ି, ଲେଦେଇରୁ ବଡ଼ି-ସବୁ ଚାଲିଛି । କିନ୍ତୁ ଆପଣ ଜାଣିଛନ୍ତିକି ସାର୍ ? ଖାସ୍ ଭଦ୍ରଖି ବଡ଼ିର ମାର୍କେଟ ହୋଲ୍ ଏଣ୍ଡିଆ-ବର୍ମା. ଲେଙ୍କ ନ.. ମାଲାରେ

ନେପାଳ, କଶ୍ମୀରରେ ଭି ଉଠୁଛି । ହଁ, ଘଡ଼ି ସମ୍ଭାଳ ଚାଲୁଛି ।" କ୍ରମେ ବଡ଼ି-ପ୍ରେମୀଙ୍କ ସଂଖ୍ୟା କମିବାକୁ ଲାଗିଲା । ଛୋଟ ପିଲାଏ କିନ୍ତୁ ଘୁଞ୍ଚିବାର ନାମ ନେଉନ୍ତି । ସମସ୍ତେ ଅନେଇ ଥାଆନ୍ତି ବିଛଣା ଉପରେ ଥିବା ବଡ଼ ବଡ଼ିଟାକୁ, ପୁଣି ପ୍ରଚାର ଚାଲିଲା ।

"ଆପଣ ମାନେ ଜାଣନ୍ତି ବଡ଼ିଟା ଗୋଟେ ସ୍ମୋକ । ଭେରି ବେଷ୍ଟ ଫର୍ ହେଲଥ୍ । କିନ୍ତୁ ଜାଣନ୍ତି କି ସାର୍ ଉଦ୍ଭିଜ୍ଜ ବଡ଼ିର ମସଲା ଭିତରେ ଖାଣ୍ଟି କେଉଁ ଘିଅ, ପିଓର ନେପାଳୀ ଜର୍ଦ୍ଦା । ଅସଲି ହଲମୋହନା ସେଣ୍ଟ । ଏଇ ଜଷ୍ଟ ନାଓ (Just now) ପରୀକ୍ଷା କରିବା ଆସନ୍ତୁ । ଅବ୍ ଭି ଆପଣମାନଙ୍କୁ ଗୋଟିଏ ଲେଖାଁ ସ୍ପେସଲ୍ ଉଦ୍ଭିଜ୍ଜ ବଡ଼ି ଧରାଇ ଦେଉଛି । ମୁଁ ଟାଣିବି-ଆପଣ ବି ଟାଣିବେ । ଦେଖିବା କିପରି ଲାଗୁଛି ।"

ପୁଣି ଲୋକ ଜମିଗଲେ । ଛୋଟ ଛୁଆଗୁଡ଼ାକ ଭିଡ଼ ଭିତରେ ପଶି ହାତ ଟେକୁଥାନ୍ତି; ଗଛକୁ ଆଙ୍କୁଡ଼ି କଟାଇଲା ଭଳି । ବଡ଼ି କମ୍ପାନୀର ତିନିଜଣ କୁଲି ଉପସ୍ଥିତ ଜନତାଙ୍କ ହାତରେ ଗୋଟିଏ ଗୋଟିଏ ବଡ଼ି ଧରାଇବାରେ ଲାଗିଥାନ୍ତି । ସମସ୍ତେ ବଡ଼ିକୁ ଓଠ ଫାଙ୍କରେ ଦେଇ ଅପେକ୍ଷା କଲେ । ମେଂଗୁଏ ପରିବଳା ନଡ଼ିଆକତା ଦଉଡ଼ିର ଅଗ୍ରାଂଶରେ ନିଆଁ ଲଗାଯାଇ ସମସ୍ତଙ୍କ ବଡ଼ିରେ ଲଗା ହେଲା-ଆଉ ଜଣେ କୁଲିଦ୍ୱାରା । ସତେ ଅବା ଗୋଟାଏ ଧୂଆଁର ପଟଆର ଚାଲିଲା ଆକାଶକୁ । ଏକାଥରକେ 'ସୁ-ସୁ-ଭ-ଭ ଟେଢ଼ ଶୁଣି ଧୂଆଁ ଉଠିଲା । କାଶର ଲହର ଓ ଖଁ, ଖାଁ ଶବ୍ଦ ଭୁଶୁଥାଏ ବଡ଼ି ପ୍ରେମୀଙ୍କ ଗହଣରୁ; ଠିକ୍ ସେତିକି ବେଳେ ବଡ଼ି-ବିଷୟକ ସନ୍ଦର୍ଭର ଶେଷ ବକ୍ତବ୍ୟ ଆରମ୍ଭ ହେଲା ।

"ଆଜ୍ଞା-ଧୀରେ ଧୀରେ ଟାଣିଲେ ଟେଷ୍ଟ ପାଇବେ । ଖାଲି ମାଗଣାରେ କଣ 'ଏକ ନମ୍ବର' ଲେବୁଲ ଲଗେଇଛୁ । ପିଲା ଖାଇବ ବୁଢ଼ା ଖାଇବ-ଗର୍ଭିଣୀ ଇସ୍ତିରୀ ଭି ଖାଇବ । ଧରନ୍ତୁ ପିଲାର ପରୀକ୍ଷା ଅଛି । କେତାବରେ ମଗଜ ଥୟ ଧରୁନ । ଗୋଟାଏ ବଣ୍ଡିଲ 'ଷ୍ଟୁଡେଣ୍ଟ

ହେସଲ’ ନେଇ ନିଅନ୍ତୁ । ଅନ୍ୟଥା ଦୋଷ ହଟିଯିବ । ଭଲେଜା ଛପରେ ପ୍ରେଟେଭ୍ ଆସିବନ । ତିନଜଣ ଗବରମେଣ୍ଟ ଇସ୍କୁଲ ମାଷ୍ଟର ସାର୍ଟିଫିକଟ ଦେଇଛନ୍ତି । ଧଇଲୁ-ଅସୁବିଧା ନାମରେ ହାତଭରିଛନ୍ତି-ମଗଜ ଆପଣଙ୍କର ବଗିଡ଼ି ଯାଇଛି । ଆମର ‘ଏକଲମ୍ବର କୁକୁର-ମାର୍କା’ ବଞ୍ଚରୁ କଠାଏ ଧରି ନିଅନ୍ତୁ । ପୁଷ୍ପୁରି ଲଇନ୍‌କୁ ଆସିଯିବେ । ହ କମ, ଓକିଲ, ଡେକଲ; ମାଷ୍ଟର. ଗୁହ, ରେଳ, ମଟର, ଘୋଡ଼ା ଗଧ; କିରାଣୀ, ଏମ୍ ଏଲ, ମେନ୍‌ଷ୍ଟର ସମସ୍ତେ ଖୋଜୁଛନ୍ତି । ଏଇ କେତେଦିନ ତଳେ କେପଟେନ ବସ୍ ଇଷ୍ଟାଣ୍ଡରେ ଆମର ବ୍ରାଂଚ ଖୋଲିଚ ଠିକ ସେକଟ୍ରେଟ ଅଫସ ପାଖ ଗେଟ ଉପରେ ଆମର କୁଂପାନୀ ବୋର୍ଡ଼ ଲଟକା ଅଛି ।”

ଥର୍ଣ୍ଣିଶ୍ୟା କମ୍ପୀର ନଶିବାଳରେ ପଡ଼ି ଗିଳାଇକୁ ଅନାଇଲା ପରି ଛିନଗୁରଟା ମୋଟା ଅନାଇ ରହିଥାନ୍ତି ଭ୍ରାରରେ ବୋଝେଇ ହୋଇ ରହିଥିବା ପ୍ଲାଷ୍ଟିକ କଣ୍ଢେଇ, ଚଉଣିପାନଆ, ହାଣ୍ଡିମାର୍କା ଖାତାକୁ । ବିଜ୍ଞାପନର ନଜର ସେ ଆଡ଼କୁ ପଡ଼ିଯିବାରୁ ସେ ଜୋରରେ ଆରମ୍ଭ କରିଦେଲା ।

“ନିଅନ୍ତୁ ଆଜ୍ଞା ୫ ଡଣ୍ଡିଲ ଡଉ ସଙ୍ଗରେ ଗୋଟେ ପ୍ଲାଷ୍ଟିକ ଚଉଣି ପାନିଆ-୧୦ ଡଣ୍ଡିଲ ନେଲେ ତୋ ଏକସରସାଇଜ୍ ଖାତା ଅଛି-୨୦ ବଣ୍ଡିଲ ପାଇଁ ଗୋଟାଏ ଅଇନା ଅଛି ।” ଧରେ ଯେପରି ଗୋଟାଏ ସୁବର୍ଣ୍ଣ ସୁଯୋଗ ଆସିଗଲା । ମାତ୍ର ଜାଲିମିନଟ ସମୟ ଭିତରେ ଘମାଘୋଟ ଦଉଡ଼ ବଜି ଗଲା । ଟ୍ରାଇନ ଗୁଡ଼ିକ ଛରି ଆସିଲା । ଶ୍ରୀ ଜଗନ୍ନାଥଙ୍କ ଗଜଉଦ୍ଧାରଣ ବେଶ ଦର୍ଶନ କରି ଫେରୁଥିବା ମୁକ୍ତିପଥର ଯାତ୍ରୀମାନେ ସ୍ୱର୍ଗଦ୍ୱାର ଆଡ଼କୁ ମୁହେଁଇଗଲେ । ବଡ଼ ଟାଣିକା ନେକେ ଯେଝା ରାସ୍ତାରେ ଚାଲିଗଲେ । କୁଂପାନୀ ମେନେଜର, ଭାରୁଆ, ନାଚଫିଲ୍ମ ସଂମଣ୍ଡ ଚୋକଡା ଉପରେ ବସିଥାନ୍ତି । ପଇସା ଗଣା ଚାଲିଥାଏ । ନାଚଫିଲଙ୍କ ରଂଗସ୍ଥଳ ଆସୁଥିବା ମୁହଁକୁ ବାଟଚଲା ଲୋକେ ଢନେଇ କଣେଇ ଚାହୁଁଥାନ୍ତି ।

ସତେ ଅବା ବଣକୁକୁଡ଼ା ଧରିବାପାଇଁ କେଳା ଜନ ଜନ ହେଉଛି । "ବଡ଼ଆ ମାର୍କେଟ ଅଛି । ଫେ ମାଧରେ ଥରେ ଆସିଲେ ବି ମାଲ ସପ୍ଲେଯ୍ କରି ହେବନି । ଏଣିକି ଆଉ ପ୍ଲାଷ୍ଟିକ ମାଲ୍ ଅଣି ପ୍ରାଇଜ ଦେବା ଦରକାର ନାହିଁ । ପ୍ରତି ବଣ୍ଡିଲରେ ବି, ନୂଆ ପଇସା ଧରେଇ ଦେଲେ ମାଲ ଠିକ ଗ୍ଲିବ । ବରଂ ଆଉ ଅନ୍ୟଆଡ଼କୁ ମାଲ ନପଠେଇ ପୁରୀ ବାଲେଶ୍ୱର ବଜାରକୁ ଲଗିବା ଭଲ ।"

ବିଖ୍ୟାତ ଗାଳ୍ପିକ ଓ ଔପନ୍ୟାସିକ ଚୌରଚନ୍ଦ୍ର ବାବୁ ଯାଉଥିଲେ—ହଠାତ୍ ଅଟକି ଯାଇ ପଚାରିଲେ "ସାହିତ୍ୟିକମାନଙ୍କ ପାଇଁ କିଛି କିସମର ବହି ଅଛିକି ?"

"ଆଜ୍ଞା, ଜବରର ଅଛି । ଅଯାରକୁ ଅକ୍ଷର, ପଦକୁ ପଦ ମେଳ କରି ବହି କେତାଏ ଲେଖିବା ପାଇଁ ଏକ ଲମ୍ବର ପେସଲ ମଗଜ ବଢ଼ି ଅଛି ।"

ଚୌରଚନ୍ଦ୍ର ବିଗିଡ଼ି ଗଲେ, ମୁହଁଟା ତାଙ୍କର ରାଗରେ ଫୁଲି ଉଠିଲା । କିନ୍ତୁ ଡିଓ ମେନେଜରର ଉସ୍ତାଦ କାଇଦା ସବୁ ସଜାଡ଼ି ନେଲା । ବଣ୍ଡିଲଏ ବଡ଼ ଚୌରଚନ୍ଦ୍ରଙ୍କ ହାତରେ ଗେଞ୍ଜି-ଦେଇ ମେନେଜର ଶୁଣେଇ ଦେଲେ ମାତ୍ର ବଣ୍ଡିଲଟିଏ ଥିଲା । ନେଇ ନଅନ୍ତୁ । "ଦେଖିବେ ପ୍ରତି ଠାଣରେ ମନଭରି କରିଓ୍ୟାଲ ବାହାରିବ । ପ୍ରାଇଜ ବାବଦକୁ ସାତନୂଆ"

ସତରେ ସାବାସ ଭଦ୍ରିକ୍ଷି ବଡ଼ । ବାଉଁଶ ବେଣ୍ଟିଆ ଛତା ଖଣ୍ଡିକ କାଖରେ ଯାକି ଚୌରଚନ୍ଦ୍ର ସିନେମା ରୋଡ଼କୁ ମୁହାଁଇଲେଣି ସେତେବେଳକୁ । ସାତ ନୂଆପଇସାରେ ଦିଆସିଲାଇଟାଏ ମିଳିଯିବ ।

ପାଉଁରୁଟି ଖଣ୍ଡେ ଦାନ୍ତରେ କାମୁଡ଼ି ଧରି ମେନେଜର ଗ୍ଲୁ ଉପରେ ବ୍ରସ୍ ମାରୁଥାଏ ବ୍ରିଟିଶ ସାମ୍ରାଜ୍ୟବାଦର ଶେଷ ଚିହ୍ନ ଯେପରି ଭିକ୍ଟୋରିଆ ମ୍ୟୁଜିଅମ ଭିତରେ ହାଲମାରେ ।

—୦—